

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୩୦ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 30 September 2025

Vol.No. 36 ■ No.259 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ସୀମାରେ ସୁଦୃଢ଼ ହେବ ସମ୍ପର୍କ: ଭାରତ-ଭୁଟାନ ମଧ୍ୟରେ ଚାଲିବ ଟ୍ରେନ



ନୂଆଦିଲ୍ଲୀ,୨୯/୯ : ଭାରତ ଏବଂ ଭୁଟାନ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ, ସୋମବାର ସରକାର ୪,୦୩୩ କୋଟି ମୂଲ୍ୟର ଦୁଇଟି ପ୍ରମୁଖ ରେଳ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ କେବଳ ଦୁଇ ଦେଶ ମଧ୍ୟରେ ସଂଯୋଗକୁ ବୃଦ୍ଧି କରିବ ନାହିଁ ବରଂ ବାଣିଜ୍ୟ, ପର୍ଯ୍ୟଟନ ଏବଂ ଲୋକ-ଲୋକଙ୍କ ମଧ୍ୟରେ ଗତିକୁ ମଧ ସୁଗମ କରିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆପଣ ଏବେ ଟ୍ରେନ୍ ଯୋଗେ ସିଧାସଳଖ ଭୁଟାନ ଯାତ୍ରା କରିପାରିବେ । ପୂର୍ବରୁ ପଶ୍ଚିମବଙ୍ଗର ହାସିମାରାକୁ ଯାଉଥିବା ଏହି ଟ୍ରେନ୍ ଏବେ ସିଧାସଳଖ ଭୁଟାନର ଗେଲେଫୁକୁ ଚାଲିବ । ପ୍ରଥମ ପ୍ରକଳ୍ପ ହେଉଛି ଆସାମର କୋକରାଝାରରୁ ଭୁଟାନର ଗେଲେଫୁ ପର୍ଯ୍ୟନ୍ତ ଏକ ରେଳ ଲାଇନ ନିର୍ମାଣ କରିବା । ଏହି ୬୯ କିଲୋମିଟର ଲାଇନ ପାଇଁ ୩,୪୫୬ କୋଟି ଖର୍ଚ୍ଚ ହେବ। ଦ୍ୱିତୀୟ ପ୍ରକଳ୍ପ ପଶ୍ଚିମବଙ୍ଗର ବନରହାଟକୁ ଭୁଟାନର ସାମତ୍ସେ ସହିତ ସଂଯୋଗ କରିବ । ଏହା ୨୦ କିଲୋମିଟର ଲମ୍ବା ଏବଂ ୫୭୭ କୋଟି ଖର୍ଚ୍ଚ ହେବ । ନିଷ୍ପତ୍ତି ଘୋଷଣା କରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, 'ଭାରତ-ଭୁଟାନ ସମ୍ପର୍କ ନିରନ୍ତର ମଜବୁତ ହେଉଛି । ଭାରତ ହେଉଛି ଭୁଟାନର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର, ଏବଂ ଭାରତୀୟ ବନ୍ଦରଗୁଡ଼ିକ ଏହାର ଅନ୍ତର୍ଜାତୀୟ ବାଣିଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସାମତ୍ସେ ଏବଂ ଗେଲେଫୁ ଭୁଟାନରେ ପ୍ରମୁଖ ରପ୍ତାନି-ଆମଦାନୀ କେନ୍ଦ୍ର, ପ୍ରାୟ ୭୦୦ କିଲୋମିଟର ଲମ୍ବା ଭାରତ-ଭୁଟାନ ସୀମାରେ ବିସ୍ତାରିତ । ଭାରତ ପ୍ରତିଶ୍ରୁତି ଦେଇଛି ଯେ ଭୁଟାନର ଏହି ଅର୍ଥନୈତିକ କେନ୍ଦ୍ରଗୁଡ଼ିକୁ ଉତ୍ତମ ସଂଯୋଗ ପ୍ରଦାନ କରିବା ପାଇଁ ପ୍ରତ୍ୟେକ ସମ୍ଭାବ୍ୟ ପଦକ୍ଷେପ ନିଆଯିବ । ଏହା ହେଉଛି ଭୁଟାନରେ ନିର୍ମିତ ପ୍ରଥମ ରେଳ ପ୍ରକଳ୍ପ, ଯାହା ସିଧାସଳଖ ଭାରତକୁ ସଂଯୋଗ କରିବ । ଲୋକ ଏବଂ ସାମଗ୍ରୀର ପରିବହନ ପୂର୍ବ ଅପେକ୍ଷା ସହଜ ହେବ । ଏହି ପ୍ରକଳ୍ପ ଏହି ଅଞ୍ଚଳର ଲୋକଙ୍କ ପାଇଁ ନିଯୁକ୍ତି ଏବଂ ଆର୍ଥିକ ସୁଯୋଗ ବୃଦ୍ଧି କରିବ। ଗେଲେଫୁକୁ ଏକ ମାଇଣ୍ଡଫୁଲ୍ନେସ୍ ସିଟି (ଶାନ୍ତିପୂର୍ଣ୍ଣ ଏବଂ ଆଧୁନିକ ସହର) ଭାବରେ ବିକଶିତ କରାଯାଉଛି, ଯାହା ପର୍ଯ୍ୟଟନ ଏବଂ ନିବେଶକୁ ବୃଦ୍ଧି କରିବ ।' ଭାରତ ଏବଂ ଭୁଟାନ ମଧ୍ୟରେ ନୂତନ ରେଳ ଲାଇନ ପ୍ରକଳ୍ପ ସମ୍ପର୍କରେ ବୈଦେଶିକ ସଚିବ ବିକ୍ରମ ମିଶ୍ର କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ଭାବରେ ଦ୍ୱିପାକ୍ଷିକ ବୁଝାମଣାପତ୍ର ଆଧାରରେ କାର୍ଯ୍ୟକାରୀ ହେଉଛି ଏବଂ ଏଥିରେ କୌଣସି ତୃତୀୟ ଦେଶର ହସ୍ତକ୍ଷେପ ନାହିଁ । ସେ ସ୍ପଷ୍ଟ କରିଛନ୍ତି ଯେ ଏହି ପଦକ୍ଷେପ ଚୀନକୁ ଏକ ସିଧାସଳଖ ବାର୍ତ୍ତା ଯେ ଭୁଟାନ ସହିତ ଭାରତର ସହଭାଗୀତା ଦୃଢ଼ ଏବଂ ବାହ୍ୟ ହସ୍ତକ୍ଷେପର କୌଣସି ସୁଯୋଗ ନାହିଁ। ଏହି ରେଳ ଲାଇନ ଦୁଇ ଦେଶ ମଧ୍ୟରେ ସଂଯୋଗ ଏବଂ ବିଶ୍ୱାସକୁ ଆହୁରି ଗଭୀର କରିବା ସହିତ ବାଣିଜ୍ୟ ଏବଂ ପର୍ଯ୍ୟଟନ ପାଇଁ ନୂତନ ରାସ୍ତା ଖୋଲିବ । ଏହାକୁ ଭାରତ ଦ୍ୱାରା ଏକ ରଣନୈତିକ ପଦକ୍ଷେପ ଭାବରେ ବିବେଚନା କରାଯାଉଛି । ବୈଦେଶିକ ସଚିବ ବିକ୍ରମ ମିଶ୍ର କହିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁଟାନ ଗସ୍ତ କରିଛନ୍ତି ।

▶▶ପୃଷ୍ଠା ୭

## ଖୋଲିବ ମମିତା ମେହେର ହତ୍ୟା ଫାଇଲ: ନ୍ୟାୟ ମାଗିଲେ ମମିତାଙ୍କ ବାପା-ମା'



ଭୁବନେଶ୍ୱର, ୨୮/୯ (ନି.ପ୍ର): ବହୁ ଚର୍ଚ୍ଚିତ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲା ପୁଣିଥରେ ଚର୍ଚ୍ଚାକୁ ଫେରିଛି । ମମିତାଙ୍କ ହତ୍ୟାକାଣ୍ଡ ଫାଇଲ ପୁଣି ଥରେ ଖୋଲିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ମୁଖ୍ୟ ଅଭିଯୁକ୍ତ ମୃତ ଗୋବିନ୍ଦ ସାହୁଙ୍କ ପରିବାର ଗତକାଲି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମାମଲାର ସିବିଆଇ ତଦନ୍ତ ଦାବି କରିଥିଲେ । ଆଜି ମମିତାଙ୍କ ପରିବାର ସାମନାକୁ ଆସିଛନ୍ତି । ମମିତାଙ୍କ ବାପା କହିଛନ୍ତି, ପୂର୍ବରୁ ସିବିଆଇ ତଦନ୍ତ ଦାବି କରିଥିଲୁ। କିନ୍ତୁ ଏପର୍ଯ୍ୟନ୍ତ ଝିଅ ହତ୍ୟାକାଣ୍ଡର ନ୍ୟାୟ ମିଳିପାରିନି । ଏବେ ନୂଆ ସରକାର ଆସିଛି, ନ୍ୟାୟ ମିଳିବ ବୋଲି ବିଶ୍ୱାସ ରହିଛି । ଗତକାଲି ଗୋବିନ୍ଦଙ୍କ ଝିଅ ଓ ପତ୍ନୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଗୋବିନ୍ଦଙ୍କ ମୃତ୍ୟୁ ପଛରେ ତତ୍କାଳୀନ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ହାତ ଥିବା ଅଭିଯୋଗ ଆଣି ମାମଲାର ସିବିଆଇ ତଦନ୍ତ ଦାବି କରିଥିଲେ। ଏଥିସହ ଧମକ ମିଳୁଥିବାରୁ ସୁରକ୍ଷା ଲୋଡିଛନ୍ତି।

▶▶ପୃଷ୍ଠା ୭

## ମଣିପୁରରେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କଲେ ସୁରକ୍ଷାବଳ

ନୂଆଦିଲ୍ଲୀ,୨୯/୯ : ମଣିପୁର ପୁଲିସ୍ ଓ ସୁରକ୍ଷା ବଳ ଦ୍ୱାରା ଚଲାଯାଇଥିବା ଅଭିଯାନ ସମୟରେ ବିପୁଳ ପରିମାଣରେ ଅସ୍ତ୍ର-ଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି। ଗତ ରବିବାର ଦିନ ଇମ୍ଫାଲ୍ ପଶ୍ଚିମ ଜିଲ୍ଲାର ପାଟସୋଇ ପୁଲିସ୍ ଥାନା ଅଧୀନ ସଙ୍ଗାଇଥେଲ୍ ଲୋଙ୍ଗା କୋଇରେଂ କ୍ରସିଂ ଠାରେ ସୁରକ୍ଷା ବଳ ଏକ ବଡ଼ ଜବତ ଅଭିଯାନ ଚଲାଇଥିଲେ ଓ ଏହି ସମୟରେ ବହୁଳ ପରିମାଣରେ ଅସ୍ତ୍ର-ଶସ୍ତ୍ର, ଗୋଳାବାରୁଦ ଓ ସାମରିକ ସାଜସଜ୍ଜା ଜବତ କରିଥିଲେ। ମଣିପୁର ପୁଲିସ୍ ମୁଖ୍ୟାଳୟ ତରଫରୁ ଜଣାପଡ଼ିଛି ଯେ, ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ଅଛି – ଚାରିଟି ସିଙ୍ଗଲ୍ ବ୍ୟାରେଲ୍ ଗନ୍, ଗୋଟିଏ ସଂଶୋଧିତ ସ୍ନାଇପର୍ ରାଇଫଲ୍, ଗୋଟିଏ ୯ ଏମଏମ ପିସ୍ତଲ୍ ଓ ମ୍ୟାଗଜିନ୍, ଦୁଇଟି .୩୨ ପିସ୍ତଲ୍ ମ୍ୟାଗଜିନ୍, ଦୁଇଟି ଇନସାସ୍ ରାଇଫଲ୍ ମ୍ୟାଗଜିନ୍, .୩୦୩ ରାଇଫଲ୍ର ୩୭ ରାଉଣ୍ଡ କାର୍ତୁସ, ଏସଏଲଆରର ୬୮ ରାଉଣ୍ଡ ଗୋଳି, ୯ ଏମଏମ ର ୧୫ ରାଉଣ୍ଡ ଗୋଳି, ଛଅଟି ୭.୬୨ ଏମଏମ ହାଇ-ଡେନ୍ସିଟି କାର୍ତୁସ, ଚାରିଟି ଏସଏ ୧୬ ଏମଏମ ସିଙ୍ଗଲ୍ ରେଡ୍ କାରତୁସ ଓ ତିନିଟି ସ୍ନାଇପର୍ ରାଉଣ୍ଡ ସାମିଲ ରହିଛି। ଏହା ସହିତ, ସୁରକ୍ଷା ବଳ ତିନିଟି ବିପି ପ୍ଲେଟ୍, ତିନିଟି ନମ୍ବର ୩୬ ହ୍ୟାଣ୍ଡ ଗ୍ରେନେଡ୍ , ତିନିଟି ଡେଟୋନେଟର୍, ୧୪ଟି ହେଲମେଟ୍, ଦୁଇଟି ବାଓଫେଙ୍ଗ୍ ହ୍ୟାଣ୍ଡସେଟ୍, ତିନିଟି ଛଦ୍ମ ଟି-ଶର୍ଟ୍ ଓ ତିନିଟି ବ୍ୟାଗ୍ ଜବତ କରିଛନ୍ତି।

## ପୁଣି ଜଣେ ଓଡ଼ିଆଙ୍କୁ ରିଜର୍ଭ ବ୍ୟାଙ୍କରେ ଗୁରୁଦାୟିତ୍ୱ: ଗଭର୍ଣ୍ଣର ଭାବେ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ ନିଯୁକ୍ତି



ଭୁବନେଶ୍ୱର, ୨୮/୯ (ନି.ପ୍ର): ପୁଣି ଜଣେ ଓଡ଼ିଆଙ୍କୁ ରିଜର୍ଭ ବ୍ୟାଙ୍କରେ ଗୁରୁଦାୟିତ୍ୱ । ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଡେପୁଟି ଗଭର୍ଣ୍ଣର ଭାବେ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ ନିଯୁକ୍ତି ଦେଇଛି । ଅକ୍ଟୋବର ୯ରେ ସେ ଦାୟିତ୍ୱ ଗ୍ରହଣ କରିବେ ଏବଂ ୩ ବର୍ଷ ପାଇଁ ଏହି ପଦବୀରେ ରହିବେ । ଶିରୀଶଙ୍କ ନିଯୁକ୍ତିକୁ ଅନୁମୋଦନ ଦେଇଛି କେନ୍ଦ୍ର କ୍ୟାବିନେଟ୍ର ନିଯୁକ୍ତି କମିଟି । ଏବେ ରିଜର୍ଭ ବ୍ୟାଙ୍କ୍ର ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର ଅଛନ୍ତି ଶିରୀଶ ଚନ୍ଦ୍ର ମୁର୍ମୁ । ତାଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବେତନଟିରେ । ବର୍ତ୍ତମାନ ଡେପୁଟି ଗଭର୍ଣ୍ଣର ଥିବା ରାଜେଶ୍ୱର ରାଓଙ୍କ କାର୍ଯ୍ୟକାଳ ଅକ୍ଟୋବର ୮ରେ ଶେଷ ହେବ । ଏପଟେ ଶିରୀଶଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜଣେ ସୁଯୋଗ୍ୟ ଓଡ଼ିଆ ଦେଶର ସର୍ବୋଚ୍ଚ ବ୍ୟାଙ୍କରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ତାଙ୍କର ଦୀର୍ଘ ଅଭିଜ୍ଞତା ଦେଶର ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ ବୋଲି ସୋସିଆଲ ମିଡିଆରେ ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ।

## ସୋରରେ ଟଳିଲା ବାହାନଗା ଭଳି ବଡ଼ ଟ୍ରେନ୍ ଟ୍ରାଜେଡି

### ସମାନ ଟ୍ରାକରେ ଆସିନାହିଁ ବୋଲି ଦକ୍ଷିଣ ପୂର୍ବ ରେଳପଥର ସ୍ପଷ୍ଟୀକରଣ




ବାଲେଶ୍ୱର, ୨୯/୯ (ନି.ପ୍ର): ବାଲେଶ୍ୱର ସୋରରେ ବଞ୍ଚିଗଲା ଶହ ଶହ ଜୀବନ। କାରଣ ତିନି ତିନିଟି ସିଗ୍ନାଲ୍ ଡେଇଁ ସୋର ଷ୍ଟେସନକୁ ପଶିଯାଇଥିଲା ଶତାବ୍ଦୀ ଏକ୍ସପ୍ରେସ। ଯେଉଁ ଟ୍ରାକରେ ମାତ୍ର କେଇ ସେକେଣ୍ଡ ପୂର୍ବରୁ ଛାଡୁଥିଲା ଜନଶତାବ୍ଦୀ। ଏଭଳି ଦାୟିତ୍ୱହୀନତାରୁ ଶତାବ୍ଦୀରୁ ୨ ଲୋକୋ ପାଇଲଟ ସହ ୩ ଜଣଙ୍କୁ ଅପସାରଣ କରି ଖୋଳତାଡ଼ କରୁଛି ରେଳ ବିଭାଗର ଏକ ଟିମ୍। ପାର୍ବଣର ମଉଜ ଭିତରେ ଘଟିଥାନ୍ତା ମହା ଅଘଟଣ। ବଡ଼ ଧରଣର ରେଳ ଟ୍ରାଜେଡିରୁ ବର୍ତ୍ତିଗଲା ଏକ୍ସପ୍ରେସ। ଟଳିଗଲା ବାହାନଗା ଭଳି ରେଳ ଦୁର୍ଘଟଣା। ଏଥର ବି ସେହି ବାଲେଶ୍ୱର ଜିଲ୍ଲା। କିନ୍ତୁ ବାହାନଗା ବଦଳରେ ଷ୍ଟେସନ୍ ଥିଲା ସୋର। ଘଟଣାକୁ ଯିଏ ଶୁଣୁଛନ୍ତି, ଛାତିରେ ହାତ ଦେଉଛନ୍ତି, ମା' ଦଶଭୂଜାଙ୍କୁ ଧନ୍ୟବାଦ ଜଣାଉଛନ୍ତି। କାରଣ ପଛକୁ ପଛ ପିଟି ହୋଇଯାଇଥାନ୍ତେ ଜନଶତାବ୍ଦୀ ଏବଂ ଶତାବ୍ଦୀ ଏକ୍ସପ୍ରେସ। କିନ୍ତୁ ଭଗବାନଙ୍କ କୃପାରୁ ବର୍ତ୍ତିଗଲା ସବୁକିଛି। ଗତକାଲି ତଥା ରବିବାର ହାଓ୍ୱଡ଼ାରୁ ଭୁବନେଶ୍ୱର ବାହାରିଥିଲା ଜନଶତାବ୍ଦୀ ଏବଂ ପୁରୀ ବାହାରିଥିଲା ଶତାବ୍ଦୀ ଏକ୍ସପ୍ରେସ୍। ଅପରାହ୍ନ ୪ଟା ୫୮ରେ ସୋର ଷ୍ଟେସନରେ ପହଞ୍ଚି କିଛି ସମୟର ରହଣୀ

▶▶ପୃଷ୍ଠା ୭

## ବାଲୁଗାଁ ବ୍ୟବସାୟୀଙ୍କ ଅପହରଣ ମାମଲା : ପାଞ୍ଚ ଜଣଙ୍କୁ ଗିରଫ କଲା ପୁଲିସ

କନକବ୍ୟୁରୋ : ବାଲୁଗାଁର ବ୍ୟବସାୟୀ ସୁଶିଲ ସୁବୁଦ୍ଧିଙ୍କୁ ଅପହରଣ କରି ୧କୋଟି ଟଙ୍କା ମାଗିବା ଘଟଣା, ପାଞ୍ଚ ଜଣଙ୍କୁ ଗିରଫ କଲା ପୁଲିସ । ସେମାନଙ୍କ ନିକଟରୁ କାର, ନଗଦ ୬ଲକ୍ଷ ୨୫ହଜାର ଟଙ୍କା, ମାରଣାସ୍ତ୍ର ସହ ମୋବାଇଲ ଜବତ କରିଛି ପୁଲିସ। ଏହି ମାସ ୨୭ତାରିଖ ରାତିରେ କରାଯାଇଥିଲା ଅପହରଣ । ଫିଲ୍ମ ଷ୍ଟାଇଲରେ ଅପରାଧୀ କରିଥିଲେ ଯୋଜନା । ୧୨ ଘଣ୍ଟାର ଅପରେସନ ପରେ ଉଦ୍ଧାର କଲା ପୁଲିସ ।

▶▶ପୃଷ୍ଠା ୭

## ହୀରାକୁଦ ଜଳଭଣ୍ଡାରରୁ ୮ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୨୯/୯ (ନି.ପ୍ର): ସୋମବାର ସଂନ୍ଧ୍ୟା ୬ଟା ସୁଦ୍ଧା ୮ଟି ସ୍ଲୁଇସ୍ ଗେଟ୍ ଦେଇ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ର ୫ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ର ୩ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି । ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ସଂନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୨୯.୭୧ ଫୁଟ୍ ରହିଛି।

## କ୍ୟାବିନେଟର ୪ ପ୍ରସ୍ତାବ ଉପରେ ବାଜିଲା ମୋହର



ଭୁବନେଶ୍ୱର, ୨୮/୯ (ନି.ପ୍ର): ରାଜ୍ୟ କ୍ୟାବିନେଟରେ ୩ ବିଭାଗର ୪ଟି ପ୍ରସ୍ତାବରେ ମୋହର। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଓଡ଼ିଶାରେ ପ୍ରୟୋଗ ପାଇଁ ୧୯୪୮ର ୬୩ତମ ଆଇନ ସଂଶୋଧନ ପାଇଁ ପ୍ରସ୍ତାବ ଅନୁମୋଦିତ । ୨୦ କିମ୍ବା ଅଧିକ କର୍ମଚାରୀ ନିୟୋଜିତ କରିଥିବା ଦୋକାନ, ବ୍ୟାବସାୟିକ ପ୍ରତିଷ୍ଠାନ ପାଇଁ ଲାଗୁ ହେବ । ଓଡ଼ିଆରେ ସାଇନ ବୋର୍ଡ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଣେ କେନ୍ଦୁଝର ଘଟଗାଁ ତାରିଣୀ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଡିପିଆର୍ ପ୍ରସ୍ତୁତି ସରିଛି । ୬୯ ଏକରରେ ପାରିପାର୍ଶ୍ୱିକ ଉନ୍ନତି ହେବ । ଏଥିଲାଗି ଖର୍ଚ୍ଚ ହେବ ୨୨୬ କୋଟି ଟଙ୍କା । ଏକ ହଜାର ବିଶିଷ୍ଟ ଯାତ୍ରୀ ନିବାସ, ନଡ଼ିଆ ଭଣ୍ଡାର, ଏକା ସାଙ୍ଗରେ ବସିଲା ଭଳି ୫୦୦ ସିଟ ବିଶିଷ୍ଟ ହଲ ନିର୍ମାଣ ହେବ। ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ବିଦ୍ୟାଳୟର ବିକାଶ ପାଇଁ ପ୍ରସ୍ତାବ ଅନୁମୋଦିତ । ଶିକ୍ଷା ଅଧିକାରୀ ଆଇନ୨୦୦୯ର ଉଦ୍ଦେଶ୍ୟକୁ ପୂରଣ ପାଇଁ ସମନ୍ୱୟ ରକ୍ଷା କରି

▶▶ପୃଷ୍ଠା ୭

## ତାମିଲନାଡୁ ଦଳାଚକଟା ଘଟଣାରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟିର ତଦନ୍ତ ଆରମ୍ଭ



ନୂଆଦିଲ୍ଲୀ,୨୯/୯ : ତାମିଲନାଡୁ କରୁର ଦଳାଚକଟା ଘଟଣା ପୂରା ଦେଶକୁ ସ୍ତବ୍ଧ କରି ଦେଇଛି । ୪୧ ଜଣଙ୍କ ଜୀବନ ଯାଇଥିବା ଏହି ଅଘଟଣ ପାଇଁ କେବଳ ତାମିଲଗା ଭେଟ୍ରି କାଝାଗମ୍- ଟିଭିକେ ମୁଖ୍ୟ ଥାଲାପତି ବିଜୟ ଦାୟୀ ନା ଆଉ କାହାକୁ ଦାୟୀ କରାଯିବ ? କରୁରକୁ ଏନଡିଏ ପ୍ରତିନିଧି ଦଳ ପଠାଉଥିବା ବେଳେ ଜୋର୍ ଧରିଛି ରାଜନୀତି । ଅଭିନେତାରୁ ନେତା ବନିଥିବା ଥାଲାପତି ବିଜୟ ଆଗାମୀ ବର୍ଷ ହେବାକୁ ଥିବା ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଏହି ରାଲି ଆୟୋଜନ କରିଥିଲେ । ତେଣୁ ତାଙ୍କୁ ଦଳାଚକଟା ପାଇଁ ଦାୟୀ କରାଯାଉଛି । କିନ୍ତୁ ବିଜୟଙ୍କ ଲୋକପ୍ରିୟତା ବଢୁଥିବା ଦେଖି କେହି ଷଡ଼ଯନ୍ତ୍ର କରି ଅଘଟଣ ଘଟାଇଥିବା ତାଙ୍କ ସମର୍ଥକ ଅଭିଯୋଗ କରିଛନ୍ତି । ତେବେ ନିରପେକ୍ଷ ତଦନ୍ତ ହେଲେ ସବୁ ସ୍ପଷ୍ଟ ହୋଇଯିବ ବୋଲି ଟିଭିକେର ଓକିଲ କହିଛନ୍ତି । ସେପଟେ ଘଟଣାକୁ ନେଇ ରାଜନୀତି ବି ଜୋର୍ ଧରିଛି । ବିଜୟଙ୍କ ସହ ଫୋନରେ କଥା ହୋଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ ।

▶▶ପୃଷ୍ଠା ୭

## ମୁମ୍ବାଇ ସମେତ ମହାରାଷ୍ଟ୍ରରେ ପ୍ରକୃତିର ତାଣ୍ଡବ: ୪୮ ଘଣ୍ଟା ମଧ୍ୟରେ ବର୍ଷା ଯୋଗୁ ଗଲାଣି ୧୦ ଜୀବନ

ନୂଆଦିଲ୍ଲୀ,୨୯/୯ : ମୁମ୍ବାଇ ସମେତ ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଲାଗି ରହିଛି । ଗତ ୪୮ ଘଣ୍ଟା ମଧ୍ୟରେ ବର୍ଷା ଯୋଗୁ ମହାରାଷ୍ଟ୍ରରେ ୧୦ ଜଣ ପ୍ରାଣ ହରାଇଛନ୍ତି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ସୂଚନା ଅନୁସାରେ, ବର୍ଷାଜନିତ ଅଘଟଣରେ ନାସିକ ଜିଲ୍ଲାରେ ୪, ଧରାଶିବ ଅଞ୍ଚଳରେ ୨, ଅହଲ୍ୟା ନଗରରେ ୨, ଜାଲନା ଓ ଯବତମାଲା ଅଞ୍ଚଳରେ ଜଣେ ଲେଖାଏଁ ଲୋକଙ୍କ ଜୀବନ ଯାଇଛି । ମୁମ୍ବାଇରେ ବିଭିନ୍ନ ସ୍ଥାନରେ ପାଣି ଜମା ହୋଇଥିବା ବେଳେ ସୃଷ୍ଟି ହୋଇଛି ଟ୍ରାଫିକ୍ ସମସ୍ୟା । ଟ୍ରେନ ଓ ବିମାନ ଚଳାଚଳରେ ବାଧା ନେଇ ସୃଷ୍ଟି ହୋଇଛି ଆଶଙ୍କା । ପାଲଘର ଓ ଅନ୍ୟ କିଛି ଅଞ୍ଚଳରେ ବନ୍ଦ ରହିଛି ସ୍କୁଲ, କଲେଜ । ବର୍ଷା ହେଉଥିବା ଅଞ୍ଚଳରୁ ମହାରାଷ୍ଟ୍ରରେ ପ୍ରାୟ ୧୨ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଚଳିତ ମୌସୁମୀ ଋତୁରେ କେବଳ ମୁମ୍ବାଇରେ ୩ ହଜାର ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ନିକଟରେ କୋଲକାତାରେ ବର୍ଷା ବିପ୍ଳାତରେ ୧୨ ଜଣ ପ୍ରାଣ ହରାଇଥିଲେ । ପୂଜା ପେଣ୍ଡାଲରେ ପାଣି ପଶିଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟରେ ବିଭିନ୍ନ ସମୟରେ ଘାଣ୍ଟି ହେଉଛି ଭାରତ । ଉନ୍ନତ ବୈଷୟିକ ଜ୍ଞାନକୌଶଳ ଯୋଗୁ ଋଷ ଭଳି ଦେଶରେ ବଡ଼ଧରଣର ଭୂମିକମ୍ପରେ କ୍ଷୟକ୍ଷତି ହେଉନଥିବା ବେଳେ ଭାରତରେ ବର୍ଷାରେ ବି ଜୀବନ ଯିବା ନେଇ ଉଦବେଗ ପ୍ରକାଶ ପାଇଛି ।

# ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ପାର୍ବତୀ ମାର୍ଣ୍ଡୀଙ୍କ ସଫଳତା

ରାଇରଙ୍ଗପୁର, ୨୮/୦୯ (ନି.ପ୍ର): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ମୟୂରଭଂଜ ଜିଲ୍ଲାର ଦୁର୍ଗମ ପଛୁଆ ବିଶୋଇ ବ୍ଲକର ଲୁହାକାନି ପଂଚାୟତ ଅନ୍ତର୍ଗତ କୁଆଝରି ଗ୍ରାମର ପାର୍ବତୀ ମାର୍ଣ୍ଡୀ ୩୫୨ ତମ ସ୍ଥାନରେ ସଫଳତା ହାସଲ କରି ଅଂଚଳର ଗୌରବ ଆଣିଛନ୍ତି । ସେ ଅବସରପ୍ରାପ୍ତ ଡିଫେନ୍ସ କର୍ମଚାରୀ ନର୍ସି ମାର୍ଣ୍ଡୀ ଏବଂ ମାତା ସୁଗୃହିଣୀ ସିଙ୍ଗୋମଣି ମାର୍ଣ୍ଡୀଙ୍କ ଦିତୀୟ କନ୍ୟା । ବିଶୋଇ ବ୍ଲକର ଆଦିବାସୀ ଲଳନା ଉଚ୍ଚ ଶିକ୍ଷିତା ପାର୍ବତୀ ରାଇରଙ୍ଗପୁର କନ୍ୟାଶ୍ରମରେ ୨୦୧୭ ମସିହାରେ ମ୍ୟାଟ୍ରିକ ପାଶ୍ କରିଥିଲେ । ପରେ ୨୦୧୯ ରେ ବାଲେଶ୍ୱରର ଫକିରମୋହନ ଜୁନିଅର କଲେଜରେ ଯୁକ୍ତ ୨ ବିଜ୍ଞାନରେ ଉତୀର୍ଣ୍ଣ ହୋଇଥିଲେ । ୨୦୨୩ ଫକିରମୋହନ ସ୍ୱୟଂଶାସିତ ବିଶ୍ୱ ବିଦ୍ୟାଳୟରେ ପଦାର୍ଥ ବିଜ୍ଞାନରେ ଇଂଟିଗ୍ରେଟେଡ ବିଇଡି ଡିଗ୍ରୀ ହାସଲ କରିଥିଲେ । ପରେ ସେ ୭ ମାସ ତଳେ ମୟୂରଭଂଜ ଜିଲ୍ଲାର ବିଜାତଳା ବ୍ଲକର ବଣକାଟି ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ ଯୋଗଦେଇ ଶିକ୍ଷକତା କରୁଥିଲେ । ତଦ୍‌ସହ ଓଡ଼ିଶା ପ୍ରଶାସନିକ ସେବା ପାଇଁ ମନ ବଳାଇ ସଫଳତା ପାଇଁ ପ୍ରଚେଷ୍ଟା ଜାରି ରଖିଥିଲେ । ପ୍ରଥମ ଥର ପରୀକ୍ଷା ଦେଇ ସେ ସଫଳତା ହାସଲ କରିଛନ୍ତି । ଓଡ଼ିଶା ସିଭିଲ ସର୍ଭିସରେ ଅପସନାଲ ସୋସିଓଲୋଜି ବିଷୟ ରଖିଥିଲେ । ପିଲାଦିନୁ ଜଣେ ମେଧାବୀ ଛାତ୍ରୀ ଥିଲେ । ଆଦିବାସୀ ଅଧୁଷିତ ଅଂଚଳରେ ଜନ୍ମ ହୋଇଥିବାରୁ ଆଦିବାସୀଙ୍କ ଜୀବନ, ଦୁର୍ଗମ ଅଂଚଳ, ଆଦିବାସୀ ମହିଳାଙ୍କ ଦୁରାବସ୍ଥା, ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ ଅବସ୍ଥା ଦେଖି ସେମାନଙ୍କ ଉନ୍ନତି ପାଇଁ କିଛି ସେବା କରିବା ପାଇଁ ସଦା ସର୍ବଦା ମନ ବ୍ୟାକୁଳ ହେଉଥିଲା । ଶିକ୍ଷୟତ୍ରୀ ହୋଇଥିଲେ କେବଳ ସ୍କୁଲ ପରିସୀମାରେ କାମ କରିଥାନ୍ତେ । କିନ୍ତୁ ପ୍ରଶାସନିକ ସେବାରେ ବ୍ୟାପକ ବ୍ୟବସ୍ଥା ଅଛି ଜନତାଙ୍କ ସେବାପାଇଁ । ବିଶେଷତଃ ଗ୍ରାମାଂଚଳରେ ବିକାଶ, ମହିଳାଙ୍କ ବିକାଶ ଓ ଶିକ୍ଷାର ବିକାଶ ତଥା ସରକାରୀ ସ୍ତରରେ ଯେଉଁ ଦାୟିତ୍ୱ ମିଳିବ ତାକୁ ନିଷ୍ଠାର ସହ ନିର୍ବାହ କରିବେ ବୋଲି ପ୍ରକାଶ କରିଛନ୍ତି । ପ୍ରଥମ ଥର ସଫଳତା ପାଇଥିବାରୁ ସେ ବହୁତ ଖୁସି । ସମାଜ ପାଇଁ କିଛି କରିବାର ଆଶା ଥିଲା । ତାହା ପୂରଣ ହୋଇଛି । ଭଗବାନ, ମା' ବାପାଙ୍କ ଆଶୀର୍ବାଦ, ସାଙ୍ଗ ସାଥୀଙ୍କ ସହଯୋଗ, କଠିନ ପରିଶ୍ରମ,ଇଚ୍ଛାଶକ୍ତି ତାଙ୍କୁ ସଫଳତା ଆଣି ଦେଇଛି । ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ତାଙ୍କରି ଏପରି ସଫଳତାରେ ସମଗ୍ର ଅଂଚଳରେ ଖୁସିର ଲହରି ଖେଳି ଯାଇଛି ।

ମୟୂରଭଂଜ ଜିଲ୍ଲା ସାମ୍ବାଦିକ ୟୁନିଅନର ବରିଷ୍ଠ ସଦସ୍ୟ ଅକ୍ଷୟ ବିଶ୍ୱାଳ ତାଙ୍କର ଉତୋରତର କାମନା କରିଛନ୍ତି । ମୟୂରଭଂଜ ପ୍ରାକ୍ତନ ସାଂସଦ ଇଂ. ରାମଚନ୍ଦ୍ର ହାଁସଦା, ମୟୂରଭଂଜ ସାଂସଦ ନବ ଚରଣ ମାଝୀ, ରାଜ୍ୟ ସଭା ସାଂସଦ ମମତା ମହାନ୍ତ, ସାରସକଣା ବିଧାୟକ ଭାଦ୍ୱ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ପଶ୍ଚିମ ମୟୂରଭଂଜ ଜିଲ୍ଲା ସଭାପତି ଜୁରୀଲାଲ ମହାନ୍ତ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଡଭୋକେଟ ସଞ୍ଜୀବ ମହାନ୍ତି, ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତି, ସାର୍ଥକତା ବିଜେଡି ବିଧାୟକ ପ୍ରାଥୀ ଡାକ୍ତର ଦେବାଶିଷ ମାରାଣ୍ଡୀ, ବରିଷ୍ଠ କଂଗ୍ରେସ ନେତା ସୁବାଷ ପାତ୍ର, ଜିଲ୍ଲାପରିଷଦ ସଦସ୍ୟା ବିଦୁସ୍ମିତା ଦେଓ ପ୍ରମୁଖ ତାଙ୍କର ଏହି ସଫଳତାରେ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ମାଳତୀରାରେ ଶାରଦୀୟ ଦୁର୍ଗା ପୂଜା ଆରମ୍ଭ

ଭଦ୍ରକ, ୨୮/୦୯ (ନି.ପ୍ର): ଭଦ୍ରକ ଜିଲ୍ଲା ପଧାନପଡା ପଚାଂୟତ ମାଳତୀରା ଦେବୀସାହି ଠାରେ ଶହେ ବର୍ଷରୁ ଉର୍ଦ୍ଧ୍ୱ ହେବ ପାଳିତ ହୋଇ ଆସୁଥିବା ଶାରଦୀୟ ଦୁର୍ଗା ପୂଜା ଚଳିତ ବର୍ଷ ମହାସମାରୋହରେ ଆରମ୍ଭ ହୋଇଛି । ନେପାଳ ଦାସ, ସୁବାଷ ଦାସ, କାହ୍ନୁ ଚରଣ ରାମଙ୍କ ଦ୍ୱାରା ସ୍ଥାନୀୟ ଗୋପାଳ ପୋଖରୀରୁ କଳସ ଅଣାଯାଇ ଘଟ ସ୍ଥାପନ କରାଯାଇଥିଲା । ରବିବାର ତପଷଷ୍ଠୀ ଓ ବେଲ୍ଲାଧିବାସ, ସୋମବାର ମହାସପ୍ତମୀ ପୂଜା, ମଙ୍ଗଳବାର ମହାଷ୍ଟମୀ ପୂଜା ଓ ସନ୍ଧି ପୂଜା, ପ୍ରସାଦ ସେବନ, ବୁଧବାର ମହାନବମୀ ପୂଜା, ଗୁରବାର ଦଶହରା ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପୂଜକ ଭାବେ ଭାସ୍କର ଚନ୍ଦ୍ର ଶତପଥି ଓ ସହଯୋଗୀ ଭାବେ ସନ୍ତୋଷ ଶତପଥି, ଶଶୀକାନ୍ତ ମହାପାତ୍ର ଏବଂ ସହଯୋଗୀ ଭାବେ କୃପାସିନ୍ଧୁ ରଣା, ପଦ୍ମନାଭ ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି । ଏହି ପୂଜା ପାଇଁ ମାଲତୀରା ଗ୍ରାମକୁ ଅତ୍ୟାଧୁନିକ ଆଲୋକମାଳାରେ ସଜା ଯାଇଥିବା ବେଳେ ମା'ଙ୍କୁ ଦର୍ଶନ କରିବା ପାଇଁ ଆଖପାଖ ଅଚଂଳରୁ ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳୁଛି । କମିଟିର ସଭାପତି ନାରାୟଣ ଚନ୍ଦ୍ର ସାହୁ, ଉପ-ସଭାପତି ନରହରି ଜେନା, ସମ୍ପାଦକ ସୁଧାଂଶୁ ଶେଖର ମହାନ୍ତି, ସହ-ସମ୍ପାଦକ ରମାକାନ୍ତ ଜେନା, କୋଷାଧକ୍ଷ ଅକ୍ଷୟ ଅନନ୍ତ କର, ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ନିରାକର ସାହୁ, ଗୋବିନ୍ଦ ଜେନା, ପଚାଂନନ ସୁତାର, ବୁଦ୍ଧିରାମ ଜେନା ଓ ଉପଦେଷ୍ଟା ରଘୁନାଥ ରଣା, ସନାତନ ସାହୁଙ୍କ ସମେତ ମାଳତୀରା ଗ୍ରାମବାସୀ ମାନେ ସହାୟତା କରୁଛନ୍ତି । ଦଶହରା ଦିବସରେ ଲାଖବିନ୍ଧା ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

# ସାନନ୍ଦ ମିଶ୍ର ହେଲେ ରାଜ୍ୟ କିଶାନ କଂଗ୍ରେସ ସଂଯୋଜକ

ବଲାଙ୍ଗିର, ୨୮/୦୯ (ନି.ପ୍ର): ପୂର୍ବତନ ଜିଲ୍ଲା କିଶାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ରଙ୍କୁ ନୂତନ ଭାବେ ଓଡିଶା ପ୍ରଦେଶ କିଶାନ କଂଗ୍ରେସ କମିଟି ସଂଯୋଜକ ଭାବେ ପ୍ରଦେଶ କିଶାନ କଂଗ୍ରେସ ଅଧକ୍ଷ ଅଭୟ ସାହୁ ନିଯୁକ୍ତି ପ୍ରଦାନ କରିଛନ୍ତି । ଶ୍ରୀ ମିଶ୍ର ତାଙ୍କ ନିଯୁକ୍ତିରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ଯୁବନେତା ସମରେନ୍ଦ୍ର ମିଶ୍ର, ପିସିସି ସଭାପତି ଭକ୍ତଚରଣ ଦାସ, ଏଆଇସିସି ସଭାପତି ମଲିକାର୍ଜୁନ ଖଡଗେ, ବିରୋଧି ଦଳ ନେତା ରାହୁଲ ଗାନ୍ଧିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶ୍ରୀ ମିଶ୍ର ପୂର୍ବରୁ ପୁଇଁନ୍ତଲା ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି, ଜିଲ୍ଲା କଂଗ୍ରେସ ପ୍ରବକ୍ତା, ବଲାଙ୍ଗିର ଜିଲ୍ଲା କିଶାନ କଂଗ୍ରେସ ଅଧକ୍ଷ ରୂପେ କାର୍ଯ୍ୟ ତୁଲାଇ ଆସୁଥିଲେ । ତାଙ୍କ ନିଯୁକ୍ତିରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରା, ଅଶୋକ ନନ୍ଦ, କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଟାଉନ କଂଗ୍ରେସ ସଭାପତି ବୁଲୁ ଦାନି, ସେବାଦଳ ଅଧକ୍ଷ ଅସୀତ ମିଶ୍ର, ପ୍ରବକ୍ତା ଅଜୟ ବାଲି, ଏସସି ସେଲ ସଭାପତି ଓମ୍ ପ୍ରକାଶ କୁମ୍ଭାର, ଏସଟି ସେଲ ସଭାପତି ମୟ ପ୍ରଧାନୀ, ଯୁବ କଂଗ୍ରେସ ସଭାପତି ଅଙ୍କିତ ସାହୁ, ନାସିର ଖାନ, ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ପ୍ରଧାନ, ଉମାଶଙ୍କର ପଣ୍ଡା, ବିରେନ୍ଦ୍ର ବାଗ, ମୁକେଶ ଜୈନ, ଜୁଲୁ ପଟ୍ଟନାୟକ, ଯୁବ ନେତା ସରୋଜ ରଥ, ବ୍ଲକ କଂଗ୍ରେସ ସଭାପତି ଉମାକାନ୍ତ ସାହୁ, ରାମଜୀ ଚୌଧୁରୀ, ରାମ ମିଶ୍ର, ମନମୋହନ ପଟେଲ, ଅରବିନ୍ଦ ସାହୁ, ଦଳିତ ନେତା ଜ୍ୟୋତିଷ ମୁଣ୍ଡୀ, ହରି ନନ୍ଦ, ମନବୋଧ ହରପାଲ, ଲଳିତ ପଟେଲ, କୈଳାସ ମିଶ୍ର, ସଂଜୟ ମିଶ୍ର, ହିମାଂଶୁ ନାୟକ, ବ୍ରଜ ସେଠି, ଲୋପନ ମିଶ୍ର, ସମିର କୁମ୍ଭାର, ସୀତାରାମ କୁମ୍ଭାର, କିରନ ସେଠ, ପପୁ ପାତ୍ର, କାନ୍ତେ ପ୍ରଧାନ, ଶ୍ରୀଧର ବାରିକ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କ ନିଯୁକ୍ତିରେ କିଶାନ କଂଗ୍ରେସ ଆହୁରି ମଜବୁତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ ।

# ଶୁଣିଲାନି ପ୍ରଶାସନ : ନିଜେ ରାସ୍ତା ମରାମତି କଲେ ଗାଁ ଲୋକ

ଚମ୍ପୁଆ, ୨୮/୦୯ (ନି.ପ୍ର): ଚମ୍ପୁଆ ବ୍ଲକ ପଡୁଆ ପଂଚାୟତ ଅନ୍ତର୍ଗତ ପଡୁଆ - ମଙ୍ଗଳପୁର ମଝିରେ ଥିବା ବାଘଡ଼ିଆଁ ନାଳ ପୋଲ ରାସ୍ତା ଦୀର୍ଘ ଦିନ ଧରି ଖାଲ ଖମା ହୋଇ ଲୋକଙ୍କ ଯିବା ଆସିବା ପାଇଁ ମରଣଯନ୍ତା ପାଲଟି ଥିଲେ ମଧ ଏଥିପ୍ରତି ବିଭାଗ ଦୃଷ୍ଟି ନ ଦେବାରୁ ଶେଷରେ ଗାଁ ଲୋକେ ନିଜେ ଏହି ରାସ୍ତା ମରାମତି କରିଥିବା ଜଣାପଡିଛି । ଚମ୍ପୁଆ ବ୍ଲକ ର ଜାଲି, ଭୂଇଁପୁର, ଓ ପଡୁଆ ତିନି ପଂଚାୟତର ଲୋକେ ପ୍ରତିଦିନ ଭଣ୍ଡା ଗ୍ରାମ୍ୟ ବ୍ୟାଙ୍କ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ଏହି ଗୋଟିଏ ରାସ୍ତା ଉପରେ ନିର୍ଭର କରିଥାନ୍ତି । ପ୍ରାୟ ଦୀର୍ଘ ତିରିଶି ବର୍ଷ ପୂର୍ବେ ନିର୍ମିତ ଏହି ବାଘଡ଼ିଆଁ ନାଳ ପୋଲ ରାସ୍ତା ମରାମତି ଅଭାବରୁ ଦୁର୍ବଳ ଅବସ୍ଥାରେ ରହିଥିଲେ ମଧ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଯାହାକୁ ନେଇ ଲୋକଙ୍କ ମଧରେ ଅସନ୍ତୋଷ ଦେଖିବାକୁ ମିଳିଛି । ପ୍ରତି ବର୍ଷ କିଛି ସ୍ଥାନୀୟ ଯୁବକ ମାଟି ପକାଇ ରାସ୍ତାକୁ ସମତୁଲ କରିଥାନ୍ତି । ଏବେ ପୋଲର ଦୁଇ କଡ଼ ରାସ୍ତା ଲଗାଣ ବର୍ଷାରେ ଧୋଇ ଖାଲ ହୋଇଯିବା ପରେ ରାସ୍ତାରେ ଯିବା ଆସିବା କରିବା କଷ୍ଟ ସାଧ ହୋଇପଡିଥିଲା । ଫଳରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ମାନଙ୍କୁ ନେଇ ଯିବାପାଇଁ ସିଲିପୁଞ୍ଜି ରାସ୍ତା ଦେଇ ପ୍ରାୟ ୧୦ ରୁ ୨୦ କି.ମି. ରାସ୍ତା ବୁଲି ଯିବାକୁ ପଡୁଥିଲା । ଯାହା ଜରୁରୀକାଳୀନ ସ୍ଥିତିରେ ରୋଗୀଙ୍କ ପାଇଁ ଜୀବନ ମରଣ ବିପଦ ସୃଷ୍ଟି କରୁଥିବାରୁ ବାଧହୋଇ ଶେଷରେ ଉଭୟ ପଡୁଆ ଓ ମଙ୍ଗଳପୁର ଗାଁ ଲୋକ ମିଶି ନିଜେ ହିଁ ଉକ୍ତ ରାସ୍ତା ମରାମତି କରିଛନ୍ତି ।

ପଡୁଆ ସରପଂଚ ମନୋଜ ନାଏକ ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏ ସମ୍ପର୍କରେ ଜଣାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଜଣାପଡିଛି । ବର୍ତମାନ ସାରା ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ଡବଲ ବିକାଶ ନେଇ ହଇଚଇ ସୃଷ୍ଟି କରୁଥିବା ବେଳେ ତୃଣମୂଳ ସ୍ତରରେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନଭାବ ଯୋଗୁଁ ଏପରି ସମସ୍ୟା ଗୁଡିକରେ ସୁଧାର ଆସୁନାହିଁ ବୋଲି ଅଂଚଳ ବାସୀ ପ୍ରକାଶ କରିଛନ୍ତି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଦେଶି ମଦ ଚାଲାଣ ବେଳେ ଚଢାଉ, ଡମଗୁଡା ଜଙ୍ଗଲରେ ଅବକାରି ଚଢ଼ାଉ

ଜୟପୁର, ୨୮/୦୯ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଚଢାଉ କରି ଜଣେ ମହିଳା ଅଭିଯୁକ୍ତ କୁ ଗିରଫ କରିଛି । ସୁଚନା ଅନୁଯାଇ ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ବାଲିଆ ରାସ୍ତାରେ ଚଢାଉ କରି ୮ ଲିଟର ଦେଶି ମଦ ଜବତ କରିଛି । ଗିରଫ ମହିଳା ଅଭିଯୁକ୍ତ କୁ ଆଜି ସଂନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଓଆଇସି ସୁବ୍ରତ କେଶୋରି ହିରଣ ସୁଚନା ଦେଇଛନ୍ତି । ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ ଡମଗୁଡା ଜଙ୍ଗଲରେ ଅବକାରି ଚଢାଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଚଢାଉ କରାଯାଇଛି । କେଶୋରି ହିରଣ ସୁଚନା ଦେଇଛନ୍ତି ।

# ରାମଚଣ୍ଡୀ ସେବା ସଦନର ପ୍ରତିଷ୍ଠା ଦିବସ ସହ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଷୋଳ ପୂଜା ସମ୍ପନ୍ନ

ସମ୍ବଲପୁର, ୨୮/୦୯ (ନି.ପ୍ର): ଦାନୀପାଲି ସ୍ଥିତ ରାମଚଣ୍ଡୀ ସେବା ସଦନର ୧୯ ତମ ପ୍ରତିଷ୍ଠା ଦିବସ ସୋମବାର ଦିନ କୁମଲତା ସମାଜର ସଭାପତି କୃପାସିନ୍ଧୁ ଖମାରୀଙ୍କ ସଭାପତିତ୍ୱରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ପୁଅ ଜିଉଁତିଆ ଠାରୁ ଆରମ୍ଭ ହୋଇଥିବା ଷୋଳ ପୂଜାର ଶେଷ ଦିବସରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହ ସମସ୍ତଙ୍କ ମଙ୍ଗଳ କାମନା କରାଯାଇଥିଲା । ପୂଜକ ଦେବୀ ପ୍ରସାଦ ଭୋଇ ଏବଂ ସୁଦାମ ପ୍ରଧାନ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ । ଏହାପରେ ରାମଚଣ୍ଡୀ ସେବା ସଦନର ୧୮ ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସେବା ସଦନ ନିର୍ମାଣରେ ପ୍ରମୁଖ ଭୁମିକା ଗ୍ରହଣ କରିଥିବା ସମାଜର ବରିଷ୍ଠ ସଦସ୍ୟ ମାନଙ୍କୁ ସ୍ମରଣ କରାଯିବା ସହ ବିଗତ ଦିନରେ କରାଯାଇଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମାଜ ପାଇଁ ତ୍ୟାଗ ବଳିଦାନ କରିଯାଇଥିବା ବ୍ୟକ୍ତି ବିଶେଷଙ୍କୁ ସବୁବେଳେ ସ୍ମରଣ କରି ସେମାନଙ୍କ ପଦାଙ୍କ ଅନୁସରଣ କରିବାକୁ ବକ୍ତାମାନେ ମତ ଦେଇଥିଲେ । ଏହି ଅବସରରେ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଆସନ୍ତା ୫ ତାରିଖ ଚତୁର୍ଦ୍ଦଶୀ ଅବସରରେ କନ୍ୟା ପୂଜନ କାର୍ଯ୍ୟକ୍ରମ ସହ ଅପରାହ୍ନ ୫ ଟାରେ ସ୍ୱତନ୍ତ୍ର ପୂଜା ପରେ ଝଣ୍ଡା ରୋହଣ ଏବଂ ରାମଚଣ୍ଡୀ ଦିନ୍ ପାଳନ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଉପସଭାପତି ଦେବତମ ପ୍ରଧାନ, ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର, ଦେବଦତ ସାହୁ, ଅଭିରାମ ଖମାରୀ, ନିର୍ମଳ ପ୍ରଧାନ, ସରୋଜ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, ସମାରୁ ବାରିକ, ଦୟାସାଗର ପ୍ରଧାନ, ଅକ୍ଷୟ ପ୍ରଧାନ, ସୁକାନ୍ତୀ ଗଡତିଆ, ଦମୟନ୍ତୀ ପ୍ରଧାନ, ଜଟାଭୁଷଣ ସାହୁ, ସୁଦାମ ଭୋଇ ଓ ଭବାନୀଶ ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ରାମଚଣ୍ଡୀ ସେବା ସଦନର ପ୍ରତିଷ୍ଠା ଦିବସ ସହ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଷୋଳ ପୂଜା ସମ୍ପନ୍ନ

ସମ୍ବଲପୁର, ୨୮/୦୯ (ନି.ପ୍ର): ଦାନୀପାଲି ସ୍ଥିତ ରାମଚଣ୍ଡୀ ସେବା ସଦନର ୧୯ ତମ ପ୍ରତିଷ୍ଠା ଦିବସ ସୋମବାର ଦିନ କୁମଲତା ସମାଜର ସଭାପତି କୃପାସିନ୍ଧୁ ଖମାରୀଙ୍କ ସଭାପତିତ୍ୱରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ପୁଅ ଜିଉଁତିଆ ଠାରୁ ଆରମ୍ଭ ହୋଇଥିବା ଷୋଳ ପୂଜାର ଶେଷ ଦିବସରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହ ସମସ୍ତଙ୍କ ମଙ୍ଗଳ କାମନା କରାଯାଇଥିଲା । ପୂଜକ ଦେବୀ ପ୍ରସାଦ ଭୋଇ ଏବଂ ସୁଦାମ ପ୍ରଧାନ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ । ଏହାପରେ ରାମଚଣ୍ଡୀ ସେବା ସଦନର ୧୮ ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସେବା ସଦନ ନିର୍ମାଣରେ ପ୍ରମୁଖ ଭୁମିକା ଗ୍ରହଣ କରିଥିବା ସମାଜର ବରିଷ୍ଠ ସଦସ୍ୟ ମାନଙ୍କୁ ସ୍ମରଣ କରାଯିବା ସହ ବିଗତ ଦିନରେ କରାଯାଇଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମାଜ ପାଇଁ ତ୍ୟାଗ ବଳିଦାନ କରିଯାଇଥିବା ବ୍ୟକ୍ତି ବିଶେଷଙ୍କୁ ସବୁବେଳେ ସ୍ମରଣ କରି ସେମାନଙ୍କ ପଦାଙ୍କ ଅନୁସରଣ କରିବାକୁ ବକ୍ତାମାନେ ମତ ଦେଇଥିଲେ । ଏହି ଅବସରରେ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଆସନ୍ତା ୫ ତାରିଖ ଚତୁର୍ଦ୍ଦଶୀ ଅବସରରେ କନ୍ୟା ପୁଜନ କାର୍ଯ୍ୟକ୍ରମ ସହ ଅପରାହ୍ନ ୫ ଟାରେ ସ୍ୱତନ୍ତ୍ର ପୂଜା ପରେ ଝଣ୍ଡା ରୋହଣ ଏବଂ ରାମଚଣ୍ଡୀ ଦିନ୍ ପାଳନ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଉପସଭାପତି ଦେବତମ ପ୍ରଧାନ, ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର, ଦେବଦତ ସାହୁ, ଅଭିରାମ ଖମାରୀ, ନିର୍ମଳ ପ୍ରଧାନ, ସରୋଜ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, ସମାରୁ ବାରିକ, ଦୟାସାଗର ପ୍ରଧାନ, ଅକ୍ଷୟ ପ୍ରଧାନ, ସୁକାନ୍ତୀ ଗଡତିଆ, ଦମୟନ୍ତୀ ପ୍ରଧାନ, ଜଟାଭୁଷଣ ସାହୁ, ସୁଦାମ ଭୋଇ ଓ ଭବାନୀଶ ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଆଗଲପୁରରେ ବିଶ୍ୱ ହିନ୍ଦୁ ପରିଷଦର ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୨୮/୦୯ (ନି.ପ୍ର): ଆଜି ଆଗଲପୁର ଠାରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରଖଣ୍ଡ ସ୍ତରୀୟ ବୈଠକ ସଂପାଦକ ଘନଶ୍ୟାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସଂପାଦକ ଯୋଗୀନ୍ଦ୍ର ଦାଶ ଯୋଗଦେଇ ମାନବ ସମାଜକୁ ଭାରତୀୟ ସନାତନ ଧର୍ମର ଅବଦାନ ଉପରେ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଶ୍ୱ ହିନ୍ଦୁ ପରିଷଦ ମାଧମରେ ହେଉଥିବା ସେବା ଓ ସଂସ୍କାର କାର୍ଯ୍ୟାବଳୀ ବିଷୟରେ ସୂଚନା ଦେଇଥିଲେ । ତତ୍ପରେ ସମ୍ମାନିତ ଅତିଥି ବଜରଙ୍ଗ ଦଳର ଜିଲ୍ଲା ସହ ସଂଯୋଜକ ବଳଦେବ ବାରିକ ଆଗାମୀ ଯୋଜନା ବିଷୟରେ ଜଣାଇଥିଲେ । ଅତିଥି ପରିଚୟ କରିଥିଲେ ପ୍ରଖଣ୍ଡ ସଂଯୋଜକ ଲିଙ୍ଗରାଜ ଦଲେଇ । ବିଶ୍ୱ ହିନ୍ଦୁ ପରିଷଦର ସାଂଗଠନିକ ପ୍ରସାର କରାଯାଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ଉମାକାନ୍ତ ପଟେଲଙ୍କୁ ନୂତନ ପ୍ରଖଣ୍ଡ ଉପସଭାପତି ଓ କୃଷ୍ଣ କୁମାର ମିଶ୍ରଙ୍କୁ ସହ ସତସଙ୍ଗ ପ୍ରମୁଖ ଭାବେ ମନୋନୀତ କରାଯାଇଥିଲା । ନଅଗାଁ (କ) ଓ ସାଲେଭଟା ଖଣ୍ଡର ପ୍ରମୁଖ ଭାବେ ରମେଶ ତଳିଆ ଓ ମୁକୁନ୍ଦ ନାୟକଙ୍କୁ ଦାୟିତ୍ୱ ଦିଆଗଲା । ପରେ ବିଜୟପାଣିଙ୍କୁ ନଅଗାଁ(କ), ସଂଜୟ ବେହେରାଙ୍କୁ ବୁଦୁଲା, ରସିକ ସାହୁଙ୍କୁ ଭରସୁଜା ତରଣୀସେନ ସାହୁଙ୍କୁ ଉପରବାହାଲ, ସୁବଳ ସାହୁଙ୍କୁ ଲୁହୁରାମୁଣ୍ଡା ପଂଚାୟତ ପ୍ରମୁଖ ଭାବେ ମନୋନୀତ କରାଯାଇଥିଲା । ଆଗଲପୁର ପ୍ରଖଣ୍ଡକୁ ପୂର୍ବ ଓ ପଶ୍ଚିମ ଭାଗରେ ଭାଗ କରାଯାଇ ଯଥାକ୍ରମେ ଅରବିନ୍ଦ ମେହେର ଓ ଶିବା ଦାଶଙ୍କୁ ଦାୟିତ୍ୱ ଦିଆଗଲା ।

ଅନ୍ୟମାନଙ୍କ ମଧରେ କମ୍ବୁପାଣି ମହାକୁର, ରାଠୋର, ପ୍ରଭଞ୍ଜନ ବେହେରା, ଆଶିଷ ଭୁଏ, ଗୋବିନ୍ଦ ମେହେର, ଧିରେନ ବାଗ, ଚନ୍ଦନ ଠେଲା, ଶିଶୁ ବଢେଇ, ସୁଶାନ୍ତ ରଣା, ସାବୁନ ସାହୁ, ସୁମନ୍ତ ପଟ୍ଟନାୟକ, ଶୁଭମ ମେହେର, ସିଦ୍ଧାନ୍ତ ମେହେର, ପ୍ରଶାନ୍ତ ମେହେର ପ୍ରକୁଖଯୋଗଦାନ କରିଥିଲେ । ଶେଷରେ ଦୁଷ୍ମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ମା' ଦୁର୍ଗାଙ୍କ ଆବାହନୀରେ ପ୍ରକମ୍ପିତ ଭଦ୍ରକ ସହର : ଏଥର ଜିଲାରେ ୧୭୫ ଟି ମେଢ

ଭଦ୍ରକ, ୨୮/୦୯ (ନି.ପ୍ର): ରାଜ୍ୟର ଅନ୍ୟତମ ଶକ୍ତିପୀଠ ଭଦ୍ରକ ଜିଲାର ବିଭିନ୍ନ ଅଂଚଳରେ ପୂଜା ମଣ୍ଡପ ଓ ପୀଠମାନଙ୍କରେ ମା' ଦୁର୍ଗାଙ୍କ ସପ୍ତମୀ ଓ ଅଷ୍ଟମୀ ପୂଜା ଆରମ୍ଭ ହୋଇଛି । ଭଦ୍ରକ ଅଂଚଳରେ ଶାରଦୀୟ ଦୁର୍ଗାପୂଜା ପାଳନ ଦୀର୍ଘବର୍ଷ ଧରି ପରମ୍ପରା କ୍ରମେ ହୋଇଆସୁଅଛି । ବିଶେଷତଃ ବଙ୍ଗୀୟମାନେ ବସବାସ କରୁଥିବା ଏହି ଜିଲାର କେତେକ ପ୍ରମୁଖ ଅଂଚଳରେ ବିଗତ ୨ ଶହ ବର୍ଷ ଧରି ବଙ୍ଗୀୟ ପରମ୍ପରା କ୍ରମେ ଏହା ପାଳିତ ହୋଇଆସୁଥିବା ବିଭିନ୍ନ ପୂଜା କମିଟିର ବହୁ ପୁରୁଣା କର୍ମକର୍ତାମାନେ କହନ୍ତି । ବର୍ଷକୁ ବର୍ଷ ରଙ୍ଗ ବଦଳୁଛି ପାର୍ବଣର । ମୂର୍ତି ମେଢ ସାଜସଜ୍ଜାରେ ବି ପରିବର୍ତନର ରଙ୍ଗ ଲାଗିଛି । ଭଦ୍ରକ ଜିଲାରେ ଶାରଦୀୟ ଦୁର୍ଗାପୂଜା ପାଳନର ପୃଷ୍ଠଭୂମିର ଯଥେଷ୍ଟ ଭୂମିକା ରହିଛି । ବଙ୍ଗୀୟମାନେ ଯେଉଁଠି ବସବାସ କରିଛନ୍ତି, ସେଠାରେ ଶକ୍ତି ସ୍ୱରୂପିଣୀ ଦୁର୍ଗାପୂଜା ଆରମ୍ଭ ହୋଇଛି । ସହରର ବାଉଦପୁର, ଜାନୁଗଞ୍ଜ, ଗାନ୍ଧିପଡିଆ, ସନ୍ତିଆ, ସଂଗତ, ବାଙ୍କା ବଜାର, ମାଟିଆପାଳରେ କେତେକ ବଙ୍ଗୀୟ ପରିବାରର ନେତୃତ୍ୱରେ ଏହିସବୁ ପୂଜା ଆରମ୍ଭ ହୋଇଥିଲା । କାଳକ୍ରମେ ସହରର ବଙ୍କବାସୁଳୀ, ବାଇପାସ, ଚରମ୍ପା ହାଇସ୍କୁଲ ରୋଡ୍, ପ୍ରାଚୀନଗର, ଏରେଇଁ, ଅପର୍ତିବିନ୍ଧା, ଚନ୍ଦନବଜାର ପ୍ରଭୃତି ସାହି ବସ୍ତି ଓ ମନ୍ଦିର ମାନଙ୍କରେ ଜଗତଜନନୀ ମା'ଙ୍କ ଦୁର୍ଗାପୂଜା କରାଯାଇଛି । ତେବେ ଚଳିତବର୍ଷ ନୂଆମେଢ କେଉଁଠି ହୋଇନାହିଁ । ଭଦ୍ରକ ସହରାଂଚଳରେ ୨୭ ଟି ମେଢ ଓ ସାରା ଜିଲାରେ ୧୭୫ ଟି ମେଢ ପୂଜା ପାଉଛି । ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ୍ ତରଫରୁ କଡା ନିରାପତା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି କହିଛନ୍ତି ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ । ଏହି ନିରାପତା ବ୍ୟବସ୍ଥାରେ ୧୭ ପ୍ଲାଟୁନ ଫୋର୍ସ, ୨ କଂପାନୀ ସେଂଟ୍ରାଲ ଫୋର୍ସ ନିୟୋଜିତ ହୋଇଛି ।

ସହରର ପ୍ରଥମ ପୂଜା ମଣ୍ଡପ ଜାନୁଗଞ୍ଜ :- ୧୮୩୨ ମସିହାରୁ ପ୍ରଥମେ ଗୋଟିଏ ମାଟିଘରେ ମା' ଦୁର୍ଗାଙ୍କୁ ପୂଜା କରାଯାଇଥିଲା । ପରେ ଗ୍ରାମବାସୀଙ୍କ ତରଫରୁ ୧୯୦୩ ରେ ଏହି ପୂଜା ପକ୍କାଘରକୁ ସ୍ଥାନାନ୍ତରିତ ହୋଇଥିଲା । ଏହା ସହରର ସର୍ବପ୍ରଥମ ପୂଜା ବୋଲି କୁହାଯାଉଛି । ଗ୍ରାମବାସୀଙ୍କ ଆଦାୟ ଅର୍ଥରେ ଏହି ପୂଜା ପାଳନ ହୁଏ ।

ସନ୍ତିଆ ୩୦୦ ବର୍ଷର ପୂଜା :- ଐତିହାସିକ ଧାର୍ମୀୟ ଚେତନାର ପୀଠ ସନ୍ତିଆରେ ୩୦୦ ବର୍ଷ ଧରି ମା'ଙ୍କ ପୂଜା ପାଳିତ ହୋଇଆସୁଛି । ଏହା ସହରର ପ୍ରଥମ ଦୁର୍ଗାପୂଜା ବୋଲି ଦାବି କରନ୍ତି ପୂଜା ଆୟୋଜକ ଆଶିଷ ଗୋସ୍ୱାମୀ । ଏବେକାର ପୂଜା ମଣ୍ଡପ ନିକଟରେ ଥିବା ଏକ ବକୁଳ ଗଛ ନିକଟରେ ବସବାସ କରୁଥିବା ବୁଢି ଯାହାଙ୍କୁ ବକୁଳ ବୁଢି ଡାକନ୍ତି, ପ୍ରଥମେ ସେ ମା'ଙ୍କ ଦୁର୍ଗାପୂଜା ଆରମ୍ଭ କରିଥିଲେ । ତାଙ୍କ ଦେହାନ୍ତ ପରେ ଏଠାରେ ବସବାସ କରୁଥିବା ବଙ୍ଗୀୟ ପରିବାର ମାନେ ଏହି ଦୁର୍ଗାପୂଜା ଆୟୋଜନ କରିଆସୁଛନ୍ତି ବୋଲି କୁହନ୍ତି ପୂଜା କମିଟିର ପ୍ରମୁଖ ବ୍ୟକ୍ତି କେଦାର ଭଟ୍ଟାଚାର୍ଯ୍ୟ ।

ସଙ୍ଗତର ଦୁର୍ଗାପୂଜା :- ପୁରୁଣାବଜାର ଥାନା ଅଂଚଳର ସଙ୍ଗତ ଠାରେ ହୋଇଆସୁଥିବା ମା' ଦୁର୍ଗାଙ୍କ ପୂଜା ୨୦୦ ବର୍ଷରୁ ଉର୍ଦ୍ଧ୍ୱ ବୋଲି ସେଠାକାର ସ୍ଥାନୀୟ ଲୋକ କୁହନ୍ତି । ମିଶ୍ର ପରିବାର ଉଦ୍ୟମରେ ପାଳିତ ହୋଇଆସିଥିବା ପୂଜାର ବିଶ୍ୱେଷତ ହେଲା ମା'ଙ୍କର ନିରାଡମ୍ବର ପୂଜାର୍ଚ୍ଚନା । ସାଜସଜ୍ଜା ଅପେକ୍ଷା ରୀତିନୀତି ଓ ପୂଜା ଅର୍ଚ୍ଚନାକୁ ଏଠାରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ ।

ବାଙ୍କା ଛକରେ ୨୦୦ ବର୍ଷର ପୂଜା :- ବାଙ୍କା ବଜାରରେ ସାର୍ବଜନୀନ ପୂଜା କମିଟି ତରଫରୁ ଏହା ପାଳନ କରାଯାଉଛି । ପ୍ରଥମେ ଏହି ଅଂଚଳରେ ବସବାସ କରୁଥିବା ବଙ୍ଗୀୟ ଗୁପ୍ତ ନାମଧାରୀ ପରିବାର ଏହି ପୂଜା ଆରମ୍ଭ କରିଥିଲେ । ପରେ ବାଙ୍କାବଜାର, ଘଡେଇସାହି, ବେହେରା ସାହିର ଲୋକେ ଘର ଘର ଚାନ୍ଦା ଆଦାୟ କରି ଏହି ପରମ୍ପରାକୁ ବଜାୟ ରଖିଆସୁଛନ୍ତି ।

ମା' ବଙ୍କବାସୁଳୀ ମେଢ - ସହରର ଆରାଧ୍ୟା ଦେବୀ ମା' ବଙ୍କବାସୁଳୀଙ୍କ ପୀଠରେ ୬୮ ବର୍ଷ ଧରି ଦୁର୍ଗାପୂଜା ପାଳିତ ହୋଇଆସୁଛି । ବଙ୍କସାହି ଅଂଚଳର ନନ୍ଦ ମହାନ୍ତିଙ୍କ ବ୍ୟକ୍ତିଗତ ଉଦ୍ୟମରେ ମା' ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଥିଲା । ତାଙ୍କ ମୃତ୍ୟୁ ପରେ ସ୍ଥାନୀୟ ବଙ୍କବାସୁଳୀ ପୂଜା କମିଟି ତରଫରୁ ପାରମ୍ପରିକ ରୀତିରେ ଓ ଆଡମ୍ବର ସହକାରେ ପୂଜା ପାଳିତ ହୋଇଆସୁଛି ବୋଲି ପୂଜା କମିଟିର ସଂପାଦକ ବ୍ରଜ କିଶୋର ଦାସ କୁହନ୍ତି ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ଉତ୍ସବ

ଭଦ୍ରକ, ୨୮/୦୯ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ଉତ୍ସବ ରବିବାର ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ଆଗରପଡା ମେଳନ ପଡିଆ ଠାରେ ପାଳିତ ହୋଇଯାଇଛି । ସଂଘ ୧୯୨୫ ମସିହା ସେପ୍ଟେମ୍ବର ୨୭ ତାରିଖ କିଛି ଉତ୍ସାହୀ ଯୁବକ ମାନଙ୍କୁ ନେଇ ଆରମ୍ଭ କରାଯାଇଥିଲା । ପ୍ରତିଷ୍ଠାତା ଡ.କେଶବ ବଳିରାମ ହେଡ୍‌ଗେୱାର୍ ଏକ ମହାନ୍ ଚିନ୍ତାଧାରା ନେଇ ଏହା ଗଠନ କରିଥିବା ବେଳେ ବ୍ୟକ୍ତି କୈନ୍ଦ୍ରିକ ନ ହୋଇ ସମାଜ କୈନ୍ଦ୍ରିକ ଭାବେ ରାଷ୍ଟ୍ର ହିତରେ କାର୍ଯ୍ୟ କରିବା ସଂଗଠନର ଲକ୍ଷ୍ୟ ଥିଲା । ଦେଶରେ କ୍ରାନ୍ତି ଆଣିବାର ପ୍ରୟାସରେ ଲକ୍ଷ ଲକ୍ଷ ସ୍ୱୟଂ ସେବକ ଏବେ ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟ କରି ଆସୁଛନ୍ତି । ଅନେକ ବାଧା ପ୍ରତିବନ୍ଧକକୁ ସାମ୍ନା କରି ସଂଘ ଆଗକୁ ବଢୁଥିବା ବେଳେ ବିଶେଷ କରି ଅଯୋଧାର ରାମ ଜନ୍ମଭୂମି ଆନ୍ଦୋଳନ କାଳରେ ସ୍ୱୟଂ ସେବକଙ୍କ କାର୍ଯ୍ୟଧାରକୁ ବିଶ୍ୱବାସୀ ପରଖି ଥିବା ଜିଲ୍ଲା କାର୍ଯ୍ୟବାହକ ରଶ୍ମିରଞ୍ଜନ ରାଉତ୍ ପ୍ରକାଶ କରିଥିଲେ । ଜିଲ୍ଲା ଶାରିରୀକ ଶିକ୍ଷା ଶିକ୍ଷଣ ପ୍ରମୁଖ ସଞ୍ଜୟ କୁମାର ବାରିକ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ସରପଚଂ ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଶତାଧିକ ସ୍ୱୟଂ ସେବକ ଗଣବେଶରେ ଏକତ୍ରିତ ହେବା ସହ ଗୌରିକ ଧ୍ୱଜ ପୂଜା କରାଯାଇଥିଲା । ପରେ ସଚଂଳନରେ ଆଗରପଡା ବଜାର ପରିକ୍ରମା କରିଥିଲେ ସ୍ୱୟଂ ସେବକ ମାନେ । ଶେଷରେ ଶାରିରୀକ ଓ ବୌଦ୍ଧିକ କାର୍ଯ୍ୟକ୍ରମ ସହ ସଂଘ ପ୍ରାର୍ଥନା ବୋଲାଯାଇ ସମାପନ କରାଯାଇଥିଲା ।

# ପ୍ଲାଂଟେସନ ଜାଲି ଚୋରି ଅଭିଯୋଗ

ଜୟପୁର, ୨୮/୦୯ (ନି.ପ୍ର): କୁନ୍ତରଖାଲ ଗ୍ରାମ ନିକଟରେ ଜଙ୍ଗଲ ବିଭାଗ ତରଫରୁ ପ୍ଲାଣ୍ଟେସନର ଜାଲି ଚୋରି ହୋଇଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି । ଜୟପୁର ବନପାଳ ସୁଶିଳ କୁମାର ମହାନ୍ତି ଅଭିଯୋଗ କରିଛନ୍ତି ଯେ, ଜୟପୁର ନିକଟ କୁନ୍ତରଖାଲ ଗ୍ରାମରେ ଜଙ୍ଗଲ ବିଭାଗ ତରଫରୁ ଏକ ପ୍ଲାଂଟେସନ କାର୍ଯ୍ୟ କରାଯାଇଥିଲା । ଗତକାଲି ରାତ୍ରରେ ଦୁର୍ବୃତ ମାନେ ପ୍ଲାଂଟେସନରେ ୧୮ଟି ଖମ୍ବରୁ ପ୍ରାୟ ୧୪୪ଟି ବାଡ ଜାଲି ଚୋରି କରିଛନ୍ତି । ଏ ନେଇ ସେଠାକାର ଜଗୁଆଳି ସୂଚନା ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ପହଂଚି ଖୋଜାଖୋଜି କରିବାରେ ମଧ କିଛି ସୁରାକ୍ ମିଳି ନଥିଲା । ଏନେଇ ଅଭିଯୋଗ ପାଇ ଜୟପୁର ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଶ୍ରୀକ୍ଷେତ୍ରରେ ଶାକ୍ତ ଉପାସନା: ବ୍ରହ୍ମମୟୀ ଦୁର୍ଗତିନାଶିନୀ ବ୍ରହ୍ମ ସ୍ୱରୂପା ଦେବୀଦୁର୍ଗା

ପୁଷ୍ପମିତ୍ର ମହାପାତ୍ର

ଓଡ଼ିଶାରେ ଶକ୍ତି ଉପାସନାର ପରମ୍ପରା ଅତି ପ୍ରାଚୀନ। ଆଜି ମଧ ଓଡ଼ିଶା ଶକ୍ତି ଉପାସନାର ଆଦି ପୀଠ ଭାବରେ ସମଗ୍ର ଭାରତ ବର୍ଷ କାହିଁକି ବିଶ୍ୱ ଦରବାରରେ ସୁପରିଚିତ ହୋଇପାରିଛି। ଏଥିପୂର୍ବରୁ ପ୍ରାଚୀନ ଉତ୍କଳ ଏକ ତନ୍ତ୍ର ପୀଠ ଭାବରେ ଖ୍ୟାତି ଅର୍ଜନ କରିଥିବାର କିମ୍ବଦନ୍ତୀ ଭାରତୀୟ ଆଧ୍ୟାତ୍ମିକ ଇତିହାସରେ ଲିପିବଦ୍ଧ। ଏତଦ୍ ବ୍ୟତୀତ ବହୁ ଆବହମାନ କାଳରୁ ଓଡ଼ିଶାର ପ୍ରତି ସହରଠାରୁ ଆରମ୍ଭ କରି ଗ୍ରାମ ଓ ପୁର ପଲ୍ଲୀରେ ଗ୍ରାମଦେବୀ (ମାଉଳୀ) ମନ୍ଦିର ମାନ ଦେଖାଯାଏ। ଏମାନେ କାଳୀ, ଚଣ୍ଡୀ, ଦୁର୍ଗା, ଭୈରବୀ, ରାମଚଣ୍ଡୀ, ହରଚଣ୍ଡୀ ନାମରେ ଖ୍ୟାତ। ସେହିସବୁ ପୀଠର ପୂଜା ପଦ୍ଧତି ମେଳା ମହୋତ୍ସବ ଆଜି ଓଡ଼ିଶାର ପରମ୍ପରାକୁ ବଜାୟ ରଖିଛି।

ଓଡ଼ିଶାରେ ଚତୁର୍ଥ ଶତାବ୍ଦୀ ଠାରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ଦ୍ୱିଭୁଜା ଦେବୀ ରୂପେ ବିରଜା ଆବିର୍ଭୁତା ହୋଇଥିଲେ। ସେହି ସମୟ ପରେ ପରେ ଚତୁର୍ଭୁଜା ସୌମ୍ୟା ବିମଳାଙ୍କ ମୂର୍ତ୍ତି ପୁରୁଷୋତ୍ତମ କ୍ଷେତ୍ରରେ ଉପାସିତ ହେଉଥିବା ପ୍ରମାଣର ମିଳେ। ଓଡ଼ିଶାର ସର୍ବ ପ୍ରାଚୀନ ଶକ୍ତି ଉପାସନାର କ୍ଷେତ୍ର ଭାବେ ବିରଜା ଦେବୀଙ୍କ ପୀଠକୁ ନିଆଯାଇଥିବାବେଳେ ଦେବୀ ବିମଳା ହେଉଛନ୍ତି ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀକ୍ଷେତ୍ରର ପ୍ରାଚୀନତମ ଦେବୀ। ଶାକ୍ତାଗମ ଅନୁସାରେ 'ତାରା ସାକ୍ଷାତ୍ ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ, ନୀଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣକାଳିକା।' ତନ୍ତ୍ରସାର ଗ୍ରନ୍ଥାନୁସାରେ ପୁରୁଷୋତ୍ତମ କ୍ଷେତ୍ରକୁ ରକ୍ଷା କରିବା ପାଇଁ ଅଷ୍ଟଶକ୍ତିଙ୍କୁ ସ୍ଥାପନା କରାଯାଇଛି। ଶ୍ରୀକ୍ଷେତ୍ରର ଶାକ୍ତ ଉପାସନା ସମ୍ବନ୍ଧରେ ଆଲୋଚନା କଲେ ଜଣାଯାଏ ଯେ, ଏଠାରେ କାତ୍ୟାୟନୀ (ବିମଳା) ଓ ଶ୍ରୀଜଗନ୍ନାଥ ଉପାସ୍ୟ ଦେବତା। ୧୦୮ ସିଦ୍ଧପୀଠ ବର୍ଣ୍ଣନା ପ୍ରସଙ୍ଗରେ ପୁରୁଷୋତ୍ତମ ପୀଠ ଏବଂ ପୀଠଧୀଶ୍ୱରୀ ମା' ବିମଳାଙ୍କ ନାମ ଉଲ୍ଲେଖଯୋଗ୍ୟ।

ପୁରୀସ୍ଥିତ ମହାପ୍ରଭୁଙ୍କ ଶ୍ରୀମନ୍ଦିରର ନୈଋତ ଦିଗରେ ଜଗତଜ୍ଜନନୀ ମା'ବିମଳା ଦେବୀ ବିରାଜମାନ କରିଛନ୍ତି। ତାଙ୍କ ପବିତ୍ର ତେଜୋମୟ ପାଦପଦ୍ମ ଦର୍ଶନ କଲେ ଭକ୍ତିମୁକ୍ତି ଉଭୟ ଅନାୟସରେ ମିଳିଥାଏ। ଏପରିକି ମହାପ୍ରଭୁଙ୍କର କୈବଲ୍ୟପାନପ୍ରେରା ପରମ କରୁଣାମୟୀ ଭୈରବୀ ସ୍ୱରୂପିଣୀ ଅନନ୍ତକୋଟି ବ୍ରହ୍ମାଣ୍ଡେଶ୍ୱରୀ ତ୍ରିପୁରସୁନ୍ଦରୀ ଶ୍ରୀକ୍ଷେତ୍ର ରାଜେଶ୍ୱରୀ ସଚ୍ଚିଦାନନ୍ଦଲହରୀ ମା'ବିମଳା ସାକ୍ଷାତ ଭୁକ୍ତିମୁକ୍ତି ପ୍ରଦାୟିନୀ ଅଟନ୍ତି। ଶ୍ରୀମନ୍ଦିରରେ ବିରାଜିତା ପୀଠାଧୀଶ୍ୱରୀ ମା'ବିମଳା ଓ ଅନ୍ୟାନ୍ୟ ଶକ୍ତି ମନ୍ଦିର ମାନଙ୍କ ବ୍ୟତୀତ ଶ୍ରୀକ୍ଷେତ୍ରର କେତେକ ପ୍ରାଚୀନ ସାହି ଓ ବଡ଼ଦାଣ୍ଡରେ ସୁପ୍ରତିଷ୍ଠିତ ଶକ୍ତିପୀଠ ତଥା ଦେବୀ ମନ୍ଦିର ମାନଙ୍କ ମଧ୍ୟରେ ଅର୍ଦ୍ଧାଶନୀ, କାଳିକାଦେବୀ ସାହିସ୍ଥ ମା'ଦକ୍ଷିଣକାଳିକା, ଗଛକାଳି, କାକୁଡ଼ିଖାଇ, ଚୁଡ଼ଙ୍ଗ ସାହିସ୍ଥ ଦେବୀ ବିଶେଶ୍ୱରୀ, ବାଲିସାହିସ୍ଥ ମା' ବାରହୀ, ଶ୍ୟାମାକାଳୀ, ବାସେଲୀ ସାହିସ୍ଥିତ ମା'ବାସେଲୀ, ବନଦୁର୍ଗା, ପଣାପ୍ରିୟା, ହରଚଣ୍ଡୀ ସାହିସ୍ଥ ଚାମୁଣ୍ଡାମୁଣ୍ଡି, ହରଚଣ୍ଡୀ, ଦୋଳମଣ୍ଡପ ସାହିର କାଳିକା, ନାରାୟଣୀ, ବଡ଼ଦାଣ୍ଡସ୍ଥ ଚର୍ଚ୍ଚିକା, ମର୍ଚ୍ଚିକା, ଶ୍ରୀ ନଅରରେ ବିରାଜିତା, କନକଦୁର୍ଗା, ମାର୍କଣ୍ଡେଶ୍ୱର ସାହିର ଭଗବତୀ, ସପ୍ତମାତୃକା, ଅଲେଇ ଠାକୁରାଣୀ, ଅଠରନଳା ସନ୍ନିକଟସ୍ଥ ଆଲାମଚଣ୍ଡି, କୁଣ୍ଡେଇବେଣ୍ଟ ସାହିସ୍ଥ ଜାଡୁଆଣୀ, ରାମଚଣ୍ଡି ଆଦି କେତେକ ପ୍ରସିଦ୍ଧ ଶାକ୍ତ ମନ୍ଦିର ଓ ପୀଠମାନ ପ୍ରତିଷ୍ଠା ପୂର୍ବକ ଶ୍ରୀକ୍ଷେତ୍ରର ଶାକ୍ତ ଉପାସନାକୁ ସମୃଦ୍ଧ କରାଇଛନ୍ତି। ସେହିପରି ଶ୍ରୀମନ୍ଦିରରେ ଉଭୟ ଭିତର ଓ ବାହାର ବେଢ଼ାରେ କୁତାମ ଚଣ୍ଡି, ବେଢ଼ାକାଳୀ, ଭୁବନେଶ୍ୱରୀ, ଇନ୍ଦ୍ରାଣୀ, ମହାଲକ୍ଷ୍ମୀ, ବାଟମଙ୍ଗଳା, ଷଷ୍ଠୀ, ସାବିତ୍ରୀ, ଗାୟତ୍ରୀ, ସରସ୍ୱତୀ, ଶୀତଳା, ଉତ୍ତରାୟଣୀ, ଘଣ୍ଟେଶ୍ୱରୀ, ସମଲେଶ୍ୱରୀ, ଅନ୍ନପୂର୍ଣ୍ଣା, ମହାକାଳୀ, ଦଶମହାବିଦ୍ୟା, ବୁଢ଼ୀ ମା' ମଙ୍ଗଳା, ଦୁର୍ଗା, ହରଚଣ୍ଡୀ, ବସନ୍ତେଇ, ଖମ୍ବକାଳିକା, ଝାଡ଼େଶ୍ୱରୀ, ରାଧା, ରତ୍ନସିଂହାସନସ୍ଥିତା ଦେବୀ ସୁଭଦ୍ରା, ଶ୍ରୀଦେବୀ, ଭୂଦେବୀ ଆଦି ବହୁ ଦେବୀ ପ୍ରତିମା ବିରାଜିତା ଓ ଉପାସିତ ହେଉଛନ୍ତି। ଏପରିକି ସ୍କନ୍ଦ ପୁରାଣରେ ଦେବୀ ସୁଭଦ୍ରାଙ୍କୁ ଶ୍ରୀଜଗନ୍ନାଥଙ୍କର ଶକ୍ତି ସ୍ୱରୂପିଣୀ ଭାବେ ବର୍ଣ୍ଣନା କରାଯାଇଛି।

ବସନ୍ତ ଏବଂ ଶରତ ଋତୁରେ ଦେବୀ ଆରାଧନା କରାଯାଏ। ଚୈତ୍ର ଶୁକ୍ଳ ଏବଂ ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ନବଗୌରୀ ବା ନବଦୁର୍ଗା ପୂଜା ଅନୁଷ୍ଠିତ ହୁଏ। ସର୍ବ ମୂଳରେ ଶକ୍ତି ହିଁ ମୁଖ୍ୟବସ୍ତୁ। ସୂର୍ଯ୍ୟ ଉଦୟ ହେଲେ ଯେପରି ଅନ୍ଧକାର ଦୂର ହୋଇଯାଏ ଠିକ ସେହିପରି ଦୁର୍ଗାଙ୍କୁ ସ୍ମରଣ କଲେ ବିପଦ ଦୂର ହୋଇଯାଏ। ତେଣୁ ଅନେକ ବ୍ୟକ୍ତି ଦୁର୍ଗାଙ୍କୁ ସ୍ମରଣ କରିଥାନ୍ତି। ଦୁର୍ଗେ ଦୁର୍ଗତି ନାଶିନୀ ବୋଲି ମନ୍ତ୍ର ଉଚ୍ଚାରଣ କରନ୍ତି। - 'ସର୍ବ ମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ, ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ନାରାୟଣୀ ନମସ୍ତୁତେ।'

ଭାରତୀୟ ସଂସ୍କୃତିରେ ଶକ୍ତି ମାତୃକାଙ୍କ ଉପାସନା କେଉଁ ଅନନ୍ତକାଳରୁ ହୋଇଆସୁଅଛି। ଆଦିମ ମାନବର ପରିକଳ୍ପନାରେ ସର୍ବପ୍ରଥମେ ଦେବୀ ଚେତନା ଓ ମାତୃଚେତନା ସ୍ଥାନ ପାଇ ଶକ୍ତି ମାତୃକାଙ୍କୁ ଉପାସନା କରାଯାଉଅଛି। ମଣିଷ ଅନୁଭବ କଲା ଶକ୍ତିର ନାମ ଓ ପ୍ରବାହ ଅନନ୍ତ। ପ୍ରଥମେ ତ୍ରିଶକ୍ତି, ଷଣ୍ମାତୃକା, ସପ୍ତମାତୃକା, ଷୋଡ଼ଶମାତୃକା ଓ ଅଷ୍ଟଚଣ୍ଡୀ ମାନଙ୍କୁ ଉପାସନା କରାଗଲା; ମାତ୍ର ପରେ ନବଶକ୍ତି, ନବକାତ୍ୟାୟନୀ, ବିଷ୍ଣୁଶକ୍ତି, ରୁଦ୍ରଶକ୍ତି ଓ ଚଉଷଠି ଯୋଗିନୀ ମାନଙ୍କ ରୂପ ପରିକଳ୍ପନା କରାଯାଇ ସେମାନଙ୍କୁ ଉପାସନା କରାଗଲା। ଆଦ୍ୟାଶକ୍ତି ହିଁ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟିକାରିଣୀ, ପାଳନକାରିଣୀ ଓ ସଂହାରକାରିଣୀ। ଶକ୍ତି ହେଉଛନ୍ତି ସର୍ବାନନ୍ଦମୟୀ, ବିଶ୍ୱେଶ୍ୱରୀ, ବିଶ୍ୱରୂପା, ସ୍ୱୟଂସିଦ୍ଧା, ସର୍ବସିଦ୍ଧା, ସର୍ବରୂପା, ସୌମ୍ୟା ଓ ରୁଦ୍ରା। ଆଜିର ଏ ଜଗତ ଭ୍ରଷ୍ଟାଚାର, ଦୂରାଚାର, ପାପାଚାର, ମିଥ୍ୟାଚାର ମଧ୍ୟରେ ଆଚ୍ଛନ୍ନ। ସମସ୍ତେ ପ୍ରାୟତଃ ମୋହ, ମଦିରାରେ ସଂଶ୍ଲିଷ୍ଟ ଓ ସମସ୍ତେ ସୁଖ ଖୋଜିବାରେ ବ୍ୟସ୍ତ। 'ଭୋଗ' ହିଁ ମଣିଷର ଶ୍ରେୟ ହୋଇଗଲାଣି। ଭୋଗ ହିଁ ପ୍ରତ୍ୟେକ ମଣିଷ ଚାହୁଁଛି। ଧୀରେ ଧୀରେ ପ୍ରତ୍ୟେକ ମଣିଷ ମଧ୍ୟରେ ଆସୁରିକ ସ୍ୱଭାବ ବସା ବାନ୍ଧିବାରେ ଲାଗିଛି।

ତେଣୁ ଶେଷରେ ଏତିକି କହିବାକୁ ପଡ଼ିବ ଯେ - 'ହେ ମା ଦୁର୍ଗେ! ତୁମେ ମଣିଷ ମନରୁ ମିଥ୍ୟା, କ୍ରୋଧ, ଅଭିମାନ, ଅହଂଭାବ, ନାସ୍ତିକତା, ଆତ୍ମଗ୍ଳାନି, ଅସୂୟା, ଈର୍ଷା, ଦ୍ୱେଷଭାବ ଆଦି ଦୁର୍ଗୁଣ ଗୁଡ଼ିକୁ ଦୂର କର। ଏ ଜାତିର ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ଯେଉଁମାନେ ବିକାଶ କରିବାରେ ଆଗେଇ ଆସିଛନ୍ତି ତାଙ୍କ ମଧ୍ୟରେ ଏକ ମହନୀୟ ଗୁଣ ଉଦ୍ରେକ କର। ଦେହ ମଧ୍ୟରେ ଅଗ୍ନି, ଅଗ୍ନି ମଧ୍ୟରେ ଦ୍ୟୁତି, ଦ୍ୟୁତି ମଧ୍ୟରେ ଦୀପ୍ତି, ଦୀପ୍ତି ମଧ୍ୟରେ ଚନ୍ଦ୍ର, ଚନ୍ଦ୍ର ମଧ୍ୟରେ ବୀର୍ଯ୍ୟ ଶକ୍ତି, ବୀର୍ଯ୍ୟଶକ୍ତି ମଧ୍ୟରେ ବିନ୍ଦୁ, ବିନ୍ଦୁ ମଧ୍ୟରେ ମନ, ମନ ମଧ୍ୟରେ ନାଦ, ନାଦ ମଧ୍ୟରେ କଳା, କଳା ମଧ୍ୟରେ ଜୀବ, ଜୀବ ମଧ୍ୟରେ ପରମ ଓ ପରମ ମଧ୍ୟରେ ଜୀବ। ଏହି ଚରାଚର ଜଗତ ହେଉଛି ବ୍ରହ୍ମ ସ୍ୱରୂପ ଏବଂ ଦେବୀ ଦୁର୍ଗା ମଧ୍ୟ ବ୍ରହ୍ମ ସ୍ୱରୂପା। ସେହି ବ୍ରହ୍ମମୟୀ ଦୁର୍ଗତିନାଶିନୀ ଦୁର୍ଗାଙ୍କ ଅଭୟ ପାଦପଦ୍ମରେ ଅନନ୍ତ କୋଟି ପ୍ରମାଣ।



+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ମୋ ୯୪୩୭୨୨୫୬୮୯,

# ନାରାୟଣୀ ନମସ୍ତୁତେ ! ଦୁର୍ଗାଦେବୀ ନମସ୍ତୁତେ !!

କାଳିକିଙ୍କର ଦାଶ

ଆଶ୍ୱିନ ମାସରେ ଏ ଧରାଧାମକୁ ଆସନ୍ତି ଦଶଭୁଜା ଦେବୀ ମାଆ ଦୁର୍ଗା । ସେ ନାରାୟଣୀ ଭାବରେ ମଧ୍ୟ ପୂଜିତ। ଯେତେବେଳେ ମହିଷାସୁରର ଆତଙ୍କରେ ତ୍ରୀପୁର ତ୍ରାହି ତ୍ରାହି କରୁଥିଲା ସେତେବେଳେ ହେଲା ଦେବୀଙ୍କର ଆଗମନ । ଦେବୀ ଏ ସଂସାରରୁ ମହିଷାସୁରର ବିନାଶ କରି ଦେବତା, ମାନବ ସମସ୍ତଙ୍କୁ କରିଥିଲେ ଆଶ୍ୱସ୍ତ । ସେହି ନବଦିନ ବ୍ୟାପି ଯୁଦ୍ଧକୁ ନବରାତ୍ର ବୋଲି କୁହାଯାଏ । ଶେଷ ଚାରିଦିନ ଥିଲା ବିଶେଷ ଦିନ । ବିଲ୍ୱ ବା ବେଲଗଛ ମୂଳରୁ ଏହି ଶକ୍ତି ସ୍ୱରୂପିଣୀ ଦେବୀ ପ୍ରକଟ ହେଲେ ଓ ମହିଷାସୁର ସହ ଭୀଷଣ ଯୁଦ୍ଧ କଲେ । ଆଶ୍ୱିନ ଶୁକ୍ଳ ସପ୍ତମୀଦିନ ସୂର୍ଯ୍ୟୋଦୟ ସହ ବିଲ୍ୱଦଳ ବା ବେଲଗଛ ପାଖକୁ ଯାଇ ମାତାଙ୍କର ଆବାହନ କରାଯାଏ। ବେଲଗଛର ଆଦ୍ୟ ପୂଜା କରାଯାଏ ।

ଓଁ ବିଲ୍ୱବୃକ୍ଷ ମହାଭାଗ ! ସଦା ତ୍ୱଂ ଶଙ୍କର ପ୍ରିୟ ।

ଗୃହୀତ୍ୱ ତ୍ୱ ଶାଖା ଚ ଦୁର୍ଗା ଫ୍ୟୁଜାନ କରୋମ୍ୟହମ ।

ଓଁ ଶାଖୋ ଛେଦୋମ ଦ୍ଭବ ଦୁଃଖ ନ ଚ କାର୍ଯ୍ୟ ତ୍ୱୟା ପ୍ରଭୁ ।

ଦେବଇ ଗୃହୀତ୍ୟା ତେ ଶାଖାନ ପୂଜ୍ୟା ଦୁର୍ଗତି ବିଶୃତି ।

ଶାସ୍ତ୍ର ପୁରାଣରେ ବର୍ଣ୍ଣିତ ଅଛି ଯେ ବିଲ୍ୱ ବା ବେଲ ଗଛର ପତ୍ର ଦେବୀଙ୍କର ଅତି ପ୍ରିୟ । ତ୍ରୀପତ୍ର ଧାରକ ବେଲପତ୍ର ଦେବୀଙ୍କୁ ତ୍ରୀନେତ୍ର ପ୍ରଭୁ ଶଙ୍କରଙ୍କର ଉପସ୍ଥିତିର ପ୍ରମାଣ ଦିଏ । ମାତା ଯେତେବେଳେ ମହିଷାସୁର ସହ ଯୁଦ୍ଧ କରୁଥିଲେ ସେତେବେଳେ ସ୍ୱୟଂ ଶଙ୍କର ଓ ନାରାୟଣ ମାଆଙ୍କ ସହ ଉପସ୍ଥିତ ଥିଲେ । ବିଲ୍ୱଦଳ ବା ବେଲପତ୍ର ନେଇ ମାଆଙ୍କୁ ପୂଜାର୍ଚ୍ଚନା କରୁଥିଲେ । ତେଣୁ ସପ୍ତମୀତିଥିରେ ଦୁଇଟି ବେଲ ଥିବା ଶାଖା ନେଇ ମାଆଙ୍କ ପାଖରେ ରଖାଯାଏ ଓ ବେଲପତ୍ର ପୁଷ୍ପ ଆଦିରେ ଦେବୀଙ୍କ ଆରାଧନା କରାଯାଏ ।



' ଓଁ ଛିନ୍ଦୀ ଛିନ୍ଦୀ ଫଟ ଫଟ ସ୍ୱହା' କହି ଏହି ଦୁଇଟି ଫଳ ଯୁକ୍ତ ବେଲ ଶାଖାକୁ ନିଆଯାଏ । ତେବେ ନବରାତ୍ର ପୂଜାରେ ପ୍ରକୃତିର ଏକ ବିଶେଷ ସମ୍ପର୍କ ରହିଛି । ସେହି ଫଳଯୁକ୍ତ ଶାଖା ସହ ନବପତ୍ରକୁ ରଖାଯାଏ ବା ବନ୍ଧନ କରାଯାଏ ଯାହାର ପୂଜାକୁ ନବପତ୍ରିକା ପୂଜା ମଧ୍ୟ କୁହାଯାଏ । ସେ ନବପତ୍ର ବିଲ୍ୱଦଳ ନୁହଁ ବରଂ କଦଳୀ, ହଳଦୀ, ଅରବୀ, ଜାଇତି, ବରକୋଳି,ଅନାର, ଅଶୋକ, ମାନକ ବା କଚୁ ଓ ଧାନ ହୋଇଥାଏ । ଷଷ୍ଠୀଦିନ ସନ୍ଧ୍ୟାରେ ଏକ କଦଳୀ ଗଛରେ ଏ ସବୁ ପତ୍ରକୁ ବାନ୍ଧି ବେଲଗଛ ମୂଳରେ ରଖାଯାଏ । ତାପରଦିନ ଏହାକୁ ଗଙ୍ଗାରେ ବା ପବିତ୍ର ନଦୀ ଅଥବା ପୁଷ୍କରିଣୀରେ ସ୍ନାନ କରେଇ ଅଥବା ଗୃହର ପୂଜାଘର ଆଗରେ ସ୍ନାନ କରେଇ ବିଘ୍ନରାଜ ଗଣେଶଙ୍କ ଆରାଧନା ସହ ସିନ୍ଦୁର ଆଦି ପ୍ରଦାନ କରି ପୂଜା କରାଯାଏ ।

ଓଁ ପୁଣ୍ୟଯୁର୍ଦ୍ଧନ- ବୃଦ୍ଧୟର୍ଥ, ନେଷ୍ୟାମି ଚଣ୍ଡୀକାଳୟମ ।

ବିଲ୍ୱ ଶାଖାନ ସମାଶ୍ରୀତ୍ୱ, ଲକ୍ଷ୍ମୀରାଜ୍ୟ ପ୍ରୟଚ୍ଛ ମେ ।।

ଓଁ ଆଗଚ୍ଛ ଚଣ୍ଡିକେ ଦେବୀ ! ସର୍ବ କଲ୍ୟାଣ ହେତବେ ।

ପୂଜାନ ଗୃହାଣ ସୁ-ମୁଖି ! ନମସ୍ତେ ଶଙ୍କର ପ୍ରିୟେ !

ଏମିତି ମନ୍ତ୍ର ଉଚ୍ଚାରଣ କରି ଏହି ନବପତ୍ରିକା ପୂଜନର ପ୍ରାରମ୍ଭ କରାଯାଏ । ନବପତ୍ରର ସ୍ନାନ ମଧ୍ୟ ଚଣ୍ଡିପୁରାଣରେ ଅତ୍ୟନ୍ତ ମହତ୍ତ୍ୱ ଦିଆଯାଇଛି । ଭକ୍ତିପୂତ ଚିତ୍ତରେ ସ୍ନାନ ମନ୍ତ୍ର ଉଚ୍ଚାରଣ କରି ପ୍ରତ୍ୟେକ ପତ୍ରର ଅର୍ଚ୍ଚନା କରାଯାଏ । ପ୍ରତ୍ୟେକ ନବପତ୍ରର ପୂଜାର୍ଚ୍ଚନା ପରେ ପ୍ରତ୍ୟେକ ବୃକ୍ଷର ମଧ୍ୟ ପୂଜାର୍ଚ୍ଚନା ସମ୍ପନ୍ନ କରାଯାଏ । ତାପରେ ସେ ନବପତ୍ରିକାକୁ ମାତାଙ୍କ ସମ୍ମୁଖରେ ରଖି ମାତାଙ୍କର ଆବାହନ କରାଯାଏ।

ଓଁ ଦୁର୍ଗେ ଦେବୀ ! ସାମାଗଛ, ସାନ୍ନିଧ୍ୟମିହ କଳ୍ପୟ।

ରକ୍ଷା ରୂପେଣ ସର୍ବତ୍ର, ଶାନ୍ତିମ କୁରୁ ନମସ୍ତୁତେ ।

ଏମିତିଭାବରେ ଦେବୀ ଦଶଭୁଜାଙ୍କ ପୂଜାରେ ପ୍ରକୃତିରାଣୀ ବିଶେଷ ସମ୍ମାନ ଗ୍ରହଣ କରିଥାନ୍ତି । ପ୍ରକୃତି ସର୍ବକାଳରେ ମହାନ ଓ ବିଶେଷ ମହତ୍ତ୍ୱ ରଖିଥାଏ ବୋଲି ସ୍ୱୀକାର କରାଯାଏ । ଅସୁରମାନେ ଯେତେବେଳେ ମହିଷାସୁର ସହ ମାତା ଦୁର୍ଗାଙ୍କର ଯୁଦ୍ଧ ଦେଖୁଥିଲେ ସେତେବେଳେ ତାଙ୍କୁ ପ୍ରକୃତିର ପ୍ରତିଟି ଛତ୍ରରେ ମାତା ଦର୍ଶନ ଦେଉଥିଲେ । ଡାଳରେ, ପତ୍ରରେ, ଫଳରେ ସବୁଥିରେ ଥିଲା ସିଂହବାହିନୀ ମାଆ ଦୁର୍ଗାଙ୍କର ଭୟଙ୍କର ରୂପ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ମାତୃରୂପେଣ ସଂସ୍ଥିତା

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆର୍ଯ୍ୟଭୂମି ଭାରତ ବର୍ଷରେ ଶାକ୍ତ ସଂସ୍କୃତିର ଏକ ବିରାଟ ଐତିହ୍ୟ ରହି ଆସିଛି । ଆର୍ଯ୍ୟ ଓ ଅର୍ଯ୍ୟୋତର ବିଶ୍ୱାସ ଓ ସଂସ୍କାରର ସମନ୍ୱୟରୁ ଶକ୍ତି ଉପାସନା ଆରମ୍ଭ ହୋଇଥିଲା । ପ୍ରଚଳିତ ଶାକ୍ତ ବ୍ରତ ଗୁଡ଼ିକରେ ଦୁର୍ଗା, ଲକ୍ଷ୍ମୀ, ମହାକାଳୀ, ମଙ୍ଗଳା, ସାବିତ୍ରୀ, ଉତ୍ତରାୟଣୀ, ପାର୍ବତୀ, ଆରାଧ ଦେବୀ ରୂପେ ପୂଜା ପାଆନ୍ତି । ମୁଖ୍ୟତଃ ଏକ ଈଶ୍ୱର ଉପରେ ବିଶ୍ୱାସ ରଖିଥିଲେ ହେଁ ବହୁ, ଦେବଦେବୀ ପୂଜା ହିନ୍ଦୁ ସଂସ୍କୃତିର ଏକ ଉଲ୍ଲେଖଯୋଗ୍ୟ ବିଶିଷ୍ଟ୍ୟ । ତେଣୁ ଭାରତ ବର୍ଷରେ ବିଭିନ୍ନ ସମୟରେ ଜୈନ, ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ପଞ୍ଚସଖାଦି ବହୁ ଧର୍ମ ଓ ଦର୍ଶନ ସମ୍ପ୍ରଦାୟର ଉଦ୍ଭବ, ବିକାଶ ଓ ଅପୂର୍ବ ସମନ୍ୱୟ ସଂଘଟିତ ହୋଇ ସେହି ଧର୍ମାନୁସୃତ ବିଭିନ୍ନ ଦେବତା ମାନଙ୍କର ପୂଜା, ଉପାସନା ବ୍ୟାପକ ଭାବରେ ଜନ ସମାଜରେ ପ୍ରଚଳିତ ହୋଇଅଛି ।

ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମା'ଦୁର୍ଗାଙ୍କୁ କେବେହେଲେ ମାଟିର ପ୍ରତିମା ହିସାବରେ ଦେଖୁନାହାଁନ୍ତି। ପ୍ରତିମାରେ ଯାହାଙ୍କୁ ପୂଜା ହେଉଛି ସେ ହେଉଛନ୍ତି ପ୍ରତି ଘରେ ଘରେ ଦେହଧାରୀ ମା'। ନିଜ ମା'ଙ୍କ ଉପରେ ଭକ୍ତି ଓ ଭଲ ପାଇବା ଯେତେ ଜୀବନ୍ତ, ଦୁର୍ଗାପୂଜାର ସାର୍ଥକତା ତାଙ୍କ ପାଖରେ ସେତେ ବେଶୀ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଭଗବତୀ ପୂଜା କରିବା ଅର୍ଥ ନିଜ ମା'ଙ୍କୁ ହିଁ ଉପାସନା କରିବା। ମା' କେବଳ ପୂଜାର ବେଦୀରେ ଦଶଭୁଜା ପ୍ରତିମା ନୁହଁନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ। ଘରର ମା' ଓ ଜଗତର ମା'ଙ୍କର ଏକ ରୂପ। ଦଶଭୁଜା ଅର୍ଥ ହେଉଛି ଦୁଇ ହାତରେ ମା' ଦଶହାତର କାମ କରନ୍ତି। ମା'ଙ୍କର ଦଶହାତରେ ତ୍ରିଶୂଳ, ପାଶ, ପରଶୁ ଓ ଧନୁର୍ବାଣ ଇତ୍ୟାଦି ଦଶ ପ୍ରକାର ଅସ୍ତ୍ର ରହିଛି। ତେଣୁ ମା'ହେଉଛନ୍ତି ଦଶପ୍ରହର ଧାରିଣୀ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଏହି ଅସ୍ତ୍ର ହେଉଛି ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି ଯାହାଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ ଓ ପ୍ରତିହତ କରନ୍ତି ସ୍ୱୀୟ ସନ୍ତାନକୁ ରକ୍ଷା କରିବା ପାଇଁ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମା'ଦୁର୍ଗତି ନାଶିନୀ ହୋଇ ଦଶପ୍ରହରଣ ଧାରଣ କରି ସନ୍ତାନ ସଂରକ୍ଷଣରେ ନିୟୋଜିତା। ଚଣ୍ଡ, ମୁଣ୍ଡ, ଶୁମ୍ଭ, ନିଶୁମ୍ଭ ଓ ମହିଷାସୁର ପ୍ରଭୃତି ଅସୁରଦଳକୁ ଦମନ କରିଛନ୍ତି ମା'ଦୁର୍ଗା। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବିଜୟା ଉପଲକ୍ଷେ ପ୍ରଦତ୍ତ ବାଣୀରେ କହିଛନ୍ତି - ଏହି ମା'ମୋର ଐଶ୍ୱର୍ଯ୍ୟଶାଳିନୀ, ଦଶପ୍ରହରଣୀ ଯାହାଙ୍କ ପାଖରେ ଅଚ୍ୟୁତ ଆନତି ହିଁ ମୋର ଦୁର୍ଗ, ସେହି ଆନତି ଭିତର ଦେଇ ଯେତେବେଳେ ମା'ଙ୍କ ଚରଣରେ ମୁଁ ଆନତ ହୁଏ ସ୍ୱତଃସନ୍ଧିତ ଓ ସକ୍ରିୟତାରେ ସେତେବେଳେ ମା'ମୋର ଦୁର୍ଗତିନାଶିନୀ ଦୁର୍ଗା। ମା'ସିଂହବାହିନୀ। ମହାପରାକ୍ରମୀ ପଶୁରାଜର ପୃଷ୍ଠରେ ମା'ଙ୍କର ଚରଣ ନ୍ୟସ୍ତ, ତାର ଅର୍ଥ ପଶୁଭାବର ଉପରେ ମାତୃଭାବର ପ୍ରତିଷ୍ଠା।



ଦୁର୍ଗାପୂଜା ଶରତ ଋତୁରେ ପାଳିତ ହୁଏ ବୋଲି ମା'ଦୁର୍ଗାଙ୍କର ଅନ୍ୟ ଏକ ନାମ ଶାରଦା। କିନ୍ତୁ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଶାରଦା ବା ଶରତ ଆସିଛି ଶୃ ଧାତୁ ଠାରୁ - ଅର୍ଥ ବଧ ଓ ହିଂସା। ହିଂସାତ୍ମକ ଯାହା କିଛିକୁ ନିହତ କରି ମା'ରକ୍ଷାକୁ ସମୁଦ୍ଧକରି ତୋଳନ୍ତି। ସେ ଅସତ୍ ନିରୋଧି ପ୍ରଚଣ୍ଡା। ମା'ଦୁର୍ଗାଙ୍କ ଧାନମନ୍ତ୍ରରେ ମଧ୍ୟ ଅଛି ତାଙ୍କର ଅଷ୍ଟଶକ୍ତିର କଥା - ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା ଓ ଅତି ଚଣ୍ଡିକା। ମା'ହେଉଛନ୍ତି ଶିବଙ୍କ ଘରଣୀ - ଶିବାନୀ ଅର୍ଥାତ୍ ମଙ୍ଗଳବିଧାୟିନୀ। ମା'ସବୁ ସନ୍ତାନଙ୍କର ମଙ୍ଗଳ କାମନା କରନ୍ତି। ସମସ୍ତଙ୍କୁ କୋଳରେ ଧରନ୍ତି। ତେଣୁ ତାଙ୍କର ଅନ୍ୟ ନାମ ଜଗଦ୍ଧାତ୍ରୀ। ସେ ବିକ୍ଷୁବ୍ଧତା ଓ ବିଚ୍ଛିନ୍ନତାକୁ ସୁସଂଶ୍ଲିଷ୍ଟ କରିଉଠାନ୍ତି। ତେଣୁ ଦୁର୍ଗାପୂଜା କେବଳ ମାତ୍ର ପୁଷ୍ପବିଲ୍ୱପତ୍ରର ପୂଜା ନୁହେଁ, ଏହା ମାନବତାର ଏକ ବିରାଟ ମିଳନ ଉତ୍ସବ। ଭଗବାନ ଶ୍ରୀ ଶ୍ରୀ ଠାକୁର କହିଲେ - ମା' ଆସିଛନ୍ତି, ପୁତୁଳା ପରି ତାଙ୍କୁ ପୂଜା କଲେ ଆମ୍ଭମାନଙ୍କ ପ୍ରାଣରେ ତାଙ୍କର ପ୍ରତିଷ୍ଠା ହେବନାହିଁ। ସେ ପୂଜା ସମ୍ବର୍ଦ୍ଧନା ଓ ଚାରିତ୍ରିକ ଦ୍ୟୁତି ଆଣିପାରିବ ନାହିଁ। ପୂଜା ସମୟରେ ପ୍ରତିମାରେ ଚକ୍ଷୁଦାନ ଓ ପ୍ରାଣପ୍ରତିଷ୍ଠା କରାହୁଏ। ଭଗବାନ ଶ୍ରୀ ଶ୍ରୀ ଠାକୁର କହିଲେ - ପ୍ରକୃତ ଚକ୍ଷୁଦାନ ହେଉଛି - ମୋର ଚକ୍ଷୁ ତାଙ୍କର ଚକ୍ଷୁରେ ଦାନ କରିବା। ମୋର ଚକ୍ଷୁ ଯେପରି ତାଙ୍କର ଚକ୍ଷୁ ହୋଇଉଠେ। ମା'ବ୍ୟକ୍ତି, ବିଷୟ ଓ ବ୍ୟାପାରକୁ ଯେଭଳି ଭାବରେ ଦେଖିବା ପସନ୍ଦ କରନ୍ତି ଆମ୍ଭେମାନେ ଯେଭଳି ସେହିଭାବରେ ଦେଖିବାରେ ଅଭ୍ୟସ୍ତ ହେବୁ। ଆଉ ପ୍ରାଣ ପ୍ରତିଷ୍ଠା ହେଉଛି ଦେବତାଙ୍କର ଦିବ୍ୟଗୁଣରାଜି ଅନୁଶୀଳନ ଭିତରେ ନିଜ ନିଜ ଚରିତ୍ରରେ ଫୁଟାଇ ଉଠାଇବା। ଯୁଗପୁରୁଷୋତ୍ତମ ଯେତେବେଳେ ଆର୍ବିଭୂତ ହୁଅନ୍ତି ସେତେବେଳେ ସେ ଦେବତାଙ୍କୁ ଏହି ଭାବରେ ଜୀବନ୍ତ କରି ଉଠାଇବାକୁ ଶିକ୍ଷା ଦିଅନ୍ତି। ଦୁନିଆର ସବୁକିଛି ଓ ସମସ୍ତଙ୍କୁ ନେଇ ମା'ହେଉଛନ୍ତି ମହାମାୟା, ବିଶ୍ୱପ୍ରସବିନୀ ଓ ବିଶ୍ୱ ପରିବ୍ୟାପ୍ତା। ତାଙ୍କର ସ୍ତୁତିରେ ତାଙ୍କୁ କ୍ଷମାରୂପେ, ନିଦ୍ରା ରୂପେ, କ୍ଷୁଧାରୂପେ, ତୃଷ୍ଣାରୂପେ, ଶକ୍ତିରୂପେ, ଲଜ୍ଜାରୂପେ, ଶାନ୍ତିରୂପେ ଓ ଶ୍ରଦ୍ଧାରୂପେ ପୂଜା କରାଯାଏ। ପରମା ପ୍ରକୃତି ସେ। ପ୍ରକୃଷ୍ଟ ଭାବେ ଯାହା କରା ହୋଇଅଛି ତାହା ହିଁ ପ୍ରକୃତି। ମା'ଦୁର୍ଗା ଅନେକ ନାମରେ ପରିଚିତା। ତାଙ୍କର ପ୍ରତି ଗୁଣ ଓ ବୈଶିଷ୍ଟ୍ୟର ଏକ ଏକ ନାମ ହୋଇଛି। ଯଥା ନାରାୟଣୀ, ଭଦ୍ରକାଳୀ, ହୈମବତୀ, ଈଶ୍ୱରୀ, ବୈଷ୍ଣବୀ ଓ ମାହେଶ୍ୱରୀ ପ୍ରଭୃତି। ତାଙ୍କର ବୀଜମନ୍ତ୍ର ହ୍ରିଂ, ମାନେ ଲଜ୍ଜା। ସେ ଭଗବତୀ ଦୁର୍ଗା। ଭଗ ଅର୍ଥ ଐଶ୍ୱର୍ଯ୍ୟ। ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟର ଏହି ଛଅଟି ଐଶ୍ୱର୍ଯ୍ୟର ନାମ ଭଗ। ଏହା ପୂର୍ଣ୍ଣମାତ୍ରାରେ ବିରାଜିତ ମା'ଭଗବତୀଙ୍କ ପାଖରେ। ମହାମାୟା ମାନେ ମହାପରିମାପନକର୍ତ୍ତୀ। ବିଶ୍ୱର ପ୍ରତିଟି ବସ୍ତୁକୁ ସେ ପରିମାପିତ କରି ସୃଷ୍ଟି କରିଛନ୍ତି।

ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଭାବ ନାହିଁ, ମା'ଙ୍କୁ ବିଜୟା ଦଶମୀରେ ବିସର୍ଜନ ଦେଇଛ, ବରଂ ଭାବ, ଏହି ଦଶଭୁଜା, ଦଶପ୍ରହରଣ ଧାରିଣୀ, ଅସୁରଦଳନୀ ମା' ତୁମ ଠାରେ ଉତ୍ସୃଜିତ ହୋଇ ଜୀବନ୍ତ ଦୀପ୍ତିରେ ତୁମ ଜୀବନରେ ଜୀବନ୍ତ ହୋଇଉଠିଛନ୍ତି। ବିଜୟା ମା'ଙ୍କର ବିଲୟ ନୁହେଁ, ବିସର୍ଜ୍ଜନମାନେ ହେଉଛି ବିଶେଷ ବିସୃଷ୍ଟି। ସୃଷ୍ଟି ବିଧ୍ୱଂଶକାରୀ ମହିଷାସୁର ବିରୁଦ୍ଧରେ ମଙ୍ଗଳମୟୀ ଦେବୀଙ୍କର ସେ ଦିନର ରୋମାଞ୍ଚକାରୀ ଯୁଦ୍ଧ ଅଭିଯାନ ଏବେ ମଧ୍ୟ ଜନ ମାନସକୁ ଆଲୋଡ଼ିତ କରେ । ହେ ଅମୃତର ସନ୍ତାନଗଣ ଥରେ ଚିନ୍ତାକରି ଦେଖନ୍ତୁ ଗୋଟିଏ ମହିଷାସୁରକୁ ନିହତ କରିବା ପାଇଁ ସୃଷ୍ଟିର ସମସ୍ତ ଦେବ ଦେବୀ, ମଙ୍ଗଳମୟୀ ଜନନୀ ଦଶଭୁଜାଙ୍କୁ ସେମାନଙ୍କର ସମସ୍ତ ଅସ୍ତ୍ରଶସ୍ତ୍ର ଅର୍ପଣ କରିଥିଲେ । କିନ୍ତୁ ଆଜିର ବସ୍ତୁବାଦୀ ଦୁନିଆରେ ଯେଉଁ ସହଶ୍ର ସହଶ୍ର ମହିଷାସୁର ଜନ୍ମନେଇ ସମଗ୍ର ଜନଜୀବନରେ ଆତଙ୍କର ଛାୟା ଖେଳାଇ ଦେଲେଣି ସେମାନଙ୍କୁ ସଂହାର କରିବା ପାଇଁ କେଉଁ ଅସ୍ତ୍ରର ପ୍ରୟୋଜନ ଅଛି । ଏବେ ମଧ୍ୟ ସମୟ ଅଛି ଦୁର୍ଗତି ନାସିନୀ ଜଗଜ୍ଜନନୀଙ୍କ ଶୁଭାଗମନରେ ପଶୁବଳୀ ପରି ନାରକୀୟ କାଣ୍ଡ ପରିବର୍ତ୍ତେ ନିଜ ଭିତରେ ସ୍ଥାନ ଦେଇଥିବା ଈର୍ଷା, ଅସୂୟା, ପରଶ୍ରୀକାତରତା, ଅହମିକା ତଥା ନାନାଦି ସଂକୀର୍ଣ୍ଣତା ରୂପକ ମହିଷାସୁରକୁ, କଲ୍ୟାଣମୟୀ ଜନନୀ ଦଶଭୁଜାଙ୍କ ପଦାର ବିନ୍ଦରେ ବଳୀ ଦେଇ ଚୀର ପ୍ରବହମାନ ଧର୍ମ, ସଂସ୍କୃତି ଓ ସଭ୍ୟତାକୁ ମାର୍ଜିତ ଓ ସୁସହନ୍ତ କରିପାରିଲେ ସାରା ଜଗତରୁ ଦୁଃଖର ଦାବାନଳ ନିର୍ବାପିତ ହୋଇଯିବ ।

+ପ୍ରତିରଦ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ : ୯୪୩୭୦୫୧୯୫୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅର୍ଥନୀତିର ମିଶ୍ରିତ ଚିତ୍ର: ଶିଳ୍ପ ଉତ୍ପାଦନ ତଥ୍ୟରୁ କିଛି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା

ଅଗଷ୍ଟ ୨୦୨୫ରେ ଭାରତର ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ହାର ଧିମା ହେବା ଦେଶର ଅର୍ଥନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ । ଶିଳ୍ପ ଉତ୍ପାଦନ ସୂଚକାଙ୍କ (IIP) ତଥ୍ୟ ଅନୁଯାୟୀ, ଅଗଷ୍ଟ ମାସରେ ଶିଳ୍ପ ଅଭିବୃଦ୍ଧି ୪%କୁ ହ୍ରାସ ପାଇଛି, ଯାହା ଜୁଲାଇ ମାସରେ ୪.୩% ଥିଲା । ଏହି ମନ୍ଥରତା ମୁଖ୍ୟତଃ ଉପଭୋକ୍ତା-କେନ୍ଦ୍ରିତ କ୍ଷେତ୍ରଗୁଡ଼ିକରେ ପରିଲକ୍ଷିତ ହୋଇଛି, ଯାହା ସାଧାରଣ ଲୋକଙ୍କ କ୍ରୟ ଶକ୍ତି ଏବଂ ବଜାର ଚାହିଦା ସମ୍ପର୍କରେ ଗଭୀର ପ୍ରଶ୍ନ ସୃଷ୍ଟି କରୁଛି ।

ବିଶେଷକରି, ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ (Consumer Durables) ଏବଂ କ୍ଷଣସ୍ଥାୟୀ ଉପଭୋକ୍ତା ସାମଗ୍ରୀ (Consumer Non-Durables) କ୍ଷେତ୍ରରେ ଅଭିବୃଦ୍ଧିର ମନ୍ଥରତା ଚିନ୍ତାର ବିଷୟ । ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ କ୍ଷେତ୍ରରେ ଅଭିବୃଦ୍ଧି ଜୁଲାଇର ୭.୩%ରୁ ଅଗଷ୍ଟରେ ୩.୫%କୁ ଖସି ଆସିଛି । ଏହା ଗତ ବର୍ଷ ଅଗଷ୍ଟରେ ଥିବା ୫.୪% ତୁଳନାରେ ମଧ୍ୟ କମ୍ । ଏହାଠାରୁ ଅଧିକ ଚିନ୍ତାଜନକ ହେଉଛି କ୍ଷଣସ୍ଥାୟୀ ଉପଭୋକ୍ତା ସାମଗ୍ରୀ କ୍ଷେତ୍ରରେ ୬.୩% ସଂକୋଚନ, ଯାହା ଗତ ଆଠ ମାସ ମଧ୍ୟରେ ସବୁଠାରୁ ଖରାପ ପ୍ରଦର୍ଶନ । ଏହି କ୍ଷେତ୍ରଗୁଡ଼ିକ ସିଧାସଳଖ ଉପଭୋକ୍ତା ଚାହିଦା ସହିତ ଜଡିତ ଥିବାରୁ, ଏହି ମନ୍ଥରତା ବଜାରରେ ଦୁର୍ବଳ ଚାହିଦା ଏବଂ ସାଧାରଣ ଲୋକଙ୍କ ମଧ୍ୟରେ କ୍ରୟ କରିବାର ଇଚ୍ଛାର ଅଭାବକୁ ସୂଚାଉଛି । ଏହା କେବଳ ଉତ୍ପାଦକମାନଙ୍କ ପାଇଁ ନୁହେଁ, ସମଗ୍ର ଅର୍ଥନୀତି ପାଇଁ ଏକ ବଡ଼ ଆହ୍ୱାନ ।

ଏହି ସମୟରେ, ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଧିମା ହୋଇ ୩.୮%ରେ ପହଞ୍ଚିଛି, ଯାହା ଜୁଲାଇରେ ୬% ଥିଲା । ପୁଞ୍ଜିଗତ ସାମଗ୍ରୀ (Capital Goods) କ୍ଷେତ୍ରରେ ଅଭିବୃଦ୍ଧି ଜୁଲାଇର ୬.୭%ରୁ ୪.୪%କୁ ଖସି ଆସିଛି । ଭିତ୍ତିଭୂମି ଏବଂ ନିର୍ମାଣ ସାମଗ୍ରୀ କ୍ଷେତ୍ରରେ ଅଭିବୃଦ୍ଧି ଦୁଇ ଅଙ୍କ ବିଶିଷ୍ଟ (୧୦.୬%) ରହିଥିଲେ ମଧ୍ୟ, ଏହା ଜୁଲାଇର ୧୩.୭% ତୁଳନାରେ କମ୍ । ଏହି ସମସ୍ତ ତଥ୍ୟ ଶିଳ୍ପ କ୍ଷେତ୍ରରେ ଏକ ବ୍ୟାପକ ମନ୍ଥରତାକୁ ସୂଚାଉଛି, ଯାହା ଭବିଷ୍ୟତର ନିବେଶ ଏବଂ ରୋଜଗାର ସୃଷ୍ଟି ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ।

ତେବେ, ଏହି ନକାରାତ୍ମକ ଚିତ୍ର ମଧ୍ୟରେ କିଛି ଆଶାର କିରଣ ମଧ୍ୟ ଦେଖିବାକୁ ମିଳିଛି । ଖଣି ଏବଂ ଖନନ କ୍ଷେତ୍ରରେ ୬% ଅଭିବୃଦ୍ଧି ଘଟିଛି, ଯାହା ଗତ ୧୪ ମାସ ମଧ୍ୟରେ ସର୍ବାଧିକ ଏବଂ ଚାରି ମାସର ସଂକୋଚନ ପରେ ଏକ ସକାରାତ୍ମକ ମୋଡ଼। ପ୍ରାଥମିକ ସାମଗ୍ରୀ (Primary Goods) କ୍ଷେତ୍ରରେ ୫.୨% ଅଭିବୃଦ୍ଧି ସାତ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ବିଦ୍ୟୁତ୍ କ୍ଷେତ୍ରରେ ମଧ୍ୟ ୪.୧% ଅଭିବୃଦ୍ଧି ଦେଖାଦେଇଛି, ଯାହା ଗତ ପାଞ୍ଚ ମାସ ମଧ୍ୟରେ ସର୍ବାଧିକ । ଏହି କ୍ଷେତ୍ରଗୁଡ଼ିକର ଭଲ ପ୍ରଦର୍ଶନ ଦର୍ଶାଉଛି ଯେ ଅର୍ଥନୀତିର କିଛି ମୌଳିକ କ୍ଷେତ୍ରରେ ଶକ୍ତି ରହିଛି, ଯାହା ଭବିଷ୍ୟତରେ ଅଭିବୃଦ୍ଧିକୁ ଗତି ଦେବାରେ ସହାୟକ ହୋଇପାରେ ।

ଏହି ମିଶ୍ରିତ ତଥ୍ୟକୁ ବିଶ୍ଳେଷଣ କରିବା ସମୟରେ କିଛି ବାହ୍ୟ କାରଣକୁ ମଧ୍ୟ ବିଚାରକୁ ନେବା ଆବଶ୍ୟକ । ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନାଭିସ୍ କହିଛନ୍ତି ଯେ ଏହି ତଥ୍ୟରେ ଅଗଷ୍ଟ ୨୭ରୁ ଲାଗୁ ହୋଇଥିବା ଶୁଳ୍କ (Tariffs) କିମ୍ବା ସେପ୍ଟେମ୍ବର ଶେଷ ଭାଗରେ ଆରମ୍ଭ ହୋଇଥିବା GST ଲାଭର ପ୍ରଭାବ ସମ୍ପୂର୍ଣ୍ଣ ଭାବେ ପ୍ରତିଫଳିତ ହୋଇନାହିଁ । ଏହି ନୀତିଗତ ପରିବର୍ତ୍ତନଗୁଡ଼ିକର ପ୍ରକୃତ ପ୍ରଭାବ ଆଗାମୀ ମାସର ତଥ୍ୟରେ ଦେଖିବାକୁ ମିଳିବ ।

ତେବେ, ଉପଭୋକ୍ତା-କେନ୍ଦ୍ରିତ କ୍ଷେତ୍ରରେ ମନ୍ଥରତା ଏକ ଗଭୀର ସମସ୍ୟାକୁ ସୂଚାଉଛି । ଗତ କିଛି ମାସ ଧରି ଦେଶରେ ମୁଦ୍ରାସ୍ଫୀତି ହ୍ରାସ ପାଉଥିବା ଏବଂ ସୁଧ ହାରରେ ହ୍ରାସ ଘଟୁଥିବା ଦେଖାଯାଇଛି । ସାଧାରଣତଃ, ଏହି ପରିସ୍ଥିତି ଉପଭୋକ୍ତା ଚାହିଦାକୁ ଉତ୍ସାହିତ କରିଥାଏ । କିନ୍ତୁ IIP ତଥ୍ୟ ଏହାର ବିପରୀତ ଚିତ୍ର ଦେଖାଉଛି । ଏହା ସମ୍ଭବତଃ ଦର୍ଶାଉଛି ଯେ ମୁଦ୍ରାସ୍ଫୀତି ହ୍ରାସ ଏବଂ ସୁଧ ହାର କମିବା ସତ୍ତ୍ୱେ, ସାଧାରଣ ଲୋକଙ୍କ ଆୟ ବୃଦ୍ଧି କିମ୍ବା ରୋଜଗାର ସୁଯୋଗରେ ସେହି ଅନୁପାତରେ ଉନ୍ନତି ଆସିନାହିଁ । ବାସ୍ତବ ମଜୁରୀରେ ସ୍ଥିରତା କିମ୍ବା ହ୍ରାସ, ଏବଂ ଭବିଷ୍ୟତର ଅର୍ଥନୈତିକ ସ୍ଥିତିକୁ ନେଇ ଅନିଶ୍ଚିତତା ଉପଭୋକ୍ତାମାନଙ୍କୁ ଅଧିକ ଖର୍ଚ୍ଚ କରିବାରୁ ନିବୃତ୍ତ କରୁଛି । ଅନ୍ୟ ଅର୍ଥରେ, ଲୋକମାନେ ଅଧିକ ସଞ୍ଚୟ କରିବାକୁ ପସନ୍ଦ କରୁଛନ୍ତି କିମ୍ବା ଅତ୍ୟାବଶ୍ୟକୀୟ ନଥିବା ସାମଗ୍ରୀ ଉପରେ ଖର୍ଚ୍ଚ କାଟୁଛନ୍ତି ।

ଏହି ପରିସ୍ଥିତି ଭାରତୀୟ ଅର୍ଥନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ଯଦି ଉପଭୋକ୍ତା ଚାହିଦା ପୁନର୍ବାର ବୃଦ୍ଧି ନହୁଏ, ତେବେ ଶିଳ୍ପ ଉତ୍ପାଦନରେ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବା କଷ୍ଟକର ହେବ । ସରକାର ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଏହି ଦିଗରେ ବିଶେଷ ଧ୍ୟାନ ଦେବାକୁ ପଡିବ । ଉପଭୋକ୍ତାଙ୍କ ବିଶ୍ୱାସ ବଢାଇବା, ରୋଜଗାର ସୁଯୋଗ ସୃଷ୍ଟି କରିବା, ଏବଂ ଆୟ ବୃଦ୍ଧି ପାଇଁ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ । କେବଳ ଖଣି ଏବଂ ବିଦ୍ୟୁତ୍ କ୍ଷେତ୍ରର ଅଭିବୃଦ୍ଧି ସମଗ୍ର ଅର୍ଥନୀତିକୁ ଗତି ଦେବା ପାଇଁ ଯଥେଷ୍ଟ ନୁହେଁ । ସାମଗ୍ରିକ ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ଉପଭୋକ୍ତା ଚାହିଦାର ପୁନରୁଦ୍ଧାର ଏକ ପ୍ରମୁଖ ଚାବି । ଆଗାମୀ ମାସଗୁଡ଼ିକରେ ସରକାରଙ୍କ ନୀତିଗତ ନିଷ୍ପତ୍ତି ଏବଂ ବଜାରର ପ୍ରତିକ୍ରିୟା ଉପରେ ଭାରତୀୟ ଅର୍ଥନୀତିର ଭବିଷ୍ୟତ ନିର୍ଭର କରିବ । ଏହା ଏକ ସତର୍କ ସଙ୍କେତ, ଯାହାକୁ ଅଣଦେଖା କରିବା ଅନୁଚିତ ।

# ହେ ମହାମାୟା ! ଜଗତମୟୀ ଜଗଦମ୍ବା

**ଦେବାଶିଷ ଆଚାର୍ଯ୍ୟ**

ମା'ଦୁର୍ଗା ଏ ସୃଷ୍ଟିର ଆଦିଶକ୍ତି। ସେ ହିଁ ପରମାତ୍ମା ପରମେଶ୍ୱରଙ୍କର ପ୍ରକୃତ କାର୍ଯ୍ୟକାରିଣୀ ଶକ୍ତି। କାରଣ ବ୍ରହ୍ମ ନିଷ୍କ୍ରିୟ, ଅଯୋକ୍ତା, ଅଭୋକ୍ତା.. ଇତ୍ୟାଦି। କିନ୍ତୁ ସେ ସ୍ଥିର, ନିଶ୍ଚଳ, ସର୍ବବ୍ୟାପୀ, ଅନାଦି, ଅନନ୍ତ କିନ୍ତୁ ସାକ୍ଷୀ ଓ ଦ୍ରଷ୍ଟା ଏବଂ ନିରପେକ୍ଷ କର୍ମଫଳଦାତା। ତାଙ୍କ ନିର୍ଦ୍ଦେଶରେ ପ୍ରକୃତି (ଆଦିଶକ୍ତି ମାୟା) ସଂସାର ସୃଷ୍ଟି କରନ୍ତି। ଗୀତାରେ କୁହାଯାଇଛି - 'ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରଂ'।। ସୃଷ୍ଟି କାର୍ଯ୍ୟ ପାଇଁ ସେ ବିଭିନ୍ନ ନାମରେ ଖ୍ୟାତ। ସେ ପ୍ରକୃତି, ସେ ହିଁ ଶକ୍ତି, ଦୁର୍ଗା, କାଳୀ, ଚଣ୍ଡୀ, କ୍ଷେତ୍ର-କ୍ଷେତ୍ରଜ୍ଞ, ବିଦ୍ୟା-ଅବିଦ୍ୟା, ମାୟା, ଯୋଗମାୟା, ମହାମାୟା ଇତ୍ୟାଦି।

ସେ ବ୍ରହ୍ମଙ୍କର ଅବିଚ୍ଛିନ୍ନ ଅଂଶ ଏବଂ ଆଦ୍ୟନ୍ତ ବିହୀନ। ବ୍ରହ୍ମା, ବିଷ୍ଣୁ, ମହେଶ୍ୱର - ତିନି ଆଦିଦେବ, ତାଙ୍କରି ସୃଷ୍ଟ ଓ ତାଙ୍କରି ଶକ୍ତିରେ ହିଁ ଦୃଶ୍ୟାଦୃଶ୍ୟ ଜଗତର ସୃଷ୍ଟି, ସ୍ଥିତି ଓ ପାଳନ କରନ୍ତି। ଅନ୍ୟ ଯେତେ ଦେବଦେବୀ, ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ ପ୍ରଭୃତି (ଆବ୍ରହ୍ମ ଭୁବନାତ୍ ଲୋକାଃ) ସଂସାରରେ ଅଛନ୍ତି ସେ ସମସ୍ତେ ତାଙ୍କରି ଶକ୍ତି ଓ ନିର୍ଦ୍ଦେଶରେ ପରିଚାଳିତ। ତାଙ୍କୁ ବୁଝିବା ଓ ତାଙ୍କର



ଉପାସନା କରିବା ସର୍ବକାମପ୍ରଦ, ସଂସାରକ୍ଲେଶ ନିବାରକ ଓ ଶେଷରେ ମୁକ୍ତିପ୍ରଦ। ଈଶାବାସ୍ୟୋପନିଷଦରେ ଯଥାର୍ଥରେ କୁହାଯାଇଛି - 'ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ତ୍ୱା। ବିଦ୍ୟାୟାଽମୃତମଶ୍ନୁତେ।'

ଓଡ଼ିଶାର ଜୀବନଯାତ୍ରା, ଧର୍ମ ଧାରଣା, ପର୍ବପର୍ବାଣି, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ, ସାହିତ୍ୟ ଓ ପ୍ରତ୍ନତତ୍ତ୍ୱରେ ତନ୍ତ୍ରର ପ୍ରଭାବ ସୁସ୍ପଷ୍ଟ ଯାହା ସ୍ୱତନ୍ତ୍ର ଆଲୋଚନାର ପ୍ରତୀକ୍ଷା କରିଥାଏ। ମନ୍ଦିର, ପୀଠ, ମଠ ବ୍ୟତୀତ ଗୃହେ ଗୃହେ ମଣ୍ଡଳ, କୋଠି, ଚକ୍ର, ଯନ୍ତ୍ର ଓ ନବପତ୍ରିକାରେ ତନ୍ତ୍ର ପୂଜା ଅନୁଷ୍ଠିତ ହେବ। ଓଡ଼ିଶା ତନ୍ତ୍ର ପରମ୍ପରାର ଅନ୍ୟତମ ଅଙ୍ଗ। ସ୍ୱଳ୍ପ ସମୟ ନିମିତ୍ତ ପୂଜା ଆସ୍ଥାନକୁ ମଣ୍ଡଳ, ଯନ୍ତ୍ର ଓ କୋଠିରେ ସୁସଜ୍ଜିତ କରି ଅସ୍ଥାୟୀ ତନ୍ତ୍ରପୀଠ ନିର୍ମାଣ ପୂର୍ବକ ସହଜ ଓ ସରଳ ବିଧିରେ ତନ୍ତ୍ର ପୂଜା କରିବାର ଓଡ଼ିଶାରେ ଭବ୍ୟ ପରମ୍ପରା ସ୍ୱରୂପରେ ପ୍ରତିଭାତ। ସର୍ବସାଧାରଣ କ୍ଲିଷ୍ଟ ଓ କଷ୍ଟସାଧ ତନ୍ତ୍ର ଉପାସନା ନକରି ମଧ ଏହି ସବୁ ଯାତ୍ରା, ଓଷା ଓ ପର୍ବପର୍ବାଣି ମାଧମରେ ମାତୃଭକ୍ତିରେ ଅବଗାହନ କରିପାରୁଛନ୍ତି। ସଂପ୍ରତି ଓଡ଼ିଶାର ନଗର, ଗ୍ରାମ, ପଲ୍ଲୀ ସର୍ବତ୍ର ମୃଣ୍ମୟୀ କାଳୀ ପୂଜା, ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ପ୍ରଭୃତି ଅନୁଷ୍ଠିତ ହେଉଛି।

ଓଡ଼ିଶା ହେଉଛି ଶାକ୍ତ ତନ୍ତ୍ରର ଉନ୍ମେଷସ୍ଥଳୀ। ଏହାକୁ ଆଧାର କରି ଓଡ଼ିଶାରେ ବୈଷ୍ଣବତନ୍ତ୍ର, ଶୈବତନ୍ତ୍ର, ଶାବର ତନ୍ତ୍ର, ନାଥ ତନ୍ତ୍ର, ନାଗାନ୍ତକ ବିଦ୍ୟା ପ୍ରଭୃତି ଉତ୍ତରୋତ୍ତର ବିକାଶ ଲାଭ କରିଥିଲା। ଅଧିକନ୍ତୁ, ଓଡ଼ିଶା ଶାକ୍ତ ପରମ୍ପରା ଉଦବୁଦ୍ଧ ହୋଇ ନିରୀଶ୍ୱରବାଦୀ ବୌଦ୍ଧମାନେ ଏହି ମାଟିରେ ବୌଦ୍ଧ ତନ୍ତ୍ରର ଉନ୍ମେଷ ଓ ବିକାଶ ଘଟାଇ ପାରିଥିଲେ। ପରିଣାମ ସ୍ୱରୂପ ଓଡ଼ିଶା ତନ୍ତ୍ର ସମନ୍ୱୟର ମହାପୀଠ ଭାବରେ ବିଶ୍ୱରେ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିଥିଲା। ଓଡ଼ିଶାର ତନ୍ତ୍ରଧାରା ପରିବର୍ତ୍ତିତ ସମୟ ଓ ସମାଜ ସହିତ ତାଳ ଦେଇ ପାରମ୍ପରିକ ପରିଧିରେ ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇଥିଲା। ଏହାଦ୍ୱାରା ଦେବଦେବୀ ଉପାସନା ନିର୍ଦ୍ଦିଷ୍ଟ ଗୋଷ୍ଠୀ ଭିତରେ ଆବଦ୍ଧ ନହୋଇ ସାର୍ବଜନୀନ ସ୍ୱରୂପ ଗ୍ରହଣ କଲା। ସଂକ୍ଷେପରେ ଉଲ୍ଲେଖ କଲେ, ତନ୍ତ୍ରର ଉତ୍ତରଣରେ ଓଡ଼ିଶା ମାଟିରେ ଜନ୍ମ ନେଇଥିବା ତନ୍ତ୍ରର ନୂତନ ସଂବୋଧି ଦ୍ୱାରା ଉପାସନାର ଧାରା, ସରଳ, ସହଜ, ସୁବୋଧ ଓ ସାର୍ବଜନୀନ ହୋଇପାରିଛି।

ବେଦରେ ଭଗବତୀ ଦେବୀଙ୍କ ସ୍ତୁତି ସମ୍ପର୍କରେ କୁହାଯାଇଛି - ଦେବୀ ! ହେ ମହାମାୟା ! ତୁମେ ହିଁ ଏ ବିଶ୍ୱର ସୃଷ୍ଟିକାରିଣୀ। ଭଗବାନ ଶଙ୍କରଙ୍କ ମନୋରଥ ପୂର୍ଣ୍ଣ କାରିଣୀ, ଜଗତମୟୀ ଜଗଦମ୍ବା। ସମସ୍ତ ପ୍ରାଣୀଙ୍କ ଆଶ୍ରୟ ଦାନରେ ତୁମେ ହିଁ ଅର୍ଦ୍ଧମାତ୍ରା ଏବଂ ଗାୟତ୍ରୀରେ ତୁମେ ହିଁ ପ୍ରଣବ।


+ଦକ୍ଷିଣ ରାଢ଼ଙ୍ଗ, ବଳଗାଁ, ପୁରୀ,
ମୋ : ୯୭୭୬୮୨୫୦୯୪


# ଦେବୀ ଦୁର୍ଗାଙ୍କର ଦଶ ମହାବିଦ୍ୟା ଓ ଭୁଜ ବୈଶିଷ୍ଟ୍ୟ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଦୁର୍ଗାଙ୍କର ବିଦ୍ୟାରୂପୀ ଦଶଶକ୍ତି ନିରୂପଣ କରାଯାଇଛି ଆଗମ ଶାସ୍ତ୍ରରେ । ସେହି ଦଶ ମହାବିଦ୍ୟା ହେଉଛନ୍ତି - କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ,ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଏବଂ କମଳା। ଏହାମଧ୍ୟରେ କାଳୀ, ତାରା, ଛିନ୍ନମସ୍ତା, ଧୂମାବତୀ ଉଗ୍ରା, ତଥା ବଗଳା, ଭୈରବୀ ସୌମ୍ୟୋଗ୍ର ମହାବିଦ୍ୟା ଏବଂ ଷୋଡ଼ଶୀ, ଭୁବନେଶ୍ୱରୀ, କମଳା, ମାତଙ୍ଗୀ ସୌମ୍ୟ ମହାବିଦ୍ୟା ରୂପେ ପରିଚିତା । ସୌମ୍ୟ ମହାବିଦ୍ୟାଙ୍କୁ ଶ୍ରୀସୁନ୍ଦରୀ କୁଳରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଉଗ୍ର, ସୌମ୍ୟୋଗ୍ର ମହବିଦ୍ୟାଙ୍କୁ କାଳୀ କୁଳରେ ଅନ୍ତର୍ଭୁକ୍ତ କରାହୋଇଛି । ଶ୍ରୀସୁନ୍ଦରୀ ଦେବୀମାନଙ୍କ ଆରଧନା ଗୃହ ମଧ୍ୟରେ ହେଉଥିଲାବେଳେ କାଳୀକୁଳ ଦେବୀମାନଙ୍କ ଉପାସନା ଶ୍ମଶାନ, ବଣ, ନଦୀତଟ ଆଦି ନିର୍ଜନ ସ୍ଥାନରେ ହୋଇଥାଏ, ତଥା ସୌମ୍ୟୋଗ୍ର ବିଦ୍ୟା ଉଭୟ ସ୍ଥାନରେ ଉପାସିତା ହୁଅନ୍ତି । ମନ୍ଦିରମାଳିନୀ ଓଡ଼ିଶା ସାରା ବିଶ୍ୱରେ ମୂର୍ତ୍ତି ନିର୍ମାଣ କ୍ଷେତ୍ରରେ ପ୍ରମୁଖ ସ୍ଥାନ ଗ୍ରହଣ କରୁଥିବା ବେଳେ ମନ୍ଦିର ଗାତ୍ର ହେଉ ବା ମନ୍ଦିର ବକ୍ଷରେ ହେଉ ବିଭିନ୍ନ ଦେବଦେବୀ ବିଭିନ୍ନ ରୂପରେ ପୂଜା ପାଉଥିବା ଦେଖା ଯାଏ । ସେହିପରି ଦୁର୍ଗାଙ୍କୁ ଦଶଭୁଜା ବୋଲି କୁହାଯାଉଥିଲେ ମଧ ବହୁ ମନ୍ଦିରରେ ତାଙ୍କୁ ବିଭିନ୍ନ ରୂପରେ ଦେଖିବାକୁ ମିଳିଥାଏ । କେଉଁଠି ଦ୍ୱିଭୁଜା ଆକାରରେ ତ କେଉଁଠି ଚତୁର୍ଭୁଜା ରୂପରେ । କେଉଁଠି ଷଡଭୁଜା ତ କେଉଁଠି ଅଷ୍ଟଭୁଜା । ଏପରିକି ଅଷ୍ଟାଦଶ ଭୁଜା ସମ୍ପନ୍ନ ଦେବୀ ମଧ୍ୟ କେତେକ ସ୍ଥାନରେ ଦୃଶ୍ୟ ହୁଅନ୍ତି । ଦୁର୍ଗା ମୂର୍ତ୍ତିର ବିଭିନ୍ନ ରୂପ ସମ୍ପର୍କରେ ଆଲୋକପାତ କରିବା ପୂର୍ବରୁ ପ୍ରଥମେ ଏହା ଠାବ କରାହୁଏ ପ୍ରାଚୀନ ସିନ୍ଧୁ ସଭ୍ୟତାରେ ମାଟି ନିର୍ମିତ ମୂର୍ତ୍ତିରୁ । ଖ୍ରୀ.ପୂ. ଦ୍ୱିତୀୟ-ପ୍ରଥମ ଶତାବ୍ଦୀର ଯେଉଁ ମୂର୍ତ୍ତି ଆବିଷ୍କାର କରାଯାଇଛି ସେଥିରେ ଜଣେ ନାରୀ ଗୋଟିଏ ମହିଷକୁ ବଧ କରିବା ଦେଖାଯାଇଛି । ତେବେ ବର୍ତ୍ତମାନର କଳା କୌଶଳ ସମ୍ପନ୍ନ ଦୁର୍ଗା ମୂର୍ତ୍ତି ସାଧାରଣତଃ ଖ୍ରୀ.ଅ.୪ର୍ଥ- ୫ମ ଶତାବ୍ଦୀରୁ ହିଁ ଦେଖାଯାଏ ।

ପ୍ରଥମ ଜାଣିବା ମା ଦୁର୍ଗାଙ୍କର ଦ୍ୱିଭୁଜା ସମ୍ପର୍କରେ। ଓଡ଼ିଶାର ସର୍ବପ୍ରାଚୀନ ଦୁର୍ଗା ମୂର୍ତ୍ତି ହେଉଛନ୍ତି ଯାଜପୁରର ବିରଜା ମୂର୍ତ୍ତି । ସମୁଦ୍ରଗୁପ୍ତଙ୍କ ଦକ୍ଷିଣ ଭାରତ ବିଜୟ ବେଳେ ଉତ୍ତର ଭାରତର କାନ୍ୟକୁବ୍ଜ ଜମାନେ ଆସି ଯାଜପୁରରେ ବାସ କରୁଥିଲେ । ସେହିସମୟରେ ଏହି ମୂର୍ତ୍ତିକୁ ଏଠାରେ ଅବସ୍ଥାପିତ କରାଯାଇଥିବା ଜଣାଯାଏ । ଏଠାରେ ଦୁର୍ଗା ଦ୍ୱିଭୁଜା ସମ୍ପନ୍ନ ଏବଂ ମୁକୁଟରେ ସନ୍ନିବେଶିତ ହୋଇଥିବା ପଞ୍ଚଦେବତା ହେଉଛନ୍ତି ଗଣେଶ, ଶଚ୍ଛିଚକ୍ର ସହ ଶିବଲିଙ୍ଗ, ନାଗ ଓ ଚନ୍ଦ୍ର । ମାହଙ୍ଗାର ଶୁକ୍ଳେଶ୍ୱର ମନ୍ଦିର, ଟାଙ୍ଗୀର ଚଣ୍ଡେଶ୍ୱର ମନ୍ଦିର, ଭୁବନେଶ୍ୱରର ଭଗ୍ନ ବୁଦ୍ଧନାଥ ମନ୍ଦିରରେ ଦ୍ୱିଭୁଜା ଦୁର୍ଗା ଦେଖିବାକୁ ମିଳେ । ମହିଷ ରୂପରେ ଥିବା ଅସୁରର ଶରୀର ସାଧାରଣତଃ ଶୈଳୋଦ୍ଭବ ରାଜତ୍ୱ ସମୟରେ ଅର୍ଥାତ ୬ଷ୍ଠ – ୮ମ ଶତାବ୍ଦୀରେ ଦେଖାଯାଇଥିଲା । ପରେ ଏହି ରୂପ ଅଧିକାଂଶ ଜାଗାରେ ଦେଖିବାକୁ ମିଳିଥିଲା । କେତେକ କ୍ଷେତ୍ରରେ ଛିନ୍ନମସ୍ତକ ମହିଷ ଶରୀରରୁ ମନୁଷ୍ୟରୂପୀ ଅସୁରର ଆବିର୍ଭାବ ଭୁବନେଶ୍ୱରର କେତେକ ମନ୍ଦିରରେ ଦେଖାଯାଏ । ଏହିପରି ଏକ ମୂର୍ତ୍ତି ଲିଙ୍ଗରାଜ ମନ୍ଦିରରେ ରହିଛି । ନିଆଳିର ଶୋଭନେଶ୍ୱର, ଅଡଶପୁର, ମାହାଙ୍ଗାର ଶୁକ୍ଳେଶ୍ୱର, ଗଞ୍ଜାମର ବଡଗାଁ ଆଦି ମନ୍ଦିରରେ ଏହି ଧରଣର ମୂର୍ତ୍ତି ଦେଖାଯାଏ। ଦ୍ୱିତୀୟରେ ଚତୁର୍ଭୁଜା। ଦୁର୍ଗାଙ୍କ ହସ୍ତ ସଂଖ୍ୟା ବୃଦ୍ଧି ଏକ ଉଲ୍ଲେଖନୀୟ ବିଷୟ ହେଲେ ବି ଏହା ଉପରେ ବିଶେଷ ଗବେଷଣା ହୋଇନାହିଁ । ଚତୁର୍ଭୁଜସମ୍ପନ୍ନ ଦୁର୍ଗାମୂର୍ତ୍ତି ଭୁବନେଶ୍ୱର ଲକ୍ଷ୍ମଣେଶ୍ୱର ମନ୍ଦିର, ମାର୍କଣ୍ଡେଶ୍ୱର ମନ୍ଦିର, କୋଣାର୍କ ନିକଟସ୍ଥ ବୟାଳିଶିବାଟିର ଗଙ୍ଗେଶ୍ୱରୀ ଦେଉଳରେ ଦେଖାଯାଏ । ଚତୁର୍ଭୁଜ ମୂର୍ତ୍ତିରେ ଦେବୀ ମୁଖ୍ୟ ଦୁଇ ହସ୍ତରେ ତ୍ରିଶୂଳକୁ ସଳଖ ଭାବେ ଅସୁର ବକ୍ଷରେ ଭେଦ କରୁଥିବା ଦେଖାଯାଏ । ଚତୁର୍ଭୁଜା ବିଗ୍ରହ ଖୋର୍ଦ୍ଧା ନିକଟସ୍ଥ ବଳପୁରରେ ଶୋଭାପାଉଛି । ଭୁବନେଶ୍ୱରର ମେଘେଶ୍ୱର ଓ ବାଣପୁରର ଦକ୍ଷ ପ୍ରଜାପତି ମନ୍ଦିରରେ ଚତୁର୍ଭୁଜା ଦୁର୍ଗାମୂର୍ତ୍ତି ରହିଛି । ଢେଙ୍କାନାଳର କପିଳାସରେ ଥିବା ମହିଷମର୍ଦ୍ଦିନୀ ଶଙ୍ଖ, ଚକ୍ର, ତ୍ରିଶୂଳ ଧାରଣ କରିଥିବା ଚତୁର୍ଭୁଜା ବକ୍ର ଭଙ୍ଗୀରେ ଠିଆ ହୋଇଥିବା ବେଳେ ଏହା ୧୪ଶ ଶତାବ୍ଦୀରେ ନିର୍ମିତ ବୋଲି କୁହାଯାଏ । ତୃତୀୟ ସ୍ୱରୂପ ଷଡ଼ଭୁଜା। ଖ୍ରୀଷ୍ଟାବ୍ଦ ୬ଷ୍ଠ – ୮ମ ଶତାବ୍ଦୀରେ ଷଡଭୁଜା ଦୁର୍ଗା ନିର୍ମିତ ହୋଇଥିଲା ବୋଲି କୁହଯାଏ । ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିରରେ ଏହିପରି ଏକ ମୂର୍ତ୍ତି ଦେଖାଯାଏ । ଭୁବନେଶ୍ୱରର ଉତ୍ତରେଶ୍ୱର ଓ ବିନ୍ଦୁସାଗର ନିକଟସ୍ଥ ମନ୍ଦିରରେ ଏହିଧରଣର ମୂର୍ତ୍ତି ଦେଖିବାକୁ ମିଳେ । ମହାନଦୀ ଟାପୁରେ ଥିବା ସିଂହନାଥ ମନ୍ଦିର ଗାତ୍ରରେ ମଧ ଏହିପରି ଏକ ମୂର୍ତ୍ତି ରହିଛି । ଚତୁର୍ଥ ରେ ଅଷ୍ଟଭୁଜା। ଖ୍ରୀଷ୍ଟାବ୍ଦ ୮ମ – ୯ମ ଶତାବ୍ଦୀରେ ଅଷ୍ଟଭୁଜା ଦୁର୍ଗା ମୂର୍ତ୍ତିର ପ୍ରସାର ହୋଇଥିଲା ଏବଂ ଅନେକ ମନ୍ଦିରରେ ଏହିଧରଣର ମୂର୍ତ୍ତି ସ୍ଥାନ ପାଇଥିଲା । ଭୁବନେଶ୍ୱରର ଚାମୁଣ୍ଡାଦେବୀ ମନ୍ଦିର, ବୈତାଳ ଦେଉଳରେ ଏହି ମୂର୍ତ୍ତି ଦେଖାଯାଏ । ଏହାର ଉତ୍ତର ପାର୍ଶ୍ୱବାଡରେ ପାର୍ଶ୍ୱଦେବୀ ଭାବେ ସ୍ଥାନିତ ଏହିପ୍ରକାର ମୂର୍ତ୍ତିଟି ଅତ୍ୟନ୍ତ ଶ୍ରେଷ୍ଠ ବୋଲି କୁହାଯାଏ । ଅଷ୍ଟଭୁଜର ଦକ୍ଷିଣହସ୍ତରେ ଖଡ୍ଗ, ଚକ୍ର, ତ୍ରିଶୂଳ ଆଦି ହିଁଥିବା ବେଳେ ବାମହସ୍ତରେ ଢାଲ, ଧନୁ, ସର୍ପ ଆଦି ରହିଛି । ପ୍ରାଚୀନଦୀ ଅବବାହିକାର ଅସ୍ତରଙ୍ଗ, ମୋଟିଆ, କୋଣାର୍କ,



ବାଲେଶ୍ୱରର ଶେରଗଡ, ଢେଙ୍କାନାଳର କୁଆଳୋ ଆଦି ଗ୍ରାମର ମନ୍ଦିରରେ ଏହି ଧରଣର ମୂର୍ତ୍ତି ରହିଛି । ପଞ୍ଚମରେ ଦଶଭୁଜା। ଖ୍ରୀଷ୍ଟାବ୍ଦ ୧୦ମ ଶତାବ୍ଦୀରୁ ଦଶଭୁଜା ମୂର୍ତ୍ତିର ପ୍ରସାର ଆରମ୍ଭ ହୋଇଥିଲା ଏବଂ ଏହି ମୂର୍ତ୍ତି ଓଡ଼ିଶାର ବହୁ ସ୍ଥାନରେ ଦେଖାଯାଏ । ଶିଶିରେଶ୍ୱର ମନ୍ଦିର ଜଗମୋହନ ମଧ୍ୟରେ ଏହିପରି ଏକ ମୂର୍ତ୍ତି ରହିଥିବା ବେଳେ କ?ଳାରାହଙ୍ଗ ଗ୍ରାମର ଜଳେଶ୍ୱର ମନ୍ଦିର ମୂର୍ତ୍ତିଟି ଏହି ଧରଣର । ପ୍ରାଚୀନଦୀ ଅବବାହିକାରେ ଏହି ଧରଣର ମୂର୍ତ୍ତି ବହୁଳ ମାତ୍ରାରେ ଦେଖାଯାଏ । କଟକର ଶୁକ୍ଳେଶ୍ୱର, ନିଆଳିର ଶୋଭନେଶ୍ୱର, ବାଲେଶ୍ୱରର ଦାଦପୁର, ଶେରଗଡ, କଟକର ବଟେଶ୍ୱର, ମହାନଦୀ କୂଳ ସିଂହନାଥ ଓ ବୈଦ୍ୟେଶ୍ୱରରେ ଏହି ଧରଣର ମୂର୍ତ୍ତି ରହିଛି । ଷଷ୍ଠରେ ଦ୍ୱାଦଶଭୁଜା। ଓଡ଼ିଶାରେ ଦ୍ୱାଦଶଭୁଜ ବିଶିଷ୍ଟ ଦୁର୍ଗା ମୂର୍ତ୍ତି ଖୁବ କମ ଦେଖିବାକୁ ମିଳେ । ଏହିମୂର୍ତ୍ତିଗୁଡିକ ସାଧାରଣତଃ ଖ୍ରୀ୭ମରୁ ୯ମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିଲା । କଟକଜିଲ୍ଲା ଧର୍ମଶାଳାରୁ ଆନୀତ ଦ୍ୱାଦଶଭୁଜା ବିଶିଷ୍ଟ ଦୁର୍ଗାମୂର୍ତ୍ତି ରାଜ୍ୟ ସଂଗ୍ରହାଳୟରେ ରହିଛି । ଢେଙ୍କାନାଳର କୁଆଳୋର କନକେଶ୍ୱର ମନ୍ଦିର ପରିସରରେ ଏହି ଧରଣର ଏକ ବିରଳ ମୂର୍ତ୍ତି ରହିଛି । ପ୍ରାଚୀନଦୀ ଅବବାହିକାର ଅମଣାକୁଦ ଗ୍ରାମରେ ଲାଲ କନ୍ଧା ପଥରରେ ନିର୍ମିତ ଏହିମୂର୍ତ୍ତି ଅତି କମନୀୟ । ସପ୍ତମରେ ଅଷ୍ଟାଦଶଭୁଜା। ଖ୍ରୀଷ୍ଟାବ୍ଦ ୧୫ଶ ଶତାବ୍ଦୀରେ ଷୋଡଶ ଭୁଜା ଓ ଅଷ୍ଟାଦଶ ଭୁଜା ବିଶିଷ୍ଟ ଦୁର୍ଗାମୂର୍ତ୍ତି ନିର୍ମିତ ହୋଇଥିଲା । ତେବେ ଖୁବ କମ୍ ସ୍ଥାନରେ ଏହିମୂର୍ତ୍ତି ଦେଖାଯାଏ । ଖୋର୍ଦ୍ଧା ନିକଟସ୍ଥ ଡିଆ ଗ୍ରାମରେ ଏହିଧରଣର ଏକ ଅଷ୍ଟାଦଶଭୁଜା ବିଶିଷ୍ଟ ଦୁର୍ଗାମୂର୍ତ୍ତି ରହିଛି । ରାଜ୍ୟରେ ଶୈଳୋଦ୍ଭବ ରାଜତ୍ୱ ସମୟରେ ନିର୍ମିତ ମନ୍ଦିରଗୁଡିକରେ ପାର୍ବତୀଙ୍କ ମୂର୍ତ୍ତିକୁ ପାର୍ଶ୍ୱଦେବୀ ଭାବେ ତିଆରି କରାଯାଉଥିବା ବେଳେ ଭୌମିକ ରାଜତ୍ୱ ସମୟରେ ଦୁର୍ଗାମୂର୍ତ୍ତିକୁ ପ୍ରାଧାନ୍ୟ ଦିଆଗଲା । ତେବେ ପୁଣି ସୋମବଂଶୀ ଓ ଗଙ୍ଗବଂଶୀ ରାଜତ୍ୱରେ ରାଜତ୍ୱରେ ପାର୍ବତୀଙ୍କ ମୂର୍ତ୍ତିକୁ ପ୍ରାଧାନ୍ୟ ଦିଆଗଲା । ତେବେ ଭୁଜ ସଂଖ୍ୟା କାହିଁକି ଭିନ୍ନ ଭିନ୍ନ ତାହାର କୌଣସି କାରଣ ଜଣାପଡ଼ି ନ ଥିବା ବେଳେ ମାନସିକ ପ୍ରତିଫଳନର ଆଧାର ବୋଲି ବିଚାର କରାଯାଏ । ପୁଣି ମଧ୍ୟଯୁଗୀୟ କଳାକୌଶଳର ଏହା ଏକ ପ୍ରତିଫଳନ ବୋଲି କେହି କେହି କହନ୍ତି ।


ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬





## ମହା ଗୌରୀ

**ପୁଷ୍ପାଞ୍ଜଳି ପଣ୍ଡା**

ନବରାତ୍ରୀ ପୂଜା ଅଷ୍ଟମୀ ତିଥିରେ
ମହାଗୌରୀ ପୂଜା ହୁଏ
ଶିବ ପ୍ରିୟା ମା ବୃଷଭ ବାହନା
ସଭିଙ୍କୁ ଆଶୀଷ ଦିଏ।।

ଗୌରବର୍ଣ୍ଣା ଶ୍ୱେତ ବସ୍ତ୍ର ପରିହିତା
ଡମ୍ବରୁ ତ୍ରିଶୂଳ ଧରି
ଦୁଇହାତେ ଢାଳି ଦେଉଥାନ୍ତି ମାଆ
ଅଭୟ କରୁଣା ବାରି।।

ଶିପପ୍ରାପ୍ତି ଲାଗି କଠୋର ତପସ୍ୟା
କରି ପ୍ରାପ୍ତ ହେଲ ଶିବ
ଐଶ୍ୱର୍ଯ୍ୟ ଦାୟିନୀ ଚୈତନ୍ୟ ମୟୀ
ଦୁରାଅ ସବୁ ଅଶୁଭା।

ଶୁମ୍ଭ ନିଶୁମ୍ଭ ବିନାଶିଛ ମାଆ
ଅସୁର ଙ୍କୁ ଶହ ଶହ
ମହା ଗୌରୀ ପୂଜା ସମୟରେ
ଚତୁର୍ଦ୍ଦିଗ ବାସେ ମହ ମହା।

ଦୁଷ୍ଟ ସଂହାରିଣୀ ହେ ଉମା ରୁଦ୍ରାଣୀ
ତୁମ ନାମ ର ସ୍ମରଣେ
ଦୈତ୍ୟ ଭୂତ ପ୍ରେତ ବାଧା ଦୁରହୁଏ
ଭୟେ ଲୁଚି ଯାନ୍ତି ଯେହ୍ନେ।


+ଜିଲ୍ଲା ପରିଷଦ
କେନ୍ଦ୍ରାପଡ଼ା
ମୋ:୯୮୬୧୪୫୭୫୬୩


## ଦୁର୍ଗତି ନାଶିନୀ

**ସୁଦେଷ୍ଣା ପଣ୍ଡା**

ଜୟ ମା ଦୁର୍ଗା ଦୁର୍ଗତି ନାଶିନୀ
ମା'ଗୋ ମହିଷ ମର୍ଦ୍ଦିନୀ
ଦେବ ଙ୍କ ଦେବାଗ୍ନି ପ୍ରଜ୍ୱଳନୁ ଜାତ
ଆଦିଶକ୍ତି କାତ୍ୟାୟନୀ।
ଦୂର୍ଗା, ଦୁର୍ଗେଶ୍ୱରୀ, ଭୁବନ ମୋହିନୀ
ମାଆ ରୁଦ୍ରାଣୀ, ଭଦ୍ରାଣୀ
ଅମ୍ବେ, ଜଗଦମ୍ବେ, ଅମ୍ବା, ଅମ୍ବାଳିକା
ମାଆ ଗୋ ସିଂହ ବାହିନୀ।
ମାତା ଦଶଭୁଜା, ବିଶ୍ୱମୋହିନୀ
ତୁହି ମା ବିଶ୍ୱପାଳିନୀ
ହେ ଜଗଜ୍ଜନନୀ, ମୋକ୍ଷ ପ୍ରଦାୟିନୀ
ଭକ୍ତି, ମୁକ୍ତି ପ୍ରଦାୟିନୀ।
ମାଆ ଜଗଦ୍ଧାତ୍ରୀ ଗରବ ଗଞ୍ଜିନୀ
ତୁହି ମା' ଦୁଃଖ ହାରିଣୀ
ତ୍ରୀନେତ୍ର ଧାରିଣୀ,ଅଭୟ ଦାୟିନୀ
ତୁହି ଦୁର୍ଗା ନାରାୟଣୀ।
ସର୍ବ ଦେବ, ଦେବୀ ଶକ୍ତି ଧାରିଣୀ
ତ୍ରାଣ କାରିଣୀ ମାନିନୀ
ପାବନୀ, ଶାକିନୀ, ଅମୃତାୟିନୀ
ମା ଗୋ ବିଘ୍ନ ବିନାଶିନୀ।


ଇରିଗେସନ କଲୋନୀ,
ଲେନ୍ ନମ୍ବର- ୧୨
ଭବାନୀ ପାଟଣା, କଳାହାଣ୍ଡି
ମୋ: ୯୪୩୯୨୩୫୭୧୫


## ମର୍ତ୍ତ୍ୟେ ବିରାଜିତା ଦୁର୍ଗା ମା'...

**ରାମଚନ୍ଦ୍ର ବେହେରା**



ନୀଳ ଅମ୍ବରରେ ଶୁଭ୍ର ମେଘମାଳା
ରୂପେଲି ଚନ୍ଦ୍ରମା ଜୋଛନା
ସାଦରେ କରିଲେ ଭବ୍ୟ ଅଭ୍ୟର୍ଥନା
ମର୍ତ୍ତ୍ୟେ ବିରାଜିତା ଦୁର୍ଗା ମା'।

ତାଂକ ଆଗମନେ ଦୁର୍ଗା ମଣ୍ଡପରେ
ଭକ୍ତଂକ ଗହଳି ଦିଶୁଛି
ତୂରୀ ଭେରି ଯୋଡି ନାଗେରାର ଧ୍ୱନି
ଅମୃତ ପରାୟ ଲାଗୁଛି।

ନଅଦିନ ଧରି ଭିନ୍ନ ସ୍ୱରୂପରେ
ଦେଖା ଦେବେ ଦୁଷ୍ଟନାଶିନୀ
ଅସତ୍ୟ ଅଧର୍ମ ଧର୍ମ ଦୁନିଆଁରୁ
ଦୂର କରିଦେବେ ଜନନୀ।
ମହିଷା ଅସୁର ପାପରେ ଅତିଷ୍ଠ
ହୋଇ ପଡିଥିଲା ଜଗତ
ମାତା ଦଶଭୂଜା ହେଲେ ଆବିର୍ଭାବ
ହୋଇଥିଲା ପାପୀ ନିହତ।

ଲଂକାର ନରେଶ ପାପୀ ଦଶାନନ
କରିଥିଲା ସୀତା ହରଣ
ଆଶ୍ୱିନର ଶୁକ୍ଳ ଦଶମୀ ତିଥିରେ
ହୋଇଥିଲା ସିଏ ନିଧନ।

ଧର୍ମର ବିଜୟ ହୋଇଥାଏ ସଦା
ଦଶହରା ଦିଏ ସୂଚେଇ
ସେଥିପାଇଁ ସର୍ବେ ପାଳନ୍ତି ଏ ପର୍ବ
ଶ୍ରଦ୍ଧାଭାବ ମନେ ଜାଗଇ।

ମାତାଂକ ଆଶିଷ ଧର୍ମ ଦୁନିଆଁରେ
ବାଣ୍ଟିଥାଏ ସ୍ନେହ ମମତା
ତାଂକ ଆଗମନେ ଭରିଯାଏ ମନେ
ସତ୍ୟ ନ୍ୟାୟ ଧର୍ମ ବାରତା।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ମାଆ
### ସୁଚରିତା ମହାନ୍ତି



କାଶତଣ୍ଡୀ ଫୁଲେ ଫୁଲେ
ଦେଖ ଝୁମେ ନଦୀ ପଠା
ଆସୁଛନ୍ତି ମାଆ ଆମ
ଜାଳି ଦିଅ ଗୋ ବଇଠା ।

ସଜବାଜ ହୋଇ ରୁହ
ମାଆଙ୍କର ପୂଜା ପାଇଁ
ହରିବେ ମା' ଦୁଃଖ ଯେତେ
ଜମା ଚିନ୍ତା କର ନାହିଁ ।

ଜଗତ ଜନନୀ ମାଆ
ସେତ ଅଭୟ ଦାୟିନୀ
ଦୁଷ୍ଟ ନାଶିବେ ବୋଲି ମା'
ସାଜନ୍ତି ସିଂହ ବାହିନୀ ।

ଝୁଣା ଧୂପ କର୍ପୂରରେ
ଧରା ବାସେ ମହମହ
ଭେରୀ ତୂରୀ କାହାଳୀର
ନାଦେ କମ୍ପେ ଗହଗହ ॥

ଦୁର୍ଗତି ନାଶନ୍ତି ବୋଲି
ମାଆ ଦୁର୍ଗା ନାମେ ଖ୍ୟାତ
ନାରୀ ରୂପେ ନାରାୟଣୀ
ମାଆ ଜଗତେ ବିଦିତ ॥

ଦିଅ ଶଙ୍ଖ ହୁଳହୁଳି
ଜପ ଆବାହନୀ ମନ୍ତ୍ର
ମାଆଙ୍କର ଆଗମନେ
ଧରା ହୋଇବ ପବିତ୍ର ॥

ଦେବତା, ଯକ୍ଷ, କିନ୍ନର
କରୁଥିବେ ଆରାଧନା
ପାପ ତାପ ନାଶ ଯିବ
ମା'ଙ୍କୁ କଲେ ସୁମରଣା ॥

ସାଧୁସନ୍ଥ ଯେତେ ଛନ୍ତି
ବେଦ ପାଠ କରୁଥିବେ
ଜଗତ ମୋହିନୀ ମାଆ
ସଭିଙ୍କୁ ଆଶିଷ ଦେବେ ॥

କରୁଣାମୟୀ ମା' ଆମ
ନିଷ୍ଠେ କରୁଣା କରିବେ
ସନ୍ତାନର ସୁଖଶାନ୍ତି
ସେ ତ ଫେରାଇ ଆଣିବେ ॥


♥ବାରିପଦା,ମୟୂରଭଞ୍ଜ
(ମୋ) ୮୯୧୭୫୭୧୨୦୨


## ଏସନ ପାର୍ବଣେ
### ଶରତ ଚନ୍ଦ୍ର ଜାଲି



ଏସନ ପାର୍ବଣେ ଲାଗୁଛ ତ ତୁମେ
ମନ୍ଦିରର ଦେବୀ ପରି
ତୁମପାଇଁ କେତେ ଶୋଭାର ସମ୍ଭାର
ଆଶିଣ ଆସିଛି ଧରି ।
କାଶଫୁଲ ତାର ହସ ବାଣ୍ଟୁଅଛି
ତୁମ ପ୍ରୀତିଛୁଆଁ ପାଇ
ଛନଛନ ହୁଏ ଫୁଲେଇ ଜହ୍ନଟା
ଜ୍ୟୋତ୍ସ୍ନା ବୁଣି ତୁମପାଇଁ ।
ଅଟକି ରହୁଛି ଭସା ବାଦଲଟା
ଦେଖି ତୁମ ସଜବାଜ
ନିରିମଳ ସେଇ ନୀଳିମା ଆକାଶ
ଲୁଚିଲୁଚି କରେ ଲାଜ ।
ସରୋବର ତୁଠେ ପଦ୍ମିନୀ ଚାହିଁଛି
ତୁମରି ମିଳନ ପଥ
ଢଳଢଳ ହୁଏ ହୃଦୟ ସଲିଳ
ଢାଳିବାକୁ ଅଭିମତ ।
ଚଉଦିଗ ଦିଶେ ଶୁଭ୍ର ଓ ସବୁଜ
ତୁମରି ପୟର ପାତେ
ଖୁସିର ଫୁଆର ଜୁଆର ଆଣିଛି
ରହିବାକୁ ତୁମ ସାଥେ ।
ଆଶିଣ ସକାଳେ ଅଳସ ଭାଙ୍ଗୁଛ
ଅଳପ ନିଦରୁ ଉଠି
ଉଡିଉଡି ଖେଳେ ଲୁଚକାଳି ଖେଳ
ତୁମ ମେଘାଚ୍ଛନ୍ନ ଚୁଟି ।
ଚାଲିଯାଅ ଯେବେ ମୋମନ ପ୍ରାଙ୍ଗଣେ
କରେ ବସି ଦେବୀ ସ୍ତୁତି
ଦର୍ଶନେ ତୁମରି ଝରେ ସୁଖଶିରୀ
ସପନେ ତୁମରି ମୁକ୍ତି ।
ତୁମ ପାଶେ ଥିଲେ ଶକ୍ତି ଭରିଯାଏ
ତମାମ ଶରୀରେ ମୋର
ଶରତ ମରତେ ହସିଦିଅ ଟିକେ
ପ୍ରୀତି ବିଞ୍ଚି ଦେଇ ତୋର ।


♥ଶିକ୍ଷକ
ନୋଡାଲ ଉଚ୍ଚ ବିଦ୍ୟାଳୟ,
କୋଦଳା, ଗଞ୍ଜାମ
ମୋ:୮୨୪୯୫୩୪୨୭୪


## ପରବାୟ ନାହିଁ
### ଡ. ଦୀପକ କୁମାର ମିଶ୍ର



ଇତିମଧ୍ୟରେ ଅନେକ
ମହାବାତ୍ୟା ଭେଦେଇସାରିଛି ଦେହ
କେଡ଼େ କେଡ଼େ ଝଡ଼ବର୍ଷା ତିନ୍ତେଇଦେଇଛି
ଅମାନିଆ ମନର ଭଙ୍ଗାତୁଟା ଦ୍ରବ୍ୟଗୁଡ଼ିକୁ
ହୃଦୟରେ ବୋହିଯାଇଚି
ଆବେଗବିହୀନ ଅଦିନିଆ ଅସୁମାରି ବନ୍ୟାମାନ
ମହାସୁଲ୍ ଉଠାଇ ଫେରୁଥିବା
ମହାଜନିଆ ଡେଣ୍ଟାରେ ବିଦ୍ଧ ହୋଇଚି ଛାତି
ଛଡ଼େଇନେଇଛନ୍ତି ସେମାନେ
ଚେତନାରୁ ଚୈତନ୍ୟ, ପାଦ ତଳୁ ମାଟି
ଚୋରେଇ ନେଇଛନ୍ତି ମଧ
ମୁଣ୍ଡ ଉପରୁ ଅଧାଛିଣ୍ଡା ସାତସିଆଁ ଆକାଶ
ଆଉ ଆକାର ହରେଇଥିବା
କାରୁକାର୍ଯ୍ୟହୀନ ଜୀବନର ଅସମ୍ପୂର୍ଣ ଚିତ୍ର ।

ଏବେ ଆସନ୍ନ ସାମାନ୍ୟ ଝଡ଼, କୁଆପଥର ମାଡ଼
ଅଦିନିଆ ଅସରାଏ ବର୍ଷା, ଘଡ଼ିଏ ଘଡ଼ଘଡ଼ି
ଭୁଲ ପାଣିପାଗର ବିଶ୍ଳେଷଣରେ
ଦିନରାତି ରଡୁଥିବା
ଜଣେ ସୁନ୍ଦରୀ ଉଦଘୋଷିକାର
ତୁହାକୁ ତୁହା ବିଭୀଷିକାମୟ ତୁଚ୍ଛା ବର୍ଣ୍ଣନା
ଆଉ ଉଦାହରଣ ଛଳରେ
ନିୟତିର ମଙ୍ଗ ବୁଲାଇବାକୁ ଚେଷ୍ଟିତ
ତୁମ ପରି ଜଣେ ନାସ୍ତିକ ମଣିଷ........ଆଦିଙ୍କୁ
ମୋର ଆଉ ଡର ନାହିଁ ଜମା ।

ମୋ ଛାଇକୁ ଅବିକା ପିନ୍ଧେଇ
ଦେଇଚି
ଧଡ଼ି ନଥିବା
ଇସ୍ପାତ୍ ଥାନର ମୋଟା ଅଭେଦ୍ୟ ପୋଷାକଟିଏ
ମନକୁ ଘୋଡ଼ି ଦେଇଚି ଲୁହାର
ନିଦା ଚାଦରଟିଏ ବୁଣି
ହୃଦୟକୁ ବୁହାଇଦେଇଛି ଲବଣାକ୍ତ
ହିମଖଣ୍ଡ ପରି
ପ୍ରେମର ବିଷାକ୍ତ ବାରୁଣୀଘାଟରେ ।

ଅବିକା ବେଫିକର୍ କାଟିଦେବି
ନିପାଣିଆ ମଲା କଇଁଛ ପିଠିକୁ ଆଉଜି
ପ୍ରୀତିଶୂନ୍ୟ, କ୍ଲିଷ୍ଟପୂର୍ଣ୍ଣ ଅଶିଣର
ଦୀର୍ଘାୟୁ ରାତିକୁ ।

ମୁଁ ଲଢ଼ିଛି ଫାଇଲିନ, ଫନି,
ଭେଟିଛି ତିତିଲି, ହୁଡ଼ହୁଡ଼, ଗୁଲାବ, ଅମ୍ଫାନ୍
ଜୀବନକୁ ଆଡ଼ି
ଅଡ଼ିବସିଥିବା ଜୀବନର ଆମ୍ବିଳା ସ୍ମୃତିମାନଙ୍କୁ
ନେଇ
ଆଙ୍କିଛି ମଧ ସୁନ୍ଦର ମାନଚିତ୍ରଟିଏ
ତେଣୁ କି ପରବାୟ ହୋ
ନିତି ଗର୍ଭପାତ ଭୋଗୁଥିବା
ରୋଗିଣା ଏହି ସାମାନ୍ୟ ଅବପାତ ବର୍ଷାଟିକୁ ।


♥ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ବାସ୍ତବତାର କଷଟି
### ଅନସୂୟା ପଣ୍ଡା



ପାଦ ଥାପିବି ନିର୍ଭୟରେ ବୋଲି
ପଥର ଖଣ୍ଡେ ଖୋଜୁଛି
ଯେଉଁଥିରେ ନଥିବ ସ୍ୱାର୍ଥପର ଶିଉଳି
ହେଲେ ସେ ଅବିଶ୍ୱାସର ଛାଇ ତଳେ
ବିବଶେ ପଡିଥାଏ ପ୍ରତିକୂଳତାରେ

ନଷ୍ଟ ଚରିତ୍ରମାନେ ନିରିମାଖୀ ପରି
ପ୍ରାଣ ଖୋଲା ଶବ୍ଦ କରୁଥିଲେ ବି
ସେମାନେ ଶୁଷ୍କ ସହାନୁଭୂତି
ଛଦ୍ମ ପ୍ରତାରଣା ବିଶ୍ୱସ୍ତ ଆଦୌ ନୁହନ୍ତି ।

ସମୟ ଦେଖି ଫଣା ଟେକନ୍ତି
ଦୋଷ ଫିଙ୍ଗି ଛଳ ଜହର ଛାଡନ୍ତି
ଅବୁଝାରେ ହଲିଯାଏ ପାଦତଳ ମାଟି
ସଂକଟାପନ୍ନ ବଞ୍ଚିବା ଛୁଇଁ ଖରା ତାତି ।

ବିଶ୍ୱାସରୁ ନୁହେଁ ଅନିର୍ଣିତ
ଅବିଶ୍ୱାସରୁ ଆରମ୍ଭ ହେଉ ସମ୍ପର୍କ
ବାସ୍ତବତାର କଷଟିରେ ପରଖିବା ପରେ
ସୁନା କି ପଥର ଜାଣି ଭଲରେ
ମାରିବା ବିଶ୍ୱାସର ଟ୍ୟାଗଟିଏ ।

ଅସତ୍ୟକୁ ଫିଙ୍ଗି ରାସ୍ତା କଡରେ
ଚାଲିବା ଅଚିନ୍ତାରେ ଏ ଦୁନିଆରେ
ମନକୁ ହାଲୁକା କରି ସମୟ ସୁଅରେ
ଜୀବନକୁ ଧରି ଶାନ୍ତିର ଆଲିଙ୍ଗନରେ ।


♥ବୁର୍ଲା, ସମ୍ବଲପୁର
ମୋ: ୯୪୩୭୪୨୦୪୦୯


## ଆସିଛି ଶରତ ...
### ତାନଶ୍ରୀ ପାଣିଗ୍ରାହୀ



ଆସିଛି ଶରତ ହସୁଛି ମରତ
ସଞ୍ଜ ଯେବେ ଆସେ ନଇଁ
ଚାମର ବିଞ୍ଚାଇ କାଶତଣ୍ଡୀ ହସେ
ସରସୀରେ ଫୁଲ କଇଁ...

ଆକାଶ ପୃଥିବୀ ସଙ୍ଗତେ ମରତ
ସୁଶୋଭିତ ଚାରୁମୟୀ
ଶାନ୍ତ ସ୍ନିଗ୍ଧ ଶରତ ନାୟିକା
ଦିଶେ କେଡ଼େ ରୂପମୟୀ...

ଧବଳ ଟଗର ଝରା ଶେଫାଳି ବି
ଆବାହନୀ ଗୀତ ଗାଇ
ଧାନ କେଣ୍ଡା କ୍ଷେତେ ମଥାକୁ ନୁଆଇଁ
ତୁମକୁ ରହିଛି ଚାହିଁ...

ଜହ୍ନି ଫୁଲ ଫୁଟେ ଭୋଦୁଅ ସନ୍ଧ୍ୟାରେ
କି ସୁନ୍ଦର ଦିଶେ ମହୀ
ଆକର୍ଷିତ ହୋଇ ଆସଇ ଭ୍ରମର
ପ୍ରୀତିର ଚୁମ୍ବନ ଦେଇ...

ଅଶିଣ ଆକାଶ ମନ୍ଦ ମନ୍ଦ ହସେ
ମେଘକୁ ଦେଇ ମେଲାଣି
ପ୍ରକୃତିର ରାଣୀ ନବ ପଲ୍ଲବିତ
ତୁମରି ଆସିବା ପାଇଁ...

ଶରତ ସୁନ୍ଦରୀ ଧଳା ପାଟ ପିନ୍ଧି
ଦିଏ ତା ଦିବ୍ୟ ପରଶ
କଅଁଳ ଖରାରେ ଗଛ ଲତା ସବୁ
ଜଗାଏ ମନେ ଉଲ୍ଲାସ...

ପାର୍ବଣର ଋତୁ ଆରମ୍ଭ ହୋଇଲା
ଜାଗଇ ମନେ ସରାଗ
ନଈ ପଠା ହୁଏ କେତେ ରୋମାଞ୍ଚିତ
ଗାଏ ସେ ପୂର୍ବରାଗ...

କୁଆଁରୀ ମନରେ ଆନନ୍ଦ ଜୁଆର
କୁଆଁର ପୁନେଇଁ ଆସେ
ଆକାଶେ ଚାନ୍ଦକୁ ସରାଗେ ବନ୍ଦେଇ
କେ କେତେ ଶୁଭ ମନାସେ...

ଶରତ ଆସିଛି ଶାନ୍ତି ମୈତ୍ରୀ ନେଇ
ଦିଅଇ ଶୁଭ ବାରତା
ଦୁର୍ଗତିନାଶିନୀ ବିଶ୍ୱଜନନୀ
ମର୍ତ୍ତେ ହେବେ ଆବିର୍ଭୁତା ।


♥ବାଲେଶ୍ୱର
ମୋ :୯୩୩୭୩୦୪୨୯୫


## ତୁମେ ପ୍ରିୟତମ ଚିରକାଳ
### ନୀଳମଣି ଚାନ୍ଦ



ମୁଁ ଅପରାହ୍ନର ଛାଇ
ତୁମେ କଡ଼ ଲେଉଟାଣି ଖରା
ମୁଁ ଅପରାହ୍ନର ମେଘ
ତୁମେ ମୋ ଇନ୍ଦ୍ରଧନୁଟି ପରା ।

ମୁଁ ଅପରାହ୍ଣର ଯୋଗୀ
ତୁମେ ସାହାଡ଼ାସୁନ୍ଦରୀ ମୋ'ର
ମୁଁ କେନ୍ଦରା ବଜେଇ ଦେଲେ
ତୁମେ ଢାଳୁଥାଅ ଲୁହଧାର ।

ମୁଁ ଲୁହଭିଜା ମଣିଷଟେ
ତୁମେ ହଳଦିବସନ୍ତଟିଏ
ମୁଁ କ୍ଳାନ୍ତ ଅପରାହ୍ନ ହୋଇ
ତୁମ ମନକୁ ଭୁଲେଇ ନିଏ ।

ମୁଁ ଧରିତ୍ରୀର ଦୁର୍ବାଦଳ
ତୁମେ ସାଧବବୋହୂଟି ପରା
ମୁଁ ଶେଷ ବସନ୍ତର ଚିଠି
ତୁମେ ପଢି ହୁଅ ଆତ୍ମହରା ।

ମୁଁ ଫିକା ଏକ ଅପରାହ୍ଣ
ତୁମେ ପଉଷ ଧୂସର ସଞ୍ଜ
ମୁଁ ନିଷ୍ପାପ ଅପରାହ୍ନ
ତୁମେ ପ୍ରସ୍ଫୁଟିତ ଶୁଭ୍ର କଞ୍ଜ ।

ମୁଁ ଚିରକାଳ ଅପରାହ୍ଣ
ତୁମେ ଦିଗ୍ୱଳୟ ଚକ୍ରବାଳ
ମୁଁ ସମ୍ପର୍କର ଛନ୍ଦଟିଏ
ତୁମେ ପ୍ରିୟତମ ଚିରକାଳ ।


♥୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,
ମୋ:୯୫୮୩୨୦୨୩୫୭




## ମାତୃଭକ୍ତି
### ଡ଼ଃ କାଳିକିଙ୍କର

ମାତୃଭକ୍ତ ମହାମାନ୍ୟ
ମାଆ ନାଁ ନେଇ
ସେଦିନ ଟିଭି ଆଗରେ
କାନ୍ଦିଲେ ହୋ ଯାଇ
କହିଲେ ଶୁଣ ଜନତା
ମୋ ଭଉଣୀ ଭାଇ
ଭୋଟ ମୋ ଦଳକୁ ଦେବ,
ମାଆ ଗାଳିପାଇଁ ।
ଉପସ୍ଥିତ ଜନତା ଯେ
ଉଠି ଛିଡା ହେଲେ
ମହାମାନ୍ୟ ଜିନ୍ଦାବାଦ
ଅନେକ କହିଲେ
ତେବେ କିନ୍ତୁ ପଚାରିଲେ
ଆହେ ମହାମାନ୍ୟ
ତୁମ ମାଆ ଗାଳିସବୁ
ଅଟେ ଅସାମାନ୍ୟ
ଜର୍ସିଗାଈ, ଗାର୍ଲଫ୍ରେଣ୍ଡ
ବିଧବାର ଗାଳି
ତୁମେ ଦେଲ ଯେତେ ଗାଳି
ଆମେ ଦେଲୁ ତାଳି
ଏବେ ତ ଜନତା ଗାଳି
ତୁମ ମାଆ ପାଇଁ
କହନ୍ତି ତୁମ ଚାଷର,
ଭଲ ଫଳ ଏହି ।
ମାଆ ପୁଣ୍ୟ ସମ୍ବୋଧନ
ନାହିଁ ଧର୍ମ ଜାତି
ମାଆ ନୁହେଁ ରାଜନୀତି
ମାଆ ଶ୍ରଦ୍ଧା ଭକ୍ତି
ଆପଣା ମୁହଁରେ ତୁଣ୍ଡି
ବାନ୍ଧ ମହାମାନ୍ୟ
ଗାଳି ନୁହେଁ ମାତୃଭକ୍ତି
ଉକ୍ତି ହୀନମଣ୍ୟ
ତେଣୁ କାନ୍ଦି ଲାଭନାହିଁ
ମାଆ ନାମ ନେଇ
କଥା କୁହା କପିଳା,
ଯେ ଜଗତ କହଇ ।


♥ଯୋଗାଯୋଗ- ସୌଭାଗିନୀ
ନିବାସ, ରଟିଲୋ, ରେଞ୍ଚ,
ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭


## କ୍ଷଣକାଳର ମୁଁ ଗଙ୍ଗଶିଉଳି
### ତୃପ୍ତିରାଣୀ ପାତ୍ର



ଧବଳ ଆବୃତ ମଧ୍ୟରେ କମଳା
ରୂପରେ ଆକର୍ଷି ପାରେ ନାହିଁ
ଅତି ମନୋହର ସୁବାସ ବିତରି
ନିଶିକାଳେ ପ୍ରୀତ ହୁଏ ମୁହିଁ ।

କ୍ଷଣକାଳର ମୁଁ ଯେ ଗଙ୍ଗଶିଉଳି
ଶିଶିର ବୁନ୍ଦା ମୋ ମୁକ୍ତାହାର
ବିତରେ ଅତର ନୀରବେ ଝାଉଁଳି
ବୃନ୍ତଚ୍ୟୁତେ ତ ଆନନ୍ଦ ମୋର ।

ରାତିକ ରହଣି ରଖିଲେ ମୋ ପାଇଁ
ସେଥିରେ ଅଧିର ହୁଏ ନାହିଁ
ସୁଖ ଦୁଃଖ ଧରି ବସୁଧା ଆବୋରି
ପ୍ରତି ଜନମନ ଜିଣେ ତହିଁ ।

ପବିତ୍ର ଅର୍ଥରେ ଶୁଭ୍ର ରଙ୍ଗ ଧରି
ପ୍ରକୃତି ଶୋଭା ବିଭବେ ମହୀ
ସତ୍ୟ ସାଧୁତାରେ ଆଭା ପ୍ରସାରି
ହସୁଥାଏ ସୁମଞ୍ଜୁଳ ବହି ।

ନାହିଁ ଅଭିମାନ ବିହିଙ୍କର ପାଶେ
ନ ରଖିଲେ ବେଶି କାଳପାଇଁ
ଅନେକ ଉଦ୍ଭିଦ ସହିତ ହରଷେ
ଜୀବନ ଜୋଛନା ବାଣ୍ଟିଦେଇ ।

ରାତିର ନାୟିକା ପରମ ସୁନ୍ଦରୀ
ଅଭିସାରିକାର ରଙ୍ଗ ଧରି
ଚାରି ପ୍ରହରର ପ୍ରିୟ ସହଚରୀ
ନୈଶ ସୁହାଗିନୀ ଭାବ ପରୀ ।

ନୀରିମାଖୀ ଶୁଭ୍ରବେଶୀ ପୁଷ୍ପରାଶି
ରୂପ ଗୁଣକୁ ପଛେ ପକାଇ
ବିମୁଗ୍ଧ କରେ ସଭିଙ୍କୁ ମୁଁ ବେଶି
ମନଦୁଃଖ ମନେ ମାରିଦେଇ ।

ପ୍ରୀତିର ପରଶ ଶରତେ ବିଞ୍ଚଇ
ପ୍ରକୃତି ଶୋଭା ବିଭୋର ଯହିଁ
ମହମହ ତା'ର ପ୍ରୀତିର ଅତର
ଫୁଲ କୁମାରୀରେ ଖୁସି ତହିଁ ।

କ୍ଷୁଦ୍ରକାଳ ରହି କ୍ଷୁଦ୍ର ଫୁଲଟିଏ
ଆନନ୍ଦେ ମଧୁ ସଙ୍ଗୀତ ଗାଏ
ଶରତେ ଶୋଭିତ ବାସରେ ପୂରିତ
ଧରାରେ ଶାନ୍ତି ବିରାଜି ଥାଏ ।


♥ସହଦେବଖୁଣ୍ଟା, ବାଲେଶର


## ହୃଦୟ ତଟିନୀ
### ମଧୁସୂଦନ ମାଝୀ

ମୋ ମନ ବଗିଚା ଫୁଲର ସଂଭାର
ବାସ୍ନାୟିତ ହୋଇ ଉଠେ,
ସେ ବଗିଚା ଭିତରେ ଥରେ ଭ୍ରମିଗଲେ
ଫୁଲ ପଡେ ମୁଣ୍ଡେ ମୁଠେ ।

ଶୂନ୍ୟ ଜୀବନରେ ଭରି ଯାଏ ସତେ
ଅଫୁରନ୍ତ ବାସନା ନେଇ,
ପେଟ ପୁରିଯାଏ ମନ ଭରିଯାଏ
ଅକବି ଗାଏ କବି ହୋଇ ।

ମାଳି ହୋଇ ତୋଳି ଥାଏ ଫୁଲ
ଥିଲେବି ବୃନ୍ତରେ କଣ୍ଟା,
ରକତ ଝରି ନେଶି ଯାଏ ଫୁଲେ
ମନର ଭାଷେ ଆହାଃ ବୁଟା ।(୩)

ପାଟ ଶାଢ଼ୀ ପିନ୍ଧି ଲାଜୁକୀ ସେ ଫୁଲ
ପ୍ରେମିକ ଭ୍ରମର ଖୋଜେ,
ଭ୍ରମରର ବୀଣା ଆକୃଷ୍ଟ କରଇ
ପ୍ରେମିକାର ଆଖି ବୁଜେ ।

ପ୍ରେମ କରି ବସେ ଫୁଲ ଭ୍ରମରକୁ
ଖୋଲି ଦିଏ ଅଙ୍ଗ ବସ୍ତ୍ର,
ଚୁମା ମାରେ ଫୁଢ଼ାଇ ଶୁଣ୍ଡକୁ ବାର ବାର
କବି ଲେଖେ କବିତା ସୁନ୍ଦର ।

ମାଳି ନେବା ପାଇଁ ଭ୍ରମରକୁ ତୋଡେ
ପେଟ ପାଇଁ ଧରିଛି ଝୁଡି,
ଭ୍ରମର ଗୋଡେଇ ବିନ୍ଧେ ମାଳିକୁ ରାଗି
ଯାଏ ସେଠୁଁ ମାଳି ଦଉଡ଼ି ।


♥ ବାଲେଶ୍ୱର


## ମାଆ ତୁ ଆସୁଛୁ ବୋଲି
### ମନୋଜ କୁମାର ମେହେର



ମାଆ ତୁ ଆସୁଛୁ ବୋଲି...
ଆକାଶ ନୀଳ ରଙ୍ଗ ବୋଲି ହୋଇଛି,
ପବନ ବି ନିଜକୁ ଶୀତଳ କରିଛି,
ସବୁଜିମା ଧରଣୀର ରଙ୍ଗ ବେରଙ୍ଗ
ଫୁଲରେ ସଜାଇ ହୋଇଛି,
ପାର୍ବଣ ଋତୁ ବି ସ୍ୱାଗତ କରୁଛି ॥
ସବୁଠି ହସଖୁସି ଲାଗିଛି ॥

ମାଆ ତୁ ଆସୁଛୁ ବୋଲି.......
ପ୍ରକୃତି ବି ତୋର ଆଗମନକୁ ଚାହିଁଛି,
ମାନବ ବି ଏଠି ଜାକ୍ ଜମକରେ
ମଣ୍ଡପ ସଜାଇ ତୋ ଆଗମନକୁ
ଅପେକ୍ଷା କରିଛି ।

ମାଆ ତୁ ଆସୁଛୁ ବୋଲି......
ଶୁଭ୍ର କାଶତଣ୍ଡି ଅପେକ୍ଷା କରିଛି,
ସ୍ୱଳ୍ପାୟୁସ ହେଲେ ବି, ଗଙ୍ଗଶିଉଳି
ତୋ, କୋଳରେ ମିଶିବା ପାଇଁ
ତୋ ପାଦରେ ଲାଗିବା ପାଇଁ
ଭକ୍ତିର ଅର୍ଘ୍ୟଥାଳୀ
ବାଢ଼ି ଦେଇଛି ।
ମାଁ ତୁ ଆସୁଛୁ ବୋଲି.......
ମନରେ ବିଶ୍ୱାସ ରଖିଛି
ତୁ ଆସିବୁ.....
ମହିଷାସୁର ରୂପୀ ମାନବର
ସଂହାର ପାଇଁ,
ଏ ଧରାରେ
ଧର୍ମର ରକ୍ଷା ପାଇଁ ।।


♥ବଣ୍ଡାକୁଟୁରା, ଜୁନାଗଡ଼, କଳାହାଣ୍ଡି
ମୋ: ୯୩୩୭୭୯୩୧୫୭

# ଝଙ୍କଡ଼ବାସିନୀ ଶାରଳାଙ୍କ ସୃଷ୍ଟି, ସ୍ଥିତି ଓ ସ୍ୱରୂପ

ତପନ କୁମାର ପାଲ

'ଝଙ୍କଡ଼ବାସିନୀ ଶାରଳା; ଯେଉଁ ପୀଠରେ ଶାରଳା ଦାସ ସିଦ୍ଧି ଲାଭ କରିଥିଲେ ତାର ମହାତ୍ମ୍ୟ ସଂପର୍କରେ ଏକ ବିବରଣୀ। ମା'ଶାରଳା ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ହିସାବରେ ବହୁକାଳରୁ ପୂଜା ପାଇଁ ଆସୁଛନ୍ତି। ଝଙ୍କଡ଼ ଏକ ପ୍ରଗଣା। ପୂର୍ବେ ଏହା ନାମ ଜଙ୍ଘେରପୁର ଥିଲା ବୋଲି ଶାରଳା ମହାଭାରତରେ ଉଲ୍ଲେଖ ଅଛି। ଜଙ୍ଘେରପୁର ସମ୍ଭବତଃ ଯକ୍ଷପୁରର ଅପଭ୍ରଂଶ। ଶାରଳା ଠାକୁରାଣୀ ଝଙ୍କଡ଼ପୁରର ଅଧିଷ୍ଠାତ୍ରୀ ଦେବୀ ବୋଲି ସାରଳା ଦାସ ଏକାଧିକ ସ୍ଥାନରେ ବର୍ଣ୍ଣନା କରିଛନ୍ତି। ଏହି ମନ୍ଦିରରେ ମା'ଙ୍କ ପ୍ରତିଷ୍ଠା ୧୩୨୧ ସାଲ ଆଷାଢ଼ ଦି୧୨ ନ ଠାରୁ ଦି.୧୯ନ ପର୍ଯ୍ୟନ୍ତ ହୋଇଥିବାର ଗବେଷକ ଗଣେଶ ପ୍ରସାଦ ପରିଜା ତାଙ୍କ ଶକ୍ତିପୀଠ ଶାରଳା ଓଡ଼ିଶା ସାହିତ୍ୟରେ ତାର ପ୍ରଭାବ' ପ୍ରବନ୍ଧରେ ଦର୍ଶାଇଛନ୍ତି। ଇତିପୂର୍ବରୁ ଶାରଳାଙ୍କ ମନ୍ଦିର ପୂର୍ବର ବଡ଼ ସାରଳେ ଏବଂ ବର୍ତ୍ତମାନର ହରିପୁର ଗ୍ରାମର ଲଣ୍ଡା ଦେଉଳ ଠାରେ ଥିଲା। ଉକ୍ତ ମନ୍ଦିରରେ ଦେବୀ ବହୁଦିନ ଧରି ପୂଜା ପାଇଥିଲେ। ୧୬୮୬ ମସିହାରେ ସମ୍ଭବତଃ ଔରଙ୍ଗଜେବଙ୍କ ଶାସନ କାଳରେ ଉକ୍ତ ମନ୍ଦିର ଭଙ୍ଗା ଯାଇଥିଲା ଏବଂ ସେଥିରୁ ବାହାରିଥିବା ପଥରରେ ତାହାର ଏକ ମାଇଲ ପଶ୍ଚିମକୁ ମୁଳିସିଂ - ସହର ଠାରେ ଏକ ମସଜିଦ ତିଆରି ହୋଇଥିବାର ଜଣାଯାଏ। ମସଜିଦ ନିର୍ମାଣ କାଳ ୧୦୯୮ ସାଲ ଉଲ୍ଲେଖ ଥିବା ଏହାକୁ ପୁଷ୍ଟ କରେ। ବର୍ତ୍ତମାନର ମନ୍ଦିର ଓଡ଼ିଶାର ଅନ୍ୟାନ୍ୟ ମନ୍ଦିର ପରି ନାଗର ଓ ଦ୍ରାବିଡ଼ ପ୍ରଥାର ବିଶିଷ୍ଟ ଶିଳ୍ପୀ ଯଥାକ୍ରମେ ମଣ୍ଡନ ଓ ମୟଙ୍କ ମିଳିତ କାରିଗରୀ କୌଶଳରେ ନିର୍ମିତ ହୋଇଛି।

ବର୍ତ୍ତମାନର ମା'ଙ୍କ ମୂର୍ତ୍ତି ମହିଷାମର୍ଦ୍ଦିନୀ ଦୁର୍ଗାଙ୍କ ମୂର୍ତ୍ତି। ସ୍ଥଳବିଶେଷରେ ମହୀଷାମର୍ଦ୍ଦିନୀ ଦୁର୍ଗାଙ୍କର ଦୁଇ ହାତ, ଦଶହାତ, ଚାରିହାତ, ଥିବାର ଦେଖାଯାଉଥିବାବେଳେ ଶାରଳାଙ୍କ ମୂର୍ତ୍ତିର ହାତ ସଂଖ୍ୟା ଆଠ, ଦେବୀ ବାମ ହାତରେ ଘଣ୍ଟା, ଧନୁ, ପଡ଼ିଶ ଏବଂ ମହିଷାସୁରର କେଶ ଧରିଥିବା ବେଳେ ଦକ୍ଷିଣ ହସ୍ତରେ ବୀଣା, ପୁସ୍ତକ, ଶୂଳ ଧାରଣ କରିଛନ୍ତି। ତାଙ୍କର ଶୂଳ ମହିଷାସୁରରେ ବକ୍ଷ ଭେଦ କରିବା ଅବସ୍ଥାରେ ଥିବାବେଳେ ଗୋଟିଏ ପାଦ ବାହାନ ସିଂହ ଉପରେ ଏବଂ ଆଉ ଗୋଟିଏ ପାଦ ମହିଷାସୁର ଉପରେ ରହିଅଛି।



ଅନ୍ୟାନ୍ୟ ସ୍ଥାନରେ ମିଳୁଥିବା ମୂର୍ତ୍ତିଙ୍କ ତୁଳନାରେ ମା'ଙ୍କ ମୂର୍ତ୍ତି କ୍ଷୁଦ୍ର, ସୁନ୍ଦର, ଚିତାକର୍ଷକ ଏବଂ ଭକ୍ତି ଉଦ୍ରେକକାରୀ। ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏହି ମୂର୍ତ୍ତିକୁ ଅଷ୍ଟମ ଶତାବ୍ଦୀର ବୋଲି କହିଛନ୍ତି। ଶାରଳାଙ୍କ ହସ୍ତରେ ଘଣ୍ଟି ଆୟୁଧ ରହିଥିବାରୁ ଶ୍ରୀଯୁକ୍ତ ଗଣେଶ ପରିଜା ଏହାକୁ ବୌଦ୍ଧ ଦେବୀ ବୋଲି ମତ ଉପସ୍ଥାପନ କରିଛନ୍ତି। ମାତ୍ର ଦୁର୍ଗାପୂଜା ବା ମାତୃପୂଜା ପରମ୍ପରା ବୈଦିକ ସଭ୍ୟତାର ପୂର୍ବବର୍ତ୍ତୀ ସମୟର। ସିନ୍ଧୁ ସଭ୍ୟତାରୁ ମିଳିଥିବା ମୂର୍ତ୍ତିମାନଙ୍କରୁ ଏହାର ପ୍ରମାଣ ମିଳେ। ପୁନଶ୍ଚ ଶକ୍ତିପୂଜା ଆର୍ଯ୍ୟେତର ଜାତିମାନଙ୍କର ମୁଖ୍ୟ ଧର୍ମଥିଲା ଏବଂ ଆର୍ଯ୍ୟ ସଂସ୍କୃତି ଉପରେ ଦ୍ରାବିଡ଼ ସଂସ୍କୃତିର ପ୍ରଭାବଫଳରେ ଶକ୍ତି ଉପାସନା ବ୍ୟାପକ ଭାବରେ ସମ୍ଭବ ହୋଇପାରିଥିଲା। ବୌଦ୍ଧଧର୍ମ ଓ ସାହିତ୍ୟର ବହୁ ପୂର୍ବରୁ ରଚିତ ତୈତିରୀୟ, ଆରଣ୍ୟକ ଓ କେନ ଉପନିଷଦରେ ଉମା ଓ ପାର୍ବତୀଙ୍କର ବିଷୟ ଉଲ୍ଲେଖ ରହିଛି ଏବଂ ଦୁର୍ଗାଙ୍କର ପରବର୍ତ୍ତିତ ସ୍ୱରୂପ ମାତ୍ର। ଏହା ମଧ୍ୟ ଜଣାଯାଇଛି ଯେ ମହାଭାରତ ଭୀଷ୍ମ ପର୍ବରେ ଅର୍ଜୁନଙ୍କ ସ୍ତୁତିରେ ଏବଂ ବିରାଟ ପର୍ବରେ ଯୁଧିଷ୍ଠିରଙ୍କ ସ୍ତୁତିରେ ଉମାଙ୍କୁ ଦୁର୍ଗା ଏବଂ ମହିଷାମର୍ଦ୍ଦିନୀ ନାମରେ ବର୍ଣ୍ଣନା କରାଯାଇଛି।

ଶକ୍ତି ଉପାସନା, ମୂର୍ତ୍ତି ପୂଜା ପୃଷ୍ଠ ଭୂମିରେ ଶାରଳାଙ୍କ ସ୍ୱରୂପ ଏକ ବିସ୍ମୟକର ଏବଂ ଅନନ୍ୟ ସୃଷ୍ଟି। ପୂର୍ବୋକ୍ତି ବର୍ଣ୍ଣନା ଅନୁଯାୟୀ ଭୁବନେଶ୍ୱରର ମାର୍କଣ୍ଡେଶ୍ୱର ମନ୍ଦିରରେ ଚର୍ତୁଃଭୁଜା, ପ୍ରସିଦ୍ଧ ଶକ୍ତି ପୀଠ ଯାଜପୁରରେ ବିରଜାଙ୍କର ଦ୍ୱିଭୁଜା, ଅସ୍ତରଙ୍ଗର ଏକ ମନ୍ଦିରରେ ଷଡ଼ଭୂଜା ମୂର୍ତ୍ତି ଏବଂ ଭୁବନେଶ୍ୱରର ଶିଶିରେଶ୍ୱର ମନ୍ଦିର, ବୈତାଳ ମନ୍ଦିର, ପର୍ଶୁରାମେଶ୍ୱର ମନ୍ଦିର ଓ ଲକ୍ଷ୍ମଣେଶ୍ୱର ମନ୍ଦିରର ପାର୍ଶ୍ୱଦେବତା ରୂପରେ ଅଷ୍ଟଭୂଜା ମହୀଷାମର୍ଦ୍ଦିନୀ ମୂର୍ତ୍ତିଙ୍କର ପୂଜା ହେଉଅଛି। କିନ୍ତୁ କୌଣସି ଅଷ୍ଟଭୂଜା ମୂର୍ତ୍ତିର ଆୟୁଧରେ ବୀଣା ଏବଂ ପୁସ୍ତକ ଦେଖାଯାଏ ନାହିଁ। ଏହି ଅନୁକ୍ରମରେ ଶାରଳା ମହାସରସ୍ୱତୀ ରୂପରେ ପୂଜିତା ହୁଅନ୍ତି।

ମୁଖ୍ୟତଃ ଦେବୀ ମହିଷାମର୍ଦ୍ଦିନୀ ଏବଂ ଦୁର୍ଗା ରୂପରେ ପୂଜିତ ହେଲେ ହେଁ ସ୍ଥଳ ବିଶେଷରେ ତାଙ୍କର ନାମ ପରିବର୍ତ୍ତିତ ହୋଇଛି। ସାରୋଳ ଗ୍ରାମରେ ପୂଜିତା ହେଉଥିବାରୁ ତାଙ୍କୁ ଶାରଳା ଚଣ୍ଡୀ ହିସାବରେ ଆହ୍ୱାନ କରାଯାଇଛି ଏବଂ କାଳକ୍ରମେ ଶାରଳା ଭାବରେ ସମ୍ବୋଧିତ ହେଉଛନ୍ତି। ସାରଳା ମହାଭାରତରେ ଶତାଧିକ ସ୍ଥାନରେ ଦେବୀଙ୍କୁ ଶାରଳା ଚଣ୍ଡୀ, ସିଂହବାହିନୀ ଶାରଳା, ମା'ଶାରଳା ହିସାବରେ ସମ୍ବୋଧନ କରାଯାଇଛି। ସମ୍ଭବତଃ ଶାରଳା ଶବ୍ଦ ଲେଖମୁଖରେ କଥିତ ଓ ପରିବର୍ତ୍ତିତ ହୋଇ ସାରଦା ରୂପଧାରଣ କରିଛି।

ସାରଳା ଦାସ ସମ୍ଭବତଃ ମାର୍କଣ୍ଡୟ ପୁରାଣ ଦ୍ୱାରା ପ୍ରଭାବିତ ହୋଇ ମା'ଶାରଳାଙ୍କୁ ମହିଷାମର୍ଦ୍ଦିନୀ ଚଣ୍ଡୀ ହିସାବରେ ଗ୍ରହଣ ଏବଂ ଆରାଧନା କରିଛନ୍ତି। ତାଙ୍କ ଲିଖିତ ମହାଭାରତ ଏବଂ ଚଣ୍ଡୀ ପୁରାଣର ଗ୍ରନ୍ଥରେ ସାରୋଳା ଚଣ୍ଡୀ ହିଁ ଏକମାତ୍ର ପ୍ରତ୍ୟକ୍ଷ ଦେବୀ ଗତିମୁକ୍ତି ପ୍ରଦାୟିନୀ। ମଣିଷକୁ ସୁଖ, ସ୍ୱାଚ୍ଛନ୍ଦ୍ୟ, ଧନସଂପଦ, କ୍ଷମତା, ଐଶ୍ୱର୍ଯ୍ୟ ପ୍ରଦାନ କରିବାରେ ଏବଂ ସେମାନଙ୍କର ଭୟ ହରଣ କରିବାରେ ତାଙ୍କଠାରୁ ବଳି ଦେବତା ଆଉ ନଥିବାର ସେ ଶତାଧିକ ବାର ଉଲ୍ଲେଖ କରିଛନ୍ତି ଏବଂ ସେହି ପରମଶକ୍ତି, ସିଦ୍ଧିପ୍ରଦାୟିନୀ ଏବଂ ସଙ୍କଟ ତାରିଣୀ ଦେବୀଙ୍କ ଦାସାନୁଦାସ ହିସାବରେ ନିଜକୁ ସମର୍ପଣ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶାରଳା ଦେବୀଙ୍କ ମୂର୍ତ୍ତି ଐତିହାସିକ ମାନଙ୍କ ମତରେ ଅଷ୍ଟମରୁ ନବମ ଶତାବ୍ଦୀ ମଧ୍ୟରେ ବୋଲି ସ୍ଥିରୀକୃତ ହୋଇଅଛି। ଏଣୁ ଆପାତତଃ ସେହି ସମୟରୁ ପୂଜାପାଇ ଆସୁଛନ୍ତି ବୋଲି ଧରି ନିଆଯାଇଛି। କାରଣ ସେହି ସମୟରେ ମୂର୍ତ୍ତି କେବଳ ପୂଜା ପାଇବା ନିମିତ୍ତ ଗଠନ କରାଯାଇଥିଲା। କବି ସାରଳା ଦାସ ତାଙ୍କ ରଚିତ ଶାରଳା ମହାଭାରତ ଚଣ୍ଡୀପୁରାଣ ଏବଂ ବିଲଙ୍କା ରାମାୟଣରେ ଦେବୀଙ୍କର ପ୍ରଭୃତ ବର୍ଣ୍ଣନା କରିଛନ୍ତି। ସାରଳା ଦାସ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସମସାମୟିକ ଏବଂ ସମ୍ଭବତଃ ୧୪୩୫ ଖ୍ରୀଷ୍ଟାବ୍ଦରେ ଜନ୍ମ ଗ୍ରହଣ କରିଥିଲେ। ପଞ୍ଚଦଶ ଶତାବ୍ଦୀର ଲୋକ ଶାରଳା ଦେବୀ ବା ସାରୋଳା ଚଣ୍ଡୀ ତାଙ୍କର ଇଷ୍ଟଦେବୀ ଥିଲେ ଏବଂ ତାଙ୍କର ଦୟାରୁ ସେ ବାକସିଦ୍ଧ ହୋଇ ମହାକବି ହୋଇଥିବାରୁ ତାଙ୍କର ମହିମା ପ୍ରଖ୍ୟାପନ କରିଛନ୍ତି। ଏଥିରୁ ନିର୍ଣ୍ଣିତ ହେଉଛି ଯେ ସାରଳା ଦାସଙ୍କ ଲେଖାରେ ହିଁ ଝଙ୍କଡ଼ ପ୍ରଗଣାରେ ସାରୋଳ ଗ୍ରାମରେ ପୂଜା ପାଉଥିବା ସେହି ଚଣ୍ଡୀ ମୂର୍ତ୍ତି ଶତାଧିକ ବର୍ଷ ପରେ ସାରଳା ଠାକୁରାଣୀ ନାମରେ ପରିଚିତ ହୋଇଛନ୍ତି। ବର୍ତ୍ତମାନ ଯେତେ କାବ୍ୟ, କବିତା, ସାହିତ୍ୟ, ନାଟକ, ଭଜନ, ଜଣାଣ, ଚଉତିଶା, ଜନଶ୍ରୁତି, କିମ୍ବଦନ୍ତୀରେ ଯେତେ ସବୁ ଲେଖା ଏବଂ ଉଦ୍ଧୃତ ସମସ୍ତ ପଞ୍ଚଦଶ ଶତାବ୍ଦୀର ପରବର୍ତ୍ତୀ ସମୟର। ସାରଳା ଦାସ ତାଙ୍କର କୃତି ମାନଙ୍କରେ ସାରୋଳା ଚଣ୍ଡୀଙ୍କର ଉଲ୍ଲେଖ କରିଛନ୍ତି। ଏହା ଶାରଳା ଏବଂ ସାରଳା ଭାବରେ ଯଥାକ୍ରମେ ଚଣ୍ଡୀ ପୁରାଣ ମଧ୍ୟରେ ଉଲ୍ଲେଖ ରହିଅଛି।

+ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ

# ଓଡ଼ିଶାରେ ଶକ୍ତିପୀଠ

ବିପିନ ବିହାରୀ ମହାନ୍ତି

ପୁରାଣ ଓ ତନ୍ତ୍ର ଶାସ୍ତ୍ରମତେ ଦକ୍ଷ ଯଜ୍ଞରେ ମା' ସତୀ ନିଜକୁ ବିସର୍ଜନ କଲା ପରେ ତାଙ୍କ ଦେହାବଶେଷକୁ କାନ୍ଧରେ ଧରି ଶିବ ଦୁଃଖରେ ତାଣ୍ଡବ ନୃତ୍ୟ ଆରମ୍ଭ କରି ସମଗ୍ର ବ୍ରହ୍ମାଣ୍ଡ ବୁଲିଲେ। ଏଥିରେ ଭୟଭୀତ ହୋଇ ପୃଥିବୀରେ ଅନ୍ତେବାସୀ ଥରହର ହେଲେ। ଏକଥା ବିଷ୍ଣୁ ଜାଣିପାରି ତାଙ୍କ ସୁଦର୍ଶନ ଚକ୍ର ପଠାଇ ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲେ। ଏ ଦେହାଂଶ ଯେଉଁଠି ପଡିଲା ତାହା ହେଲା ଏକ ଶକ୍ତିପୀଠ। ଏମିତିରେ ୫୧ଟି ବା ଭିନ୍ନମତେ ୧୦୮ଟି ପୀଠ ସୃଷ୍ଟି ହେଲା। ଏଥିରୁ ପୁରାଣ ମତେ ସତୀଙ୍କର ନାଭି ବିରଜା କ୍ଷେତ୍ର ଓ ଶ୍ରୀକ୍ଷେତ୍ରରେ ପଡିଥିଲା। ଏଣୁ ଓଡ଼ିଶା ପାଇଁ ଏ ଦୁଇଟି ହେଲେ ପ୍ରମାଣ ସିଦ୍ଧ ଶକ୍ତିପୀଠ। ସେମାନଙ୍କ ସହ ଓଡ଼ିଶାରେ ସେଇ ପ୍ରାଚୀନ କାଳରୁ ଅନେକ ଶକ୍ତିପୀଠ ବିରାଜମାନ କରୁଛି। ଆସନ୍ତୁ ସେମାନଙ୍କ ସଂପର୍କରେ ଆଲୋଚନା କରିବା।



ବିରଜା ପୀଠ ଯାଜପୁର : ଭାରତବର୍ଷର ତୀର୍ଥ ମାନଚିତ୍ରରେ ବିରଜା କ୍ଷେତ୍ରର ସ୍ୱତନ୍ତ୍ର ସ୍ଥାନ ରହିଛି। ଏହା ଏକ ଶକ୍ତିପୀଠ ଓ ତନ୍ତ୍ର ପୀଠ ହିସାବରେ ସୁବିଦିତ। ଏଠାରେ ମା' ସତୀଙ୍କର ନାଭି ପତିତ ହୋଇଥିଲ ବୋଲି ପୁରାଣ ବର୍ଣ୍ଣିତ କଥା ଆମେ ଜାଣେ। ଏ ଦେବୀ ବୁଦ୍ଧି ଓ ଜ୍ଞାନର ପ୍ରଦାୟିନୀ ଓ ସମସ୍ତ ଆସୁରିକ ଶକ୍ତିର ବିନାଶକାରୀ। ଏ ମୂର୍ତ୍ତି ଚତୁର୍ଭୁଜା କି ଅଷ୍ଟଭୂଜା ନୁହନ୍ତି, ଦ୍ୱିଭୂଜା। ଏହାଙ୍କର ଏକ ହସ୍ତରେ ମହିଷର ଲାଙ୍ଗୁଳ ଏବଂ ଅନ୍ୟ ହସ୍ତରେ ଶୁଳ, ମସ୍ତକରେ ଗଣପତି ଫଣୀ, ଯୋନି ଓ ଲିଙ୍ଗ ମୁଦ୍ରାରେ ସେ ବିଭୁଷିତ। ଏ ଦେବୀ ଦୁର୍ଗୋତ୍ସବ ସମୟରେ ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ସିଂହ ଧ୍ୱଜା ରଥାରୁଢ ହୋଇ ବେଢା ପରିକ୍ରମା କରନ୍ତି। ଶକ୍ତି ଉପାସନା ସହ ଦେବୀଙ୍କର ଘୋଷଯାତ୍ରା କେବଳ ଉତ୍କଳ ନୁହେଁ, ଭାରତବର୍ଷରେ ମଧ ବିରଳ। ଅଦୈତ ଦର୍ଶନର ବ୍ରହ୍ମତତ୍ତ୍ୱ ସହିତ ଶକ୍ତି ତତ୍ତ୍ୱର ସମନ୍ୱୟ ଓ ତା' ସହିତ ବୌଦ୍ଧ ପରମ୍ପରାର ଘୋଷଯାତ୍ରା ବିରଜା ସଂସ୍କୃତିରେ ଏକାକୀ ହୋଇ ବିରଜାଙ୍କୁ ଅନନ୍ୟା ଭାବେ ପ୍ରତିପାଦିତ କରାଏ।

ବିମଳା ପୀଠ ପୁରୀ : ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ବେଢାରେ ମା' ବିମଳାଙ୍କ ମନ୍ଦିର। ଶାରଦୀୟ ପୂଜାରେ ଶାକ୍ତ ଓ ବୈଷ୍ଣବ ମତବାଦର ଶାୟତ ସମନ୍ୱୟ ଦୃଷ୍ଟିରୁ ଦେବୀ ବିମଳାଙ୍କ ପୂଜା ସମଗ୍ର ଶାକ୍ତ ପରମ୍ପରାରେ ଅନନ୍ୟ। ଦେବୀ ଭାଗବତ ପୁରାଣ ମତେ ସେହିଁ ସେ ହେଉଛନ୍ତି ବୃନ୍ଦାବନ ଅଧିକାରୀ ଦେବୀ ସ୍ୱଂସାଧ ମଥୁରାର ମା' ଦେବକୀ ଓ ଦ୍ୱାରକାର ସେ ମା' ରୁକ୍ମିଣୀ। ଆମେ ଜାଣିଛେ ଯେ ମା'ଙ୍କର ନାଭି ଉଭୟ ବିରଜା ଓ ବିମଳା କ୍ଷେତ୍ରରେ ପଡିଥିଲା। ଏ ମା' ପରମ ବୈଷ୍ଣବୀ। ସେ ଏଠାରେ ଷୋଡଶ ଉପଚାରେ ପୂଜା ପାଆନ୍ତି। ଶ୍ରୀ ଜଗନ୍ନାଥଙ୍କ ପ୍ରସାଦ ମା'ଙ୍କୁ ପୁନଃ ସମର୍ପଣ ନହେଲେ ଏହା ମହାପ୍ରସାଦ ହୁଏ ନାହିଁ। ଆଶ୍ୱିନ ମାସ କୃଷ୍ଣାଷ୍ଟମୀଠାରୁ ଶୁକ୍ଳ ନବମୀ ଯାଏଁ ଶ୍ରୀମନ୍ଦିରରେ ମା'ଙ୍କର ଉପାସନା ହୁଏ। ଏ ମଧ୍ୟରେ ମା'ଙ୍କର ଏଗାରଟି ବେଶ ହୁଏ। ଏମାନଙ୍କ ମଧ୍ୟରେ ଦଶ ମହାବିଦ୍ୟା ବେଶ ପ୍ରଧାନ। ଶ୍ରୀ ଜଗନ୍ନାଥଙ୍କ ପହଡ ପରେ ମହାସପ୍ତମୀ, ଅଷ୍ଟମୀ ଓ ନବମୀ ନିଶାର୍ଦ୍ଧରେ ପଶ୍ଚିମ ଦ୍ୱାର ଦେଇ ଅଣାଯାଇଥିବା ପ୍ରତିଦିନ ଦୁଇଟି କରି ତିନିଦିନରେ ଛ'ଟି ପଶୁବଳି ଦେବାର ପରମ୍ପରା ଚଳିଆସୁଛି। ଏ ବ୍ୟବସ୍ଥା ପ୍ରଥମେ ଓଡ଼ିଆ ମଠ ଓ ମଙ୍ଗୁଳି ମଠ କରିଥାନ୍ତି। ଏବେକୁ ସହଜେ ପଶୁବଳି ନିଷେଧ କାରଣରୁ ପରିବର୍ତ୍ତିତ ବାତାବରଣ ସୃଷ୍ଟି ହୋଇଛି।

ମା' ଚର୍ଚ୍ଚିକା ପୀଠ ବାଙ୍କୀ : ବାଙ୍କୀର ଆରାଧ ଦେବୀ ମା' ଚର୍ଚ୍ଚିକା, ସେ ଚର୍ଚ୍ଚିକା ଗିରି ଉପରେ ଆସୀନ। ମା' ଘଟ ଉପରେ ଚାଚେରୀ ଭୋଗ ପାଉଥିବାରୁ ସେ ଚର୍ଚ୍ଚିକା। ଏଠାରେ ବାର ମାସରେ ତେର ପର୍ବ ହୁଏ। ଏଗୁଡିକ ଭିତରୁ ଅଛି ମହାଷ୍ଟମୀ, ରାସପୂର୍ଣ୍ଣିମା, ପଣା ସଂକ୍ରାନ୍ତି, ଦୋଳ ପୂର୍ଣ୍ଣିମା, ବାସନ୍ତିକା ପୂଜା, କୁମାର ଓ ପୂର୍ଣ୍ଣିମା ଇତ୍ୟାଦି। ମାଆଙ୍କ ସାମ୍ନାରେ ଗଣେଶ, ଲକ୍ଷ୍ମୀ, ସରସ୍ୱତୀ, ବ୍ୟାଘ୍ରମୁଖୀ, ସିଂହମୁଖୀ ଦୁର୍ଗା, ଗଙ୍ଗାଯମୁନା, ପଛ ପାର୍ଶ୍ୱରେ ଦକ୍ଷିଣ ଚଣ୍ଡୀ, ଚାମଣ୍ଡା, ଘୁଘୁରାବତୀ ଇତ୍ୟାଦି ପୂଜା ପାଆନ୍ତି। ଆଶ୍ୱିନ ମାସରେ ଦଶହରା ଉପଲକ୍ଷେ କୃଷ୍ଣପକ୍ଷ ଅଷ୍ଟମୀ ଠାରୁ ଶୁକ୍ଳପକ୍ଷ ନବମୀ ଯାଏଁ ଷୋଡଶ ଉପଚାରରେ ପୂଜା ହୁଏ। ଅଷ୍ଟମୀ ତିଥିରେ ରାତିରେ ମଇଁଷି ବଳିପଡିଥିବା ଏ ପରମ୍ପରା ଅଛି।

ମା' ଶାରଳା ପୀଠ ଝଙ୍କଡ଼ : ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳା। କାଳେ କାଳେ ଶାରଳା ହେଉଛନ୍ତି ସପ୍ତସତୀ ଚଣ୍ଡୀ ପୁରାଣ ମତେ ମହାକାଳୀ, ମହାଲକ୍ଷ୍ମୀ ଓ ସରସ୍ୱତୀଙ୍କର ଏକ ଅପୂର୍ବ ସମାହାର। ତାଙ୍କ ପୂଜାରେ ଉଭୟ ତୁଳସୀ ଓ ବେଲପତ୍ର ଲାଗିଥାଏ। ସେ ଉଭୟ ପରମ ବୈଷ୍ଣମୀ ଓ ନିତ୍ୟ ଚଣ୍ଡୀ ଅଟନ୍ତି। ଅର୍ଥାତ୍ ଶୈବ ଓ ବୈଷ୍ଣବ ଧର୍ମର ସମନ୍ୱୟ ପୀଠ। ମା'ଙ୍କୁ ପ୍ରତିଦିନ ମାର୍ଜନା ପରେ ପ୍ରଥମେ ଶୁଖିଲା ମହାପ୍ରସାଦ ଭୋଗ ଦିଆଯାଏ। ପ୍ରତି ମାସର କୃଷ୍ଣ ଓ ଶୁକ୍ଳ ପକ୍ଷ ଏକାଦଶୀରେ ମା'ଙ୍କୁ ଜଗନ୍ନାଥଙ୍କ ବେଶରେ ସଜ୍ଜିତ କରାଯାଏ। ଏଠାରେ ପାରମ୍ପରିକ ରୀତିରେ ଚନ୍ଦନ ଯାତ୍ରା, ଦୋଳଯାତ୍ରା, ଝୁଲଣ ଯାତ୍ରା, ମହାବିଷୁବ ସଂକ୍ରାନ୍ତି ଓ ପାର୍ବଣ ପୂଜା ଅନୁଷ୍ଠିତ ହୁଏ। ସେ ତନ୍ତ୍ର ସାଧାନାର ଆରାଧ ଦେବୀ ଅଟନ୍ତି। ମାଆ ଶାରଳା ଠାକୁରାଣୀଙ୍କୁ ଓଡ଼ିଆ ଭାଷା-ସାହିତ୍ୟ ସଂସ୍କୃତି ଓ କଳାର ଅଧିଷ୍ଠାତ୍ରୀ ଦେବୀଭାବେ ଗ୍ରହଣ କରାଯାଏ। ପଞ୍ଚଦଶ ଶତାବ୍ଦୀର କବି ମୂର୍ଖ ସିଦ୍ଧେଶ୍ୱର ପରିଡ଼ା। ମା'ଙ୍କ କୃପାରୁ ବନିଗଲେ ଶାରଳା ଦାସ। ତାଙ୍କ ରଚିତ ଶାରଳା ମହାଭାରତ ଓଡ଼ିଆ ଜାତିର ଏକ ପ୍ରାମାଣିକ ଇତିହାସ।

ଚଣ୍ଡୀପୀଠ, କଟକ : ମା' ଚଣ୍ଡୀ କଟକଚଣ୍ଡୀ ଭାବେ ଖ୍ୟାତ। ଏ ଚଣ୍ଡୀଙ୍କ ବିଗ୍ରହ ମରହଟ୍ଟା ଶାସନକାଳରୁ ବାରବାଟୀ ଦୁର୍ଗ ପରିସରରେ ପୂଜା ହେଉଥିଲା। ପରେ ୧୫୬୮ ଖ୍ରୀଷ୍ଟାବ୍ଦରେ କଳାପାହାଡ ଆକ୍ରମଣ କାଳରେ ଏ ନୂତନ ପୀଠକୁ ଅପସାରିତ ହୋଇଛି। ଏହା ସର୍ବସାଧାରଣରେ ଦେବୀପୀଠ। ମାଆଙ୍କ ପାଖରେ ଅନ୍ନଭୋଗ ଓ ରାଜଭୋଗ ଲାଗିହୁଏ। ଦେବୀଙ୍କର ବହୁବେଶ ମଧ୍ୟରୁ ଶାରଦୀୟ ଷୋଡଶପୂଜା ଦିବସଗୁଡିକର ଉପଚାର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ। ଦେବୀ ମୂଳାଷ୍ଟମୀରେ ସୁନାବେଶ, ନବମୀରେ ଭୁବେନଶ୍ୱରୀ, ଦଶମୀରେ ବ୍ରାହ୍ମଣୀ, ଏକାଦଶୀରେ ଉଗ୍ରତାରା, ଦ୍ୱାଦଶୀରେ ହରଚଣ୍ଡୀ, ତ୍ରୟୋଦଶୀରେ ବ୍ରହ୍ମଚାରିଣୀ, ଶୁକ୍ଳ ଦ୍ୱିତୀୟାରେ କାତ୍ୟାୟନୀ ତୃତୀୟାରେ ଜୟଦୁର୍ଗା, ପଞ୍ଚମୀରେ ଗାୟତ୍ରୀ, ଷଷ୍ଠ ସପ୍ତମୀରେ ବଗଳାମୁଖୀ, ମହାଷ୍ଟମୀରେ ମହାକାଳ. ମହାନବମୀରେ ମହାଲକ୍ଷ୍ମୀ, ବିଶ୍ରାମବେଳେ ସରସ୍ୱତୀ ଓ ଦଶମୀରେ ମହିଷା ମର୍ଦ୍ଦନୀ ବେଶ ହୋଇ ଏକାଦଶୀରେ ସୁନାବେଶ ହୋଇଥାନ୍ତି। ଏ ଦେବୀ ଅତ୍ୟନ୍ତ କଲ୍ୟାଣମୟୀ।

ସମଲାଇ ପୀଠ, ସମ୍ବଲପୁର : ଦେବୀ ସମଲାଇ ସମ୍ବଲପୁର ଅଧିଷ୍ଠାତ୍ରୀ ଠାକୁରାଣୀ। ଏଦେବୀଙ୍କ ଦକ୍ଷିଣରେ ଭୁବେନଶ୍ୱରୀ ଓ ଘଣ୍ଟାଶନି ପୂଜା ପାଆନ୍ତି। ମନ୍ଦିର ଗାତ୍ରରେ ଦଶମହାବିଦ୍ୟା ସହିତ ଖମ୍ଭେଶ୍ୱରୀ ବିରାଜମାନ କରନ୍ତି। ଏ ମନ୍ଦିର ବେଢାରେ ମା'ଙ୍କ ମନ୍ଦିର ବ୍ୟତୀତ ବୈଭବ ମନ୍ଦିର, ମଉଳି ଦେବୀ ମନ୍ଦିର ଓ ଅଖଡ ହନୁମାନ ମନ୍ଦିର ମାନସ୍ଥାନ ପାଇଛନ୍ତି। ମନ୍ଦିର ପରିସରର ମଧ୍ୟ ଭାଗରେ ଅଷ୍ଟଧାତୁରେ ନିର୍ମିତ ଏକ ବିରାଟ ସିଂହମୂର୍ତ୍ତି ବର୍ତ୍ତମାନ ହୋଇଛି। ମା' ତାଙ୍କର ମଙ୍ଗଳା ଆଳତି ହୁଏ ଭୋର ୫ଟାରେ ଏହାପରେ ପୂଜାର୍ଚ୍ଚନା ଲାଗି ରହେ। ମଧ୍ୟାହ୍ନରେ ଅନ୍ନଭୋଗ ଓ ପରେପରେ ମା'ଙ୍କ ପହଡ଼ ହୁଏ। ମା'ଙ୍କ ପୀଠରେ ଶ୍ରେଷ୍ଠ ପର୍ବ ହେଉଛି ନୂଆଁଖାଇ। ଏହିଦିନ ନୂଆ ଧାନର ଚାଉଳରେ ମା'ଙ୍କ ଅନ୍ନଭୋଗ କରାଯାଏ ପାଖାପାଖି ୧୧୨ଟି ସ୍ଥାନରେ। ମନ୍ଦିରରେ, ଶାରଦୀୟ ପାର୍ବଣର ଚମକ ଏଠି ବେଶ୍ ଚମକପ୍ରଦ। ଆଶ୍ୱିନ ମୂଳାଷ୍ଟମୀରୁ ଏ ପର୍ବ ଆରମ୍ଭ ହୁଏ। ଦଶହରା ଦିନ ଦେବୀ ଧବଳ ମୂଖୀ ବେଶ ଧାରଣ କରନ୍ତି। ଏହାକୁ 'ଗଙ୍ଗାଦର୍ଶନ' ବେଶ କୁହାଯାଏ। ଏ ଦର୍ଶନରେ ପୁଣ୍ୟ ଗଙ୍ଗା ବୁଡ଼ ସହ ସମାନ। ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ମା'ଙ୍କର ନବରାତ୍ରି ପୂଜା ଆରମ୍ଭ। ଏହି ସମୟରେ ଏଠାରେ ଭିଡ ଜମେ।

ମା' ହିଙ୍ଗୁଳା ପୀଠ, ତାଳଚେର : ତାଳଚେରର ହିଙ୍ଗୁଳା ଏକ ଅନନ୍ୟ ଓ ଅଲୌକିକ ଶକ୍ତିପୀଠ। ଏ ପୀଠରେ ବର୍ଷସାରା ନାନାପର୍ବ ପର୍ବାଣୀ ପାଳିତ ହୁଏ। ବାସନ୍ତିକ ପୂଜା ଓ ହିଙ୍ଗୁଳା ଯାତ୍ରା ଏମାନଙ୍କ ମଧ୍ୟରେ ପ୍ରଧାନ। ମାଆଙ୍କର ପ୍ରସିଦ୍ଧ ହିଙ୍ଗୁଳା ଯାତ୍ରାର ଚୈତ୍ର ଶୁକ୍ଳ ପକ୍ଷ ବିଷୁବ ମକର ଚତୁର୍ଦ୍ଦଶୀରେ ଅନୁଷ୍ଠିତ ହୁଏ। ଏହା ହିଙ୍ଗୁଳା ଯାତ୍ରା ଭାବରେ ଖ୍ୟାତ। ଏ ଦେବୀ ଅଗ୍ନି ରୂପରେ ଆବିର୍ଭୂତା, ଅଗ୍ନିସମ୍ଭୁତା ଓ ଶାବରୀ ମନ୍ତ୍ରରେ ବଶୀଭୂତ ଓ ପୂଜିତା। ଏ ମା' ଶୁମ୍ଭ ନିଶୁମ୍ଭ ବଧ କରିଥିଲେ ବୋଲି କୁହାଯାଏ। ଅଷ୍ଟମହାବିଦ୍ୟା ଯେଉଁମାନେ କି ସୁବଳ ଓ ଦୁନ୍ଦୁଭିକୁ ମାରିବାକୁ ଯାଇଥିଲେ ସେମାନଙ୍କ ମଧ୍ୟରେ ହିଙ୍ଗୁଳା ହିଁ ଅନ୍ୟତମ। ହିଙ୍ଗୁଳା ଯାତ୍ରା ଦିନ ଅଗ୍ନିର ଲେଲିହାନ ଶିଖାରେ ମା' ସର୍ବସାଧାରଣଙ୍କ ଦର୍ଶନ ଦେଇଥାଆନ୍ତି। ଏ ଯାତ୍ରାର କାର୍ଯ୍ୟକ୍ରମ ଚୈତ୍ରମାସ ପ୍ରଥମ ଗୁରୁବାର ଠାରୁ ଆରମ୍ଭ ହୁଏ। ଏଠାରେ ଭକ୍ତ ତା' ନୈବେଦ୍ୟକୁ ନିଜ ହାତରେ ଦେବୀଙ୍କୁ ସମର୍ପଣ କରେ ଯାହାକି ଅନ୍ୟାନ୍ୟ ଧର୍ମପୀଠ ଠାରୁ ଏକ ବ୍ୟତିକ୍ରମ। ଏ ପୀଠ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଏକ ମିଳନ ପୀଠ।

ମା' ତାରାତାରିଣୀ ପୀଠ, ଗଞ୍ଜାମ : ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ଠାରୁ ମାତ୍ର ୭ କିମି ଦୂରରେ ଏ ତାରାତାରିଣୀ ପୀଠ ଅବସ୍ଥିତ। ଏ ପୀଠ ପାହାଡ ଉପରେ ଅବସ୍ଥିତ। ଏଣୁ ପାହାଡ ତଳୁ ଏଠକି ଯିବାକୁ ୯୯୯ଟି ପାହାଚ ଚଢିବାକୁ ହୁଏ। ଏ ପୀଠ ସାରାଭାରତ ବିଖ୍ୟାତ। ଶୁଣାଯାଏ ଏ ପୀଠରେ ମା' ସତୀଙ୍କର ସ୍ତନ ପତିତ ହୋଇଥିଲା। ଅବଶ୍ୟ ପ୍ରମାଣ ସିଦ୍ଧ ନୁହେଁ। ଏଣୁ ଏହାର ନାମ ସ୍ତନପୀଠ। ଏ ପୀଠରେ ଶାରଦୀୟ ପାର୍ବଣ ବେଶ ଉତ୍ସବମୁଖର। ନବରାତ୍ରି ଅବସରରେ ବେଶ୍ ଲୋକାରଣ୍ୟ। ଏଠାରେ ଆଶ୍ୱିନ କୃଷ୍ଣାଷ୍ଟମୀଠାରୁ ଶୁକ୍ଳାଷ୍ଟମୀ ଯାଏ ଶାରଦୀୟ ଦୁର୍ଗପୂଜା ଅନୁଷ୍ଠିତ ହୁଏ। ଏହି ଅବସରରେ ମା'ଙ୍କୁ ପ୍ରତଦିନ ତିନିଥର ମାଜଣା, ଚଣ୍ଡୀପାଠ, ଷୋଡଶ ଉପଚାର, ହୋମ ଆଦି ପୂଜାର୍ଚ୍ଚନା ପରମ୍ପରା ଅନୁଯାୟୀ କରାଯାଇଥାଏ। ଏ ପୀଠରେ ବଳି ନିଷେଧ। ଏଠାରେ ଦେବୀ ତ୍ରେତୟା ଯୁଗରୁ ଅଧିଷ୍ଠିତା।

ମଙ୍ଗଳା ପୀଠ, କାକଟପୁର : ମା' ମଙ୍ଗଳା ଖାଲି କାକଟପୁର ନୁହେଁ ସମସ୍ତ ପୁରୀ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ। ମା' ବିମଳାଙ୍କ ପରି ଏ ଦେବୀ ଜଗନ୍ନାଥଙ୍କ ସହିତ ସମ୍ପର୍କିତ। ନବକଳେବର ବେଳେ ଏ ଦେବୀଙ୍କର ପାଖରେ ମନ୍ଦିର ପଣ୍ଡାମାନେ ଶରଣ ପଶନ୍ତି। ଦେବୀ ସେମାନଙ୍କୁ ସ୍ୱପ୍ନାଦେଶରେ ନୂତନ ଦାରୁ ସଂଗ୍ରହର ବାର୍ତ୍ତା ଦେଲେ ସେମାନେ ଦାରୁ ଅନ୍ୱେଷଣରେ ଯାଆନ୍ତି। ଏ ମା'ଙ୍କୁ ପ୍ରତ୍ୟକ୍ଷ ଦେବୀ ଭାବରେ ଗ୍ରହଣ କରାଯାଏ। ଦୁର୍ଗାପୂଜା ଏଠାରେ ମହାସମାରୋହରେ ପାଳିତ ହୋଇଥାଏ। ଏହି ପାର୍ବଣରେ ଏଠାରେ ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ଆରମ୍ଭ କରି ଶୁକ୍ଳାଷ୍ଟମୀ ପର୍ଯ୍ୟନ୍ତ ପରମ୍ପରା କ୍ରମେ ଦେବୀଙ୍କର ଯାବତୀୟ ବେଶ ଭୋଗରାଗ କରାଯାଇଥାଏ। ମଙ୍ଗଳା ପୀଠକୁ ଏକ ପର୍ଯ୍ୟଟନ ପୀଠ ଭାବରେ ଏବେ ଲୋକେ ଗ୍ରହଣ କରିନେଇଗଲେଣି। ଏ ହେଉଛନ୍ତି ସର୍ବକଲ୍ୟାଣମୟୀ ମା' ମଙ୍ଗଳା।

ଓଡ଼ିଶାରେ ଅନ୍ୟାନ୍ୟ ଶକ୍ତପୀଠ : ଉପରୋକ୍ତ ଶକ୍ତିପୀଠଗୁଡିକ ବାଦ ଦେଲେ ଆଉ ଯେଉଁ ପୀଠଗୁଡିକ ଓଡ଼ିଶାରେ ବିଦ୍ୟମାନ ଅଛନ୍ତି ସେମାନେ ହେଲେ ଗଞ୍ଜାମର ନାରାୟଣୀ, ବ୍ରହ୍ମପୁରର ବଡ ଠାକୁରାଣୀ, ଚିଲିକାର କାଳିଜାଇ, ବ୍ରହ୍ମଗିରିର ଚଣ୍ଡୀ, କୋଣାର୍କର ରାମଚଣ୍ଡୀ, ନରସିଂହପୁରର ଭଟ୍ଟାରିକା, ଘଟଗାଁର ତାରିଣୀ ଉଗ୍ରତାରା ପୀଠ, ଭୁଷଣ୍ଡପୁର, ଗୌରୀ ବା ଭୁବେନଶ୍ୱରୀ ପୀଠ ଭୁବେନଶ୍ୱରରେ ପ୍ରଧାନ ଅଟନ୍ତି। ଏହା ବ୍ୟତୀତ ପ୍ରତି ଗାଁ ପଡା, ସହର ଓ ଗଳିକନ୍ଦିରେ ଦେବୀ ବିଭିନ୍ନ ନାମରେ ରକ୍ଷାକାରୀ ଭାବେ ପୂଜିତ ହୁଅନ୍ତି। ପର୍ବପର୍ବାଣୀ ବିବାହ ଉତ୍ସରେ ଓ ସମସ୍ତ ପ୍ରକାର ଅନୁକୁଳ ପାଇଁ ମା'ଙ୍କୁ ପ୍ରଥମେ ଲୋଡାଯାଏ। ସମସ୍ତ ଓଡ଼ିଶାର ହିନ୍ଦୁ ପରମ୍ପରାରେ ମା' ଆରାଧ ଦେବୀ। ସାଂପ୍ରଦାୟିକ ସଦ୍‌ଭାବରେ ସେ ଅନେକ ସ୍ଥାନରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ମଧ୍ୟ ଗ୍ରହଣୀୟ ଅଟନ୍ତି। ପ୍ରତିବର୍ଷ ଆଶ୍ୱିନ ମାସ ଦଶହରା ଅବସରରେ ମା'ଙ୍କର ପୂଜା ବିଶେଷକରି କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳ ଦଶମୀ ଯାଏ ମହା ଧୂମଧାମରେ ପାଳିତ ହୁଏ। ପରାମ୍ପରା କ୍ରମେ ଏହି ଅବସରରେ ବିଶେଷକରି ଦଶହରା ଦିନ ଖଣ୍ଡାୟତର ଖଣ୍ଡା, ନାପିତର ଖୁର, ନହୁରୁଣୀ କରଣର ଲେଖନୀ, ପାଇକମାନଙ୍କର ଢାଲ ଓ ଖଣ୍ଡା ଓ ଏମିତି ଯାହାର ଯେମିତି ବ୍ୟବସାୟିକ କୌଳିକ ସରଞ୍ଜାମ ପୂଜା ପାଏ। ସନ୍ଧ୍ୟାକୁ ପୂଜାପରେ ଏଗୁଡିକର ଅନୁକୂଳ ହୁଏ। ବଡ ବଡ ସହର ବା ନଗରରେ ଦେବୀ ମଣ୍ଡପ ଉପରେ ସୁସଜ୍ଜିତ ମେଢ ଓ ତୋରଣ ମଧ୍ୟରେ ଅଧିଷ୍ଠିତ ହୁଅନ୍ତି। ଏବେ କେତକ ଜାଗାରେ ବିଶେଷକରି କଟକରେ ଦେବୀଙ୍କ ନିମନ୍ତେ ସୁନା ରୁପାରେ ମେଢ ମଧ ଦେଖିବାକୁ ହେଲାଣି। ଓଡ଼ିଶାରେ କଟକର ଦୁର୍ଗାପୂଜା ସର୍ବପ୍ରାଚୀନ। ଏଠି ମହାଧୁମଧାମରେ ଏ ପର୍ବ ପାଳିତ ହୁଏ ଏବଂ ଦେଖଣାହାରୀମାନେ ବହୁ ସଂଖ୍ୟାରେ ଏଠାକୁ ଆସନ୍ତି। ଅଧୁନା ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଦୁର୍ଗାପୂଜା ହେଲାଣି। ଦୁର୍ଗାପୂଜା ଉପଭୋଗ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସାମୂହିକ ଛୁଟିର ବ୍ୟବସ୍ଥା ଅଛି। ଏହା ମଧ ପାରିବାରିକ ଓ ବନ୍ଧୁ ମିଳନ ଏକ ମୁହୂର୍ତ୍ତ। ଏଣୁ ପ୍ରତିବର୍ଷ ଦୁର୍ଗାପୂଜାକୁ ସମସ୍ତଙ୍କର ଅପେକ୍ଷାଥାଏ। ଆସନ୍ତୁ ଭକ୍ତିପୂତ ଚିତ୍ତରେ ଏ ଦେବୀମାନଙ୍କୁ ପ୍ରଣାମ କରିବା ଏବଂ ସେମାନଙ୍କର ଠାରୁ ଆଶୀର୍ବାଦ ଭିକ୍ଷା କରିବା।

"ଯା' ଦେବୀ ସର୍ବଭୁତେଷୁ ଶକ୍ତି ରୂପେଣ ସଂସ୍ଥିତା।
ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ ।।"

ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର,ଜଟଣୀ
ମୋ: ୯୯୩୮୩୪୧୩୮

## ଅବତରି ଆସ ଦେବୀ ମାଆ

ପ୍ରଦୋଷ କୁମାର ଦାସ

ପାର୍ବଣର ଜୟଗାନେ
ମୁଖରିତ ସାରା ଧରଣୀ ଅମ୍ବର।
ସସାଗର ଉଦବେଳିତ,
ଉଠାଏ ଜୁଆର।
ଉଲ୍ଲସିତ ସବୁ ସ୍ଥାନେ
ସୃଷ୍ଟିର ସମ୍ଭାର।
ରୋମାଞ୍ଚ ଭରଇ ମନେ
ଅଶିଣ ସମୀର।
ଦେବୀ ଆଗମନୀ ହେବ ପରା
ଶାରଦୀୟ ଉତ୍ସବ ଆନନ୍ଦ ମୁଖର।
ହୃଦୟ ଗହନେ ତଲ୍ଲୀନ
ମନ ମୂର୍ତ୍ତିକାର।
ମାଟିଘଟ ହେବପରା
ମନ ଜାଣି ରୂପାନ୍ତର !
କିଏ ସେହି ରୂପକାର
ଯା'ର କର ସ୍ୱର୍ଶେ ହେବ
ଜୀବନ ସଞ୍ଚାର !
ଶୁଭଲଗ୍ନ ହୋଇଅଛି ସ୍ଥିର,
ଧରାବତରଣ ହେବ
ଦେବୀ ମାଆଙ୍କର।
ସମର୍ପଣେ ଶ୍ରଦ୍ଧା ଭକ୍ତି
ପ୍ରୀତି ହେବ ଏକାକାର।
ଗାଁ ଉପକଣ୍ଠ, ବିଲ୍ୱନ ପ୍ରାନ୍ତର
ମୁକୁରିତ କାଶତଣ୍ଡି,
ପ୍ରତିଭାତ ବିସ୍ତର।
ଦେବୀ ସେବା ଲାଗି
ସ୍ୱାଗତ ପରାଏ
ଦୋଳାୟମାନ ତା'ର
ଅନୁପମ ଧବଳ ଚାମର।
ମଥାନେ ଶରତ ଆକାଶୁଁ
ଝରିପଡେ ଝର ଝର
ବରଷାର ନୀର।
ସରସର ଓଦାମାଟି
ମଟାଳ କ୍ଷେତର
ଉଙ୍କିମାରେ ରୁଣ୍ଡୁଝୁଣ୍ଡୁ
ଫସଲ ସୁନାର।
ମରତ ମଣ୍ଡଳେ ଅବତରି
ଆସ ଦେବୀ,
ଆଶିଷ ମାଗଇ ମାଆ,
ସଂସାର କଲୁଷକୁ ନାଶକର।
ଦଶଭୁଜା ଧାରଣ କରିଛ ମାଆ
ଯେଣୁ ଅସ୍ତ୍ର ତୁମର,
ଠାବ କରି ନିରିଦୟେ
କରିଦିଅ ସମ୍ବହାର।
ସେହି ମହିଷାସୁରଙ୍କୁ;
ଭଳି ଭଳି ପ୍ରକାର,
ଲୁଚିଛପି ରହିଥିବା ପ୍ରତି
ମଣିଷ ଭିତର।
ଲୁଚିଛପି ରହିଥିବା ପ୍ରତି
ମଣିଷ ଭିତର,
ସେହି ମହିଷାସୁରକୁ
କର ସମ୍ବହାର
ମାଆ ମୋହର,
ବାରେ କୃପା କର।

+ନାଟୁଣୀ ଖୋର୍ଦ୍ଧା
ମୋ: ୬୩୭୦୪୯୫୯୪୪

## ନାରାୟଣୀ...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ତାହା ଦର୍ଶନ କରି ଆସୁରମାନେ ଶକ୍ତିହୀନ ହୋଇ ଯାଉଥିଲେ । ସପ୍ତମୀପୂଜାରୁ ସଂହାର ପର୍ବ ଆରମ୍ଭ ହୋଇ ଯାଇଥିଲା । ପ୍ରକୃତି ମାଆ ଦୁର୍ଗା ରୂପରେ ପ୍ରତି କୋଣ ଅନୁକୋଣରେ ଅସୁରମାନଙ୍କର ସଂହାରରେ ଲାଗି ପଡିଲା । ତେଣୁ ଷଷ୍ଠୀ ସପ୍ତମୀ ଦୁଇଦିନ ଏହି ଦୁର୍ଗାପୂଜାର ବିଶେଷ ଦିନ ବୋଲି କୁହାଯାଏ । ନବପତ୍ରିକା ପୂଜା ବା ବିଲ୍ୱଦଳ ବେଲବୃକ୍ଷର ପୂଜା ଏଥିପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରାଯାଇଛି । ଯୁଗେ ଯୁଗେ ଶିବ ଓ ଶିବା ଅର୍ଥାତ ଶିବ ଓ ପାର୍ବତୀଙ୍କର ବିଲ୍ୱଦଳ ଅତ୍ୟନ୍ତ ପ୍ରିୟ ଯେମିତି ତୁଳସୀ ବିଷ୍ଣୁଙ୍କର ।ଦୁର୍ଗାପୂଜା ହିନ୍ଦୁମାନଙ୍କର ଏକ ପବିତ୍ର ପର୍ବ । ଏହି ପର୍ବ ମାନବଜାତିକୁ ସମସ୍ତ ଅହଙ୍କାର ଓ ଗ୍ଲାନିରୁ ମୁକ୍ତ ହେବାକୁ ବାର୍ତ୍ତା ପ୍ରଦାନ କରେ । ଜାତି, ଧର୍ମ ନାମରେ ବିଦ୍ୱେଷ ବା ଘୃଣା ମାତୃପୂଜାରେ ଗ୍ରହଣୀୟ ନୁହେଁ । ଜଗତ-ଜନନୀ ମାଆ ଦୁର୍ଗା ସମସ୍ତଙ୍କର । ହିନ୍ଦୁ, ମୁସଲମାନ, ଶିଖ, ଇସାହି, ବୌଦ୍ଧ, ଜୈନ ସମସ୍ତେ ମାଆଙ୍କର ସନ୍ତାନ । ସେ ବିଶ୍ୱଜନନୀ । ତେଣୁ ପବିତ୍ର ଦୁର୍ଗାପୂଜାରେ ଆମେ ସେହି ଅନନ୍ୟ ମନ୍ତ୍ର ଉଚ୍ଚାରଣ କରି ମାଆଙ୍କ ଚରଣରେ ନିଜକୁ ସମର୍ପି ଦେବା ।

ସର୍ବ ମଙ୍ଗଲ୍ୟ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ
ଶରଣନ ତ୍ରୟୟକେ ଦେବୀ ନାରାୟଣୀ ନମସ୍ତୁତେ ।

+ସୌଭାଗିନୀ ନିବାସ, ରଟିଲୋ, ରେଞ୍ଚ, ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସୀମାରେ ସୁଦୃଢ...

ଭୁଟାନ ଏବଂ ଭାରତ ମଧ୍ୟରେ ସମ୍ପର୍କ ବହୁତ ଭଲ ରହିଛି । ଭାରତୀୟ ଘରୋଇ କମ୍ପାନିଗୁଡ଼ିକ ଭୁଟାନରେ ବିଦ୍ୟୁତ ପ୍ରକଳ୍ପ ଉପରେ କାମ କରୁଛନ୍ତି । ସଡ଼କ ସଂଯୋଗୀକରଣ ଉପରେ ଯଥେଷ୍ଟ କାମ ହୋଇଛି । ଆମେ ଏହାକୁ ଆହୁରି ବିସ୍ତାର କରିବା ପାଇଁ କାମ କରୁଛୁ । ଏହା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ଲୋକଙ୍କ ମଧ୍ୟରେ ଗତିବିଧିକୁ ସହଜ କରିବ ।' କୋକ୍ରାଝାର (ଆସାମ) ରୁ ଗେଲେଫୁ (ଭୁଟାନ) ପର୍ଯ୍ୟନ୍ତ ଏକ ନୂତନ ରେଳ ଲାଇନ ଉପରେ କାମ ଚାଲିଛି, ଯାହା ଭାରତ ଏବଂ ଭୁଟାନକୁ ସଂଯୋଗ କରିବ । ଏହି ପ୍ରକଳ୍ପ ପାଇଁ ପ୍ରାୟ ୩,୪୫୬ କୋଟି ଖର୍ଚ୍ଚ ହେବ ଏବଂ ଏହା ସମ୍ପୂର୍ଣ୍ଣ ହେବାକୁ ଚାରି ବର୍ଷ ସମୟ ଲାଗିବ । ଏହି ରେଳ ଲାଇନ ଭାରତ ଏବଂ ଭୁଟାନ ମଧ୍ୟରେ ବାଣିଜ୍ୟ ଏବଂ ପର୍ଯ୍ୟଟନକୁ ଏକ ନୂତନ ଗତି ଦେବ ଏବଂ ସୀମାନ୍ତ ଅଞ୍ଚଳର ଲୋକଙ୍କ ପାଇଁ ମଧ୍ୟ ଏହା ବହୁତ ଲାଭଦାୟକ ହେବ । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ରେଳ ସଂଯୋଗୀକରଣ କେବଳ ଦୁଇ ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ ନାହିଁ ବରଂ ସୀମାନ୍ତ ଅଞ୍ଚଳର ଲୋକଙ୍କ ପାଇଁ ନୂତନ ନିଯୁକ୍ତି ଏବଂ ବିକାଶ ସୁଯୋଗ ମଧ୍ୟ ପ୍ରଦାନ କରିବ। ପର୍ଯ୍ୟଟକମାନେ ଟ୍ରେନ୍ ଯୋଗେ ସହଜରେ ଭୁଟାନ ଯାତ୍ରା କରିପାରିବେ, ଯାହା ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ବୃଦ୍ଧି କରିବ । ଭାରତ ଏବଂ ଭୁଟାନ ଦୀର୍ଘଦିନ ଧରି ବିଶ୍ୱସ୍ତ ସହଯୋଗୀ ହୋଇଆସିଛନ୍ତି । ଏହି ପ୍ରକଳ୍ପଗୁଡ଼ିକୁ ଏହି ସମ୍ପର୍କକୁ ଆହୁରି ଗଭୀର କରିବା ପାଇଁ ଏକ ପଦକ୍ଷେପ ଭାବରେ ବିବେଚନା କରାଯାଏ । ସରକାର ବିଶ୍ୱାସ କରନ୍ତି ଯେ ଯେତେବେଳେ ଏହି ଲାଇନଗୁଡ଼ିକ ସମ୍ପୂର୍ଣ୍ଣ ହେବ, ସେତେବେଳେ ଲୋକଙ୍କ ଜୀବନ ଏବଂ ବ୍ୟବସାୟ ଉଭୟ ଭଲ ଭାବରେ ସଂଯୋଗ ହୋଇପାରିବ ।

### ସୋରରେ ଟଳିଲା ବାହାନଗା ...

କରିଥାନ୍ତା ଜନଶତାବ୍ଦୀ। କିନ୍ତୁ ବିଳମ୍ବ ଯୋଗୁ ସୋରରେ ଠିକ୍ ୫ଟା ୩୬ରେ ପହଞ୍ଚି ୫ଟା ୪୬ରେ ଛାଡ଼ିଥିଲା। ଠିକ୍ ୫ଟା ୪୬, ସେହି ସମୟ ଆଉ ସେହି ସମାନ ଟ୍ରାକ। ଆସିଯାଇଥିଲା ଶତାବ୍ଦୀ ଏକପ୍ରେସ୍। ଅର୍ଥାତ ମାତ୍ର କେଇ ସେକେଣ୍ଡର ଥିଲା ବ୍ୟବଧାନ। ସୌଭାଗ୍ୟକୁ ସୋର ଷ୍ଟେସନରୁ ପ୍ରାୟ ଶହେ ମିଟର ପାରି ହୋଇଯାଇଥିଲା ଜନଶତାବ୍ଦୀ। ତେଣୁ ଟଳିଗଲା ବଡ଼ ଅଘଟଣ। ବର୍ତ୍ତିଗଲା ଶହ ଶହ ଜୀବନ। କୌଣସି ଷ୍ଟେସନକୁ ଟ୍ରେନର ପ୍ରବେଶ ପୂର୍ବରୁ ୩ଟି ଗୁରୁତ୍ୱପୂର୍ଣ୍ଣ ସିଗ୍ନାଲ ଥାଏ। ଯାହା ଉପରେ ଧ୍ୟାନ ଦେବାକୁ ପଡ଼େ ଲୋକୋ ପାଇଲଟଙ୍କୁ। ସୋର ଷ୍ଟେସନରେ ବି ଥିଲା ସେହି ପ୍ରାବଧାନ। ମିଳିଥିବା ତଥ୍ୟ ଅନୁଯାୟୀ, ସୋର ଷ୍ଟେସନର ହୋମ୍ ସିଗ୍ନାଲର ୨ କିଲୋମିଟର ପୂର୍ବରୁ ଥିଲା ଇନର୍ ଡିଷ୍ଟାନ୍ସ ସିଗ୍ନାଲ୍ ତଥା ୟେଲୋ ଲାଇଟ୍। ଅର୍ଥାତ ଆଗକୁ ଯିବା ଉପରେ ଥିଲା କଟକଣା। ହୋମ୍ ସିଗ୍ନାଲର ୧ କିଲୋମିଟର୍ ପୂର୍ବରୁ ଥିଲା ଡିଷ୍ଟାନ୍ସ ସିଗ୍ନାଲ୍ ତଥା ସେଇଠି ଜଳୁଥିଲା ୟେଲୋ ଲାଇଟ୍। ଏଠି ବି ଟ୍ରେନର ଗତି ଉପରେ ଥିଲା କଟକଣା। ଏଭଳି ୨ଟି ସିଗ୍ନାଲ ଅତିକ୍ରମ ପରେ ଆସେ ହୋମ୍ ସିଗ୍ନାଲ୍। ଅର୍ଥାତ ରେଡ୍, ନଚେତ୍ ଗ୍ରୀନ୍। ତେବେ ସୋର ଷ୍ଟେସନର ହୋମ୍ ସିଗ୍ନାଲ୍ ଥିଲା ରେଡ୍। କାରଣ ସେହି ଷ୍ଟେସନରେ ଥିଲା ଭୁବନେଶ୍ୱର ମୁହାଁ ଜନଶତାବ୍ଦୀ ଏକ୍ସପ୍ରେସ। କିନ୍ତୁ ତିନି ତିନିଟି ସିଗ୍ନାଲକୁ ଅତିକ୍ରମ କରି ଜନଶତାବ୍ଦୀ ଥିବା ଟ୍ରାକରେ ପହଞ୍ଚିଯାଇଥିଲା ଶତାବ୍ଦୀ। ଭାଗ୍ୟକୁ କିଛି ଦୂରତା ଓ କିଛି ସେକେଣ୍ଡର ବ୍ୟବଧାନ ପାଇଁ ଟଳିଗଲା ବଡ଼ ଅଘଟଣ। କାରଣ ଶତାବ୍ଦୀ ଏଣ୍ଟ୍ରି କରିବା କ୍ଷଣି ହିଁ ଛାଡୁଥିଲା ଜନଶତାବ୍ଦୀ। ଆଉ କୌଣସି ମତେ ଶହେ ମିଟର ଦୂରତା ଭିତରେ ଶତାବ୍ଦୀକୁ ଅଟକାଯାଇଥିଲା। ଗ୍ରୀନ ସିଗ୍ନାଲ୍ ପରେ ଶତାବ୍ଦୀ ଆଗକୁ ବଢ଼ିଥିଲା ସତ। କିନ୍ତୁ ସୋରଠୁ ୧୪ କିଲୋମିଟର ଦୂର ମାର୍କୋଣା ଷ୍ଟେସନରେ ଅଟକାଇ ୨ ଲୋକୋ ପାଇଲଟ ସହ ଗାର୍ଡକୁ ଅପସାରଣ କରାଯାଇଥିଲା ଟ୍ରେନରୁ। ଆଉ ନିର୍ଦ୍ଧାରିତ ସମୟର ଦେଢ଼ ଘଣ୍ଟା ବିଳମ୍ବରେ ଛାଡ଼ିଥିଲା ମାର୍କୋଣା ଷ୍ଟେସନ୍। ପ୍ରଶ୍ନ ଉଠୁଛି, କାହିଁକି ସିଗ୍ନାଲ ଡେଇଁ ସୋର ଷ୍ଟେସନରେ ପହଞ୍ଚିଥିଲା ଶତାବ୍ଦୀ ? ସେହି ସମାନ ସମୟରେ ଗୋଟିଏ ଟ୍ରାକରେ କେମିତି ଦୁଇ ଦୁଇଟି ଏକ୍ସପ୍ରେସ୍ ଆସିଗଲେ ? ୩ଟି ସିଗ୍ନାଲ ଉଲଂଘନ ସତ୍ତ୍ୱେ ସୋର ଷ୍ଟେସନରେ ସ୍ଥାନୀୟ ଷ୍ଟେସନ ମାଷ୍ଟର ଟ୍ରେନକୁ ମାର୍କୋଣା ଯାଏଁ ଛାଡ଼ିବା ପଛର କାରଣ କ'ଣ ? ଏବେ ଏଭଳି ପ୍ରଶ୍ନ ଉଠୁଥିବାବେଳେ ବିଭାଗୀୟ ଉଚ୍ଚପଦାଧିକାରୀ ମାର୍କୋଣା ରେଳ ଷ୍ଟେସନରେ ୩ କର୍ମଚାରୀଙ୍କୁ ଧରି ପଚରାଉଚରା କରୁଛନ୍ତି। ତେବେ ଏନେଇ ରେଳବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ଖୋଲିବ ମମିତା ମେହେର ...

ପରିବାର ସହ କିଛି ବି ହୋଇପାରେ ବୋଲି ଆଶଙ୍କା କରିଛନ୍ତି । ୨୦୨୧ ଅକ୍ଟୋବରରେ କଳାହାଣ୍ଡି ମହାଲିଙ୍ଗ ସ୍ଥିତ ସନସାଇନ ଇଂରାଜୀ ମିଡିୟମ ସ୍କୁଲର ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ହତ୍ୟା କରାଯାଇଥିଲା । ନିଖୋଜ ହେବାର କିଛି ଦିନ ପରେ ସ୍କୁଲ ନିକଟ ଖେଳପଡ଼ିଆରୁ ମାଟିତଳୁ ମମିତାଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା। ଏହାପଛରେ ସ୍କୁଲର ପ୍ରମୋଟର ଗୋବିନ୍ଦ ସାହୁ ଥିଲେ ବୋଲି ଅଭିଯୋଗ ପରେ ତାଙ୍କୁ ଗିରଫ କରି ଜେଲ ପଠାଇ ଦିଆଯାଇଥିଲା । କିନ୍ତୁ ୨୦୨୨ ଡିସେମ୍ବର ମାସରେ ଜେଲ୍‌ରେ ଗୋବିନ୍ଦ ସାହୁଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା ।

### କ୍ୟାବିନେଟର ୪ ପ୍ରସ୍ତାବ...

ପ୍ରତି ପଞ୍ଚାୟତ ସ୍ତରରେ ପ୍ରାଥମିକ ସ୍ତରରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ସ୍ଥାପନ ହେବ । ୩ ବର୍ଷ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ୨ ହଜାର ୨୦୦ଟି ବିଦ୍ୟାଳୟ ନିର୍ମାଣ ହେବ। ଏଥିଲାଗି ଖର୍ଚ୍ଚ ହେବ ୧୨ ଶହ କୋଟି ଟଙ୍କା । ୫ କୋଟି ରୁ ଅଧିକ ଟଙ୍କା ଗୋଟିଏ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ । ପ୍ରଥମ ପର୍ଯ୍ୟାୟରେ ୩ ବର୍ଷ ଏବଂ ପରେ ସମସ୍ତ ପଞ୍ଚାୟତରେ ନିର୍ମାଣ କରାଯିବ। ଏଣେ କେନ୍ଦୁଝରର ଘଟଗାଁ ତାରିଣୀ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଡିପିଆର୍ ପ୍ରସ୍ତୁତି ସରିଛି । ୬୯ ଏକରରେ ପାରିପାର୍ଶ୍ୱିକ ଉନ୍ନତି ହେବ । ଏଥିଲାଗି ଖର୍ଚ୍ଚ ହେବ ୨୨୬ କୋଟି ଟଙ୍କା । ଏକ ହଜାର ବିଶିଷ୍ଟ ଯାତ୍ରୀ ନିବାସ, ନଡ଼ିଆ ଭଣ୍ଡାର, ଏକା ସାଙ୍ଗରେ ବସିଲା ଭଳି ୫୦୦ ସିଟ ବିଶିଷ୍ଟ ହଲ ନିର୍ମାଣ ହେବ।

### ତାମିଲନାଡୁ ଦଳାଚକଟା ...

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନଙ୍କ ସହ ମଧ୍ୟ କଥା ହୋଇ ଘଟଣା ବାବଦରେ ବୁଝିଛନ୍ତି । ସେପଟେ ମୃତକଙ୍କ ପରିବାର ଓ ଆହତଙ୍କୁ ଭେଟିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ସମ୍ବେଦନଶୀଳ ଘଟଣାରୁ ଫାଇଦା ଉଠାଇବା ପାଇଁ କେହି କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁ ନାହାନ୍ତି । କରୁର ଦଳଚକଟା ଘଟଣାକୁ ନେଇ ତାମିଲନାଡୁ ସରକାରଙ୍କୁ ରିପୋର୍ଟ ମାଗିଛି କେନ୍ଦ୍ର ଗୃହ ମନ୍ତ୍ରାଳୟ । ରାଜ୍ୟଠାରୁ କେନ୍ଦ୍ର ଏବଂ ଆଞ୍ଚଳିକ ଦଳଠାରୁ ଜାତୀୟ ଦଳଙ୍କ ପର୍ଯ୍ୟନ୍ତ ସମସ୍ତେ ତାଲନାଡୁ ଦଳଚକଟା ଘଟଣାକୁ ନେଇ ସକ୍ରିୟ ହୋଇଉଠିଛନ୍ତି ।

### ବାଲୁଗାଁ ବ୍ୟବସାୟୀଙ୍କ ...

ଗିରଫ ଅଭିଯୁକ୍ତ ମାନେ ହେଲେ ଗଞ୍ଜାମ ଓ ବାଣପୁର ଅଂଚଳ ର ବୋଲି ଏସପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶନିବାର ରାତି ପ୍ରାୟ ୧୧ଟା ୫୦ ମିନିଟ୍। ସୁଶିଲ ନିଜ ଦୋକାନ ବନ୍ଦ କରି ସ୍କୁଟି ଯୋଗେ ପାଟଣାସାହି ସ୍ଥିତ ଘରକୁ ଫେରୁଥିଲେ । ବାଲୁଗାଁ କେନ୍ଦ୍ରୀୟ ସ୍କୁଲ ଠାରେ ୫ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ । ମାରଣାସ୍ତ୍ର ଦେଖାଇ ପାଟି କଲେ ଜୀବନରେ ମାରିଦେବାକୁ ଧମକ ଦେଲେ ଆଖିରେ କଳାକନା ଓ ହାତକୁ ବାନ୍ଧିଦେବା ପରେ ତାଙ୍କୁ ଏକ କାରରେ ଉଠାଇନେଇ ଚାଲିଯାଇଥିଲେ । ସୁଶୀଳ ନିକଟରେ ଥିବା ୩ଲକ୍ଷ ୪୫ହଜାର ଟଙ୍କା ନଗଦ ଓ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ । ରାତି ସାରା କାରରେ ସୁଶୀଳଙ୍କୁ ମାଡ଼ ମାରିଥିଲେ । ଘରକୁ ଫୋନ୍ ? କରି ୧ କୋଟି ଟଙ୍କା ଅଣାଇଲେ ଛାଡ଼ିବୁ ବୋଲି କହିଥିଲେ ।

### ହୀରାକୁଦ ଜଳଭଣ୍ଡାରରୁ ...

ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୨ ହଜାର ୩୦୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୮ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୧ ଲକ୍ଷ ୬୬ ହଜାର ୬୬୨ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି । ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଅନ୍ୟପକ୍ଷରେ ଗତ ୨୪ ଘଂଟା ମଧ୍ୟରେ ଜଳଭଣ୍ଡାରର ଉପର ମୁଣ୍ଡରେ ୩.୪୩ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବେଳେ ତଳ ମୁଣ୍ଡରେ ୧.୫୫ ମି.ମି. ବର୍ଷା ରେକର୍ଡ଼ ହୋଇଛି ।

# ୬୫ ତମ ମଧୁପୁରାର ସାର୍ବଜନୀନ ଦୁର୍ଗାପୂଜା



ବାଲିଆପାଳ , ୨୯/୯ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଚୁଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ସାର୍ବଜନୀନ ଦୁର୍ଗାପୂଜା ୬୫ ବର୍ଷରେ ପଦାର୍ପଣ କରିପାରିଛି। ସିମୁଳିଆ ସାପ୍ତାହିକ ପରିବା ହାଟ ମଧ୍ୟ ସ୍ଥଳୀରେ ଏହି ଦୁର୍ଗା ପୂଜା ୧୯୬୫ ମସିହା ତତ୍କାଳୀନ ମଧୁପୁରା ସରପଞ୍ଚ ସ୍ୱର୍ଗତ ଉପେନ୍ଦ୍ର ନାଥ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଆସୁଛି। ପୂର୍ବରୁ ପୂଜାରେ ସ୍ୱର୍ଗତ ବଂଶୀଧର ବାଗ ମୁଖ୍ୟ ପୁରୋଧା ଥିଲେ। ଏବେକାର ଉପଦେଷ୍ଟା କମିଟିର ମୁରଲୀ ମୋହନ ସାହୁ, ଜଗନ୍ନାଥ ମହାନ୍ତି, ମଧୁସୂଦନ ସାହୁ,ଅଦ୍ୱୈତ ବାଗ, ରାମଚନ୍ଦ୍ର ସାହୁ ,ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ ,ପ୍ରଭାସ କୁମାର ସାହୁ ପ୍ରମୁଖ ଏହି ମଣ୍ଡପରେ ପୂଜା ଆରମ୍ଭ କରିଥିଲେ। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ମାଙ୍କ ପୂଜାକୁ ଅଧିକ ଲୋକାଭିମୁଖୀ ଓ ଆକର୍ଷଣୀୟ କରିବା ପାଇଁ ମଧୁପୁରା ଦୁର୍ଗା ମଣ୍ଡପ ଚଳଚଞ୍ଚଳ ହୋଇଉଠିଛି। ପୂଜା ମଣ୍ଡପରୁ ରାସ୍ତା ପର୍ଯ୍ୟନ୍ତ ଆକର୍ଷଣୀୟ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ମାଙ୍କ ଦର୍ଶନ ପାଇଁ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ, ପୋଲିସ ଓ ଭଲେଣ୍ଟିଆର ବ୍ୟାରିକେଡ଼ ବ୍ୟବସ୍ଥା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ରବିବାର ସନ୍ଧ୍ୟା ସାତଟାରେ ବେଲ୍ୱବିବସ, ସୋମବାର ସପ୍ତମୀ ଦିନ ସକାଳ ଆଠଟା ସମୟରେ ଘଟୋଉତ୍ତୋଳନ, ମଙ୍ଗଳବାର ମହାଷ୍ଟମୀ ପୂଜା ଓ ଦିନ ୧.୫୬ ମିନିଟ୍ ରେ ସନ୍ଧିପୂଜା, ବୁଧବାର ମହାନବମୀ ପୂଜା, ଗୁରୁବାର ବିଜୟା ଦଶମୀ ଏବଂ ରାବଣ ପୋଡି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କମିଟିର ସମ୍ପାଦକ ସରପଞ୍ଚ ଗୀତ ରାଣୀ ମାହାନା ସୂଚନା ଦେଇଛନ୍ତି। ମାଙ୍କ ପୂଜା ଏବଂ ଶ୍ରଦ୍ଧାଳୁମାନେ ମାଙ୍କ ଦର୍ଶନ ଶୃଙ୍ଖଳିତ ଭାବରେ କରିପାରିବେ ସେଥିପାଇଁ କମିଟି ପକ୍ଷରୁ ସରପଞ୍ଚଙ୍କ ପ୍ରତିନିଧି ଲମ୍ବୋଦର ମାହାନା, ଏବଂ ସମସ୍ତ ଓ୍ୱଡମେମ୍ବ,ପରିବା ଦୋକାନୀ ମାନେ ସହଯୋଗ କରୁଛନ୍ତି। ସ୍କୁଲ ପିଲାଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା,ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଉପଭୋଗ କରିବା ସହିତ ମାଙ୍କ ମୃଣ୍ମୟ ପ୍ରତିମାର ଦର୍ଶନ କରି ଆହୁରି ଅଧିକ ଆନନ୍ଦ ଲାଭ କରିବେ।

# ୱାର୍ଲଡ ରେକର୍ଡ ଏକ୍ସଲେନ ଇଂଲଣ୍ଡ ରେକର୍ଡରେ ବାଲେଶ୍ୱରର ବିକ୍ରମ ଓ ତୃପ୍ତିମୟୀ



ବାଲେଶ୍ୱର, ୨୯/୯ (ନି.ପ୍ର): ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ସଂଗଠନ ରାଷ୍ଟ୍ରୀୟ ଏକିକୃତ କଳାକାର ଏବଂ କାର୍ଯ୍ୟକର୍ତ୍ତା ମଞ୍ଚର ୨୫ ବର୍ଷ ଉପଲକ୍ଷେ ଗତ ସେପଟ୍ମେର ୨୧ରୁ ୨୪ ମଧ୍ୟରେ ଦିଲ୍ଲୀର ଭାରତ ମଣ୍ଡପ ଏବଂ ହରିୟାଣା ର କରନାଲ ରେ ୪ ଦିନିଆ ରଜତ ଜୟନ୍ତୀ ସ୍ଥାପନା ସମରାହା ଆୟୋଜିତ ହୋଇ ଯାଇଛି। ବିଭିନ୍ନ ବର୍ଗ ରୁ ଦେଶ ବିଦେଶ ରୁ ଆସିଥିବା ଶତାଧିକ ସମାଜ ସ୍ୱେ୍ୱୀ ଏବଂ କଳାକାର ମାନଂକୁ ସଂମାନ କରା ଯାଇଥିବା ବେଳେ, ଓଡିଶା ରୁ ଯୋଗ ଦେଇଥିବା ୧୩ ଜଣଙ୍କ ମଧ୍ୟରୁ ବାଲେଶ୍ୱର ରୁ ପୁରୁଷ ବର୍ଗ ରେ ବିକ୍ରମ ବାରିକ ଓ ମହିଳା ବର୍ଗ ରେ ତୃପ୍ତିମୟୀ ବେହେରା ପୁରସ୍କୃତ ହେଇଛନ୍ତି YOUNG COMUNITY CHAMPION AWARD, ଓ WORLD RECORD EXCELLENCE, ENGLAND ତରଫରୁ ପ୍ରଶଂସା ପତ୍ର ମିଳିବା ଆମ ବାଲେଶ୍ୱର ପାଇଁ ଗର୍ବ ଓ ଗୌରବ ଅଟେ। ବିକ୍ରମ ହେଉଛନ୍ତି ମାଣିଖମ୍ବ ଗ୍ରାମ ର ସ୍ୱର୍ଗତ ମହେନ୍ଦ୍ର ବାରିକ ଓ ଶ୍ରୀମତୀ ବାସନ୍ତୀ ବାରିକ ଙ୍କ ପୁତ୍ର, ପିଲାଟି ବେଳୁ ନୃର୍ତ୍ୟ, ଅଭିନୟ, ଯୋଗ, ରେ ସମସ୍ତଙ୍କୁ ଆକୃଷ୍ଟ କରୁଥିବା ବେଳେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡିତ ରହି ଓଡିଶା ସରକାର ଏବଂ ଭାରତ ସରକାରଙ୍କ ଟୂ ବୋହୁ ପୁରସ୍କାର ପ୍ରାପ୍ତ କରିଛନ୍ତି, ଠିକ ସେହିପରି ମାଣିଖମ୍ବ ଗ୍ରାମ ନିବାସୀ ତୃପ୍ତିମୟୀ ବେହେରା ହେଉଛନ୍ତି ପିତା ମାନି ବେହେରା ଓ ନିୟତି ଦାସଙ୍କ କନ୍ୟା, ପିଲାଟି ବେଳୁ ନୃର୍ତ୍ୟ, ମଡେଲିଂ, ଅଭିନୟରେ ରୁଚି ରଖି ଥିବା ବେଳେ ନୃର୍ତ୍ୟ ଜଗତରେ ସେ ଏହି ପୁରସ୍କାର ପାଇଛନ୍ତି, ଦିଲ୍ଲୀ ରେ ଭାରତ ମଣ୍ଡପ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମାରସକେଟ ରାଷ୍ଟ୍ରପତି ଓ ନିଫା ର ଅଧକ୍ଷ ପ୍ରାତିପଲ ସିଂହ ପଂନୁ ଏହି ଉତ୍ସବ ରେ ପୌରହିତ କରିଥିବା ବେଳେ, ହରିୟାଣା ସରକାର ଆଇଟିଡିସି ମୁଖ୍ୟ ବୀରେନ୍ଦ୍ର ସିଂ ଚୌହାନ ଅତିଥି ରୂପେ ଯୋଗ ଦେଇ ଥିବା ବେଳେ, ହରିୟାଣା ବାଚସ୍ପତି ହରବିନ୍ଦ୍ର କଲ୍ୟାଣ, ସଭାପତି ଡ଼ା ଅଶ୍ୱନୀ କଲ୍ୟାଣ, ମଣିପୁର ନିଫା ର ପ୍ରେମଜୀତ ଓ ଉତ୍ତରାଖଣ୍ଡ ର ରାଣୀ ଡ଼ା ଅଞ୍ଜୁ ସିଂ ପ୍ରମୁଖ ଉପସ୍ଥିତ ରହି ପୁରସ୍କୃତ କରିଥିଲେ। ବିକ୍ରମ ଓ ତୃପ୍ତିମୟୀ ଏହି ପୁରସ୍କାର ପାଇ ନିଜ ପିତା ମାତା ଓ ବନ୍ଧୁ ବର୍ଗ, ଓ ଓଡିଶା ବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପୁରସ୍କାର ପାଇବା ଠୁ ତାଙ୍କୁ ବିଭିନ୍ନ ମହଲ ରେ ଶୁଭେଚ୍ଛାର ସୁଅ ଛୁଟୁଛି।

# ଚମ୍ପୁଆ ଦୁର୍ଗାପୂଜାରେ ଝଲସୁଛି ରାଷ୍ଟ୍ରପତି ଭବନ ତୋରଣ

କେନ୍ଦୁଝର, ୨୯/୯ (ନି.ପ୍ର): ଚମ୍ପୁଆ କଚେରି ପଡିଆ ଠାରେ ସାର୍ବଜନୀନ ଦୁର୍ଗାପୂଜାରେ ଚଳିତବର୍ଷ ରାଷ୍ଟ୍ରପତି ଭବନ ସଦୃଶ ସୁଉଚ୍ଚ ତୋରଣ ଶୋଭାପାଉଛି। ୨୮ ତାରିଖ ବେଲବରଣୀ, ୨୯ ତାରିଖ ୬.୩୦ ମିନିଟ ସମୟରେ କଳସ ଯାତ୍ରା ପାଇଁ ବୈତରଣୀ ଗମନ ଓ ୯.୩୦ ମିନିଟ ସୁଦ୍ଧା ଘଟ ସ୍ଥାପନ ଓ ସପ୍ତମୀ ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିବା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ଏହାଛଡା ଭୁବନେଶ୍ୱରର ପ୍ରତିଷ୍ଠିତ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ମାଆ ଦୁର୍ଗାଙ୍କର ପୂଜା ଅର୍ଚ୍ଚନା କରାଯାଉଛି। ସେହିପରି ଶିବଜାଗର ପଡିଆଠାରେ ମାଆ ଜଗତଜନନୀ ଦୁର୍ଗାପୂଜା କମିଟି ପକ୍ଷରୁ ତଦନୁରୂପ ମାଆ ଜଗତଜନନୀ ଦୁର୍ଗାଙ୍କ ପୂଜା ମଧ୍ୟ ଧୁମଧାମରେ ଅନୁଷ୍ଠିତ ହେଉଛି। ସେଥିନିମନ୍ତେ ଗତ ତିନିଦିନ ଧରି ମିନାବଜାର ଓ ବିଭିନ୍ନପ୍ରକାର ଦୋକାନ ବଜାର ସାଜସଜ୍ଜା ହୋଇଥିବା ଦେଖିବାକୁ ମିଳିଛି। ପାର୍ବଣ ଋତୁରେ ଶାନ୍ତିଶୃଙ୍ଖଳାର ସହିତ କିପରି ଦୁର୍ଗାପୂଜା ସମ୍ପର୍ଣ୍ଣ ହେବ ସେଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ପୁଲିସ ପ୍ରଶାସନ ସଜାଗ ରହିବା ସହିତ କମିଟିମାନଙ୍କୁ ଏଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି।

# ମହାଗୌରୀ ବେଶରେ ଦର୍ଶନ ଦେଉଛନ୍ତି ମା' ସୁରେଶ୍ୱରୀ ଓ ଭଗବତୀ

ସୁବର୍ଣ୍ଣପୁର, ୨୯ ସେପ୍ଟେମ୍ବର(ହି.ସ.) – ନବରାତ୍ରର ଅଷ୍ଟମ ଦିନରେ ସୋନପୁରର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ପୀଠରେ ଭୋର ସମୟରୁ ମନ୍ଦିର ଖୋଲା ଯାଇ ଯଥାବିଧି ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ଆଜି ମହଗୌରୀ ବେଶରେ ମା ଉଭା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି କ୍ଷ ମନ୍ଦିରରେ ନବଦିନାତ୍ମକ ଚଣ୍ଡୀ ମହାଯଜ୍ଞର ଅଷ୍ଟମ ଦିବସରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ, ବ୍ରାହ୍ମଣ ପୂଜନମ ବିଭିନ୍ନ ଦେବା ଦେବୀଙ୍କ ପୂଜାପାଠ ସୁରେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା ଆରତୀ ପୁଷ୍ପାଞ୍ଜଳି ସହ ଚଣ୍ଡୀଯଜ୍ଞ, ହବନ, ଆରତୀ, ପୁଷ୍ପାଞ୍ଜଳି ଓ ପ୍ରସାଦ ବଂଟନ ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ସହରର ସର୍ବ ପୁରାତନ ମା ଭଗବତୀଙ୍କ ପୀଠରେ ମଧ୍ୟ ମହଗୌରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମା ଭଗବତୀ। ସହରର ଗଡ଼ଭିତର ସ୍ଥିତ ଦୁର୍ଗା ମନ୍ଦିରରେ ମଧ୍ୟ ମହଗୌରୀ ବେଶରେ ଦର୍ଶନ ଦେଉଛନ୍ତି ମା ଦୁର୍ଗା। ଆଜି ମା'ଙ୍କ ମହଗୌରୀ ବେଶ ତେବେ ଆସନ୍ତୁ ଜାଣିବା ମା'ଙ୍କର ଏହି ବେଶ ମହାତ୍ମ୍ୟ ବିଷୟରେ। ମହାଗୌରୀ: 'ମହାଗୌରୀ' ମା' ଦୁର୍ଗାଙ୍କର ଅଷ୍ଟମ ଶକ୍ତି। ଶରୀରର ବର୍ଣ୍ଣ ଗୌର ହେତୁ ତାଙ୍କର ନାମ 'ମହାଗୌରୀ'। ଶଙ୍ଖ, ଚନ୍ଦ୍ର ଓ କୁନ୍ଦପୁଷ୍ପ ସହିତ ତାଙ୍କର ଶରୀରର ବର୍ଣ୍ଣ ର ତୁଳନା କରାଯାଏ। ଶାସ୍ତ୍ରୋକ୍ତି ଅଛି 'ଅଷ୍ଟବର୍ଷା ଭବେଦ୍ ଗୌରୀ" ଅର୍ଥାତ୍-ତାଙ୍କୁ ଆଠବର୍ଷ ବୟସ ବୋଲି ମନେକରାଯାଏ। ଦେବୀ ଶ୍ୱେତବସନା ଏବଂ ଶ୍ୱେତବୃଷଭ ବାହନା। ଚତୁର୍ଭୁଜା ଏହି ଦେବୀଙ୍କର ଦକ୍ଷିଣ ଦୁଇ ଭୁଜରେ ଅଭୟ ମୁଦ୍ରା ଓ ତ୍ରିଶୂଳ ଏବଂ ବାମ ଦୁଇ ଭୁଜରେ ବରଦ ମୁଦ୍ରା ଓ ଡମ୍ବରୁ ଶୋଭାପାଏ। ଭାବଭଙ୍ଗୀରେ ଏହି ଦେବୀ ଶାନ୍ତ। 'ମହାଗୌରୀ' ନବରାତ୍ରିର ଅଷ୍ଟମ ଦିନର ଉପାସ୍ୟା ତାଙ୍କର ଶକ୍ତି ଅମୋଘ ଓ ଫଳପ୍ରଦ ତାଙ୍କର ଉପାସନା ଭକ୍ତ ଓ ସାଧକଙ୍କର ସକଳ କଳୁଷ ନାଶ କରେ । ଭବିଷ୍ୟତରେ ମଧ୍ୟ ଭକ୍ତ ଓ ସାଧକଙ୍କର କୌଣସି ପାପ, ସନ୍ତାପ, ଦୁଃଖେ, ଦୈନ୍ୟ ରହେ ନାହିଁ ସେ ପର୍ବତୋ ଭାବେ ପବିତ୍ର ଓ ଅକ୍ଷୟ ପୁଣ୍ୟର ଅଧିକାରୀ ହୁଅନ୍ତି। ଦେବୀଙ୍କର କୃପା ଫଳରେ ଅଲୌକିକ ସିଦ୍ଧି ଲାଭ ହୁଏ।

# ରକ୍ତତୀର୍ଥ ଇରମରେ ରାଜ୍ୟ ସ୍ତରୀୟ ଶହୀଦ ସ୍ମୃତି ଦିବସ ମହାସମାରୋହରେ ପାଳିତ




ବାସୁଦେବପୁର, ୨୯/୯ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଶହୀଦ ସ୍ମୃତି କମିଟି ପକ୍ଷରୁ ରକ୍ତତୀର୍ଥ ଇରମରେ ୮୩ ତମ ରାଜ୍ୟ ସ୍ତରୀୟ ଶହୀଦ ସ୍ମୃତି ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ସକାଳେ ଭଦ୍ରକର ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ଅତିଥି ଭାବରେ ଯୋଗ ଦେଇ ଇରମ ମେଲଣ ପଡିଆରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଓ ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା ଆରକ୍ଷୀ ବାହିନୀ ପକ୍ଷରୁ ଶହୀଦ ସମାଧି ପୀଠରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ଏସଡିପିଓ ବିଚିତ୍ରାନନ୍ଦ ସେଠୀ,ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ପ୍ରମୁଖ ଶହୀଦ ସମାଧି ପୀଠରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ତନ୍ମିତା କର, ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧି ରାୟ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ। ବରଣ୍ଡୁଆ ଗ୍ରାମରେ ଥିବା ବାସୁଦେବପୁର ଗାନ୍ଧୀ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ବେତଡାରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସ,ବାସୁଦେବପୁରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତି, ସଂଗ୍ରାମୀ ନୀଳମଣି ରାଉତରାୟ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା। ଏହି ଉତ୍ସବରେ ଶହୀଦ ତୀର୍ଥଯାତ୍ରୀ ସଂଘ ପକ୍ଷରୁ ଶହୀଦ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜସେବୀ ତ୍ରୈଲୋଚନ ଜେନା , ନାରୀନେତ୍ରୀ ବନଲତା ଜେନା, ଶିକ୍ଷାବିତ୍ ଦୁଃଶାସନ ରାଉତ, ଅଧ୍ୟାପକ ବସନ୍ତ ଦାଶ, କବି କୈଳାସ ଚନ୍ଦ୍ର ନାଥ, କବି ସୁଧାଂଶୁ ଶେଖର ମିଶ୍ର, ଶିକ୍ଷକ ପ୍ରଣୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସୃଷ୍ଟି ଓ ସ୍ରଷ୍ଟା ପକ୍ଷରୁ କବି ପ୍ରହଲ୍ଲାଦ ବାରିକ, ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ୍, କବିନ୍ଦ୍ର ଶେଖର ଫକିର ରଞ୍ଜନ ଦାସ, ରଙ୍ଗରାଗ ପକ୍ଷରୁ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ ଓ ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ। ସେହିପରି ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ଦୀନବନ୍ଧୁ ଦାସ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଯଦୁନାଥ ନାୟକ,ପ୍ରଫୁଲ୍ଲ ପଳିତା, କୃଷ୍ଣ ଚନ୍ଦ୍ର ଘଡାଇ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଧାନସଭା ନେତା ବାଣୀ କଲ୍ୟାଣ ମହାନ୍ତି, ବିଜେପି ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ମନୋଜ ନାୟକ, ଅରୁଣ କୁମାର ମହାନ୍ତି,ଜଗବନ୍ଧୁ ଦାସ, ଜୟ ପ୍ରକାଶ ମଲ୍ଲିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓ ସଦସ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଉତ୍ସବରେ ଇରମ ଶହୀଦ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଥିଲା। ସନ୍ଧ୍ୟାରେ ସାଧାରଣ ସଭା ଅନୁଷ୍ଠିତ ହୋଇ ଥିଲା। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ପଦ୍ମନାଭ ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ମୁଖ୍ୟ ବକ୍ତା ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଂସଦ ଅଭିମନ୍ୟୁ ସେଠି, ବିଧାୟକ ଅଶୋକ ଦାସ, ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ଇରମ ସରପଞ୍ଚ ସାବିତ୍ରୀ ବଳ, ସମିତି ସଭ୍ୟା ଲଗ୍ନିକା ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କବି ରଞ୍ଜନ ନାୟକ ସଂପାଦକୀୟ ବିବରଣୀ ପାଠ କରିଥିଲେ ଓ ଅଧିବକ୍ତା ଡକ୍ଟର ନୀରଦ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ମଙ୍ଗଳବାର, ସେପ୍ଟେମ୍ବର ୩୦, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ଏବଂ ବିଶ୍ୱ ଜ୍ୱଳାନ୍ତକ ଦିବସ ପାଳିତ

ବାଲେଶ୍ୱର, ୨୯/୯ (ନି.ପ୍ର):ମହିଳା ଆରୋଗ୍ୟ ସମିତିର ସଦସ୍ୟା, ଗର୍ଭବତୀ ଏବଂ ପ୍ରସୂତି ମାଆ ମାନଙ୍କ ଉପସ୍ଥିତିରେ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀଯୁକ୍ତ ପ୍ରଦୀପ କୁମାର କର ଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା l ଉକ୍ତ ସଭାରେ ମୁଖ୍ୟ ବକ୍ତା ଡାକ୍ତର ଶ୍ରୀଯୁକ୍ତ ସଞ୍ଜୀବ ପ୍ରଧାନ, ଗର୍ଭପାତ କେବଳ ତାଲିମପ୍ରାପ୍ତ ଡାକ୍ତରଙ୍କ ଦ୍ୱାରା କରାଇବା ଜରୁରୀ, ଏହା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ କରାଯାଏ, ଜ୍ୱଳାନ୍ତକ ରୋଗ ନ ହେବା ନିମନ୍ତେ ପ୍ରତେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ ଟୀକା ଦିଆଯାଉଛି ବୋଲି ମତ ବ୍ୟକ୍ତ କରିଥିଲେ। ଡାକ୍ତର ସୁମିତ୍ରା ଜଗଦେଓ ,ଡାକ୍ତର ବଳ,ଗୋପାଳପୁର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ରୀଯୁକ୍ତ ମଧୁସୂଦନ ବିଶ୍ୱାଳ ବିସ୍ତୃତ ଭାବରେ ଆଲୋଚନା କରିଥିଲେ।ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଗର୍ଭବତୀ ମାଆ ମାନଙ୍କୁ ଡ଼ାକ୍ତର ଖାନାରେ ଗର୍ଭପାତ କରିବାପାଇଁ ସହଯୋଗ କରିଥିବା ନିମନ୍ତେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା ଶ୍ରୀମତୀ ବାସନ୍ତୀ ଶିଅଳ (ପ୍ରଥମ), ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା ଶ୍ରୀମତୀ ସୁପ୍ରଭା ଗିରି(ଦ୍ୱିତୀୟ), ବରହମପୁର୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା ଶ୍ରୀମତୀ ସରସ୍ୱତୀ ଦାସବାବୁ (ତୃତୀୟ)ଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଶ୍ରୀଯୁକ୍ତ ପରମେଶ୍ୱର ବାରିକ (ଅତିରିକ୍ତ ପରିଚାଳକ ଯୋଗା ଯୋଗ)ଧନ୍ୟବାଦ ଅର୍ପଣ କରିଥିଲେ।



## ପାରାଦୀପ ବନ୍ଦର ଏମଏନଏସ୍ ସହିତ ରିହାତି ଚୁକ୍ତି ସ୍ୱାକ୍ଷରିତ



ପାରାଦୀପ, ୨୯/୯ (ନି.ପ୍ର): ସୋମବାର ଦିନ ପାରାଦୀପ ବନ୍ଦର ଏମଏନଏସ୍ ସହିତ ରିହାତି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ପାରାଦୀପ ବନ୍ଦରର ସିକ୍ୟୁ-୩ ବର୍ଥକୁ ଯାନ୍ତ୍ରୀକିକରଣ କରିବା ପାଇଁ ଏମଏନ୍ଏସ୍ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ୩୦ ବର୍ଷିଆ ଚୁକ୍ତିଭିତ୍ତିକ ଏହି ଚୁକ୍ତିମାନା ସ୍ୱାକ୍ଷରିତ ହେବା ପରେ ଏମଏନଏସ୍ କମ୍ପାନୀ କନଭେୟର ବେଲ୍ଟ ମାଧ୍ୟମରେ ଜାହାଜରେ ପିଲେଟ୍ ବୋଝେଇ କାର୍ଯ୍ୟ କରିବ । ପାରାଦୀପ ବନ୍ଦର ପକ୍ଷରୁ ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ ଏବଂ ଏମଏନଏସ୍ ପୋର୍ଟସ୍ ପକ୍ଷରୁ ଶୁଭକାନ୍ତ ଦାଶ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଓ ଏମଏନଏସ୍ ଓଡିଶା ମୁଖ୍ୟ ସୁରେଶା ଜି ଏବଂ ଉଭୟ ପକ୍ଷର ଅଧିକାରୀଙ୍କ ଉପସ୍ଥିତିରେ ଏହି ରିହାତି ଚୁକ୍ତି ସ୍ୱାକ୍ଷର କରିଥିଲେ । ଏହି ଅବସରରେ ଶ୍ରୀ ହରନାଦ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଦ୍ୱାରା ପାରାଦୀପ ବନ୍ଦରର ବର୍ଥ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ । ବନ୍ଦର ଆଧୁନିକିକରଣ କ୍ଷେତ୍ରରେ ଏହି ଚୁକ୍ତିନାମା ଶିଳ୍ପକୁ ପ୍ରୋତ୍ସାହିତ କରିବ ବୋଲି ଏମଏନଏସ୍ ଓଡିଶା ମୁଖ୍ୟ ସୁରେଶା ଜି କହିଛନ୍ତି । ଏହି ଚୁକ୍ତିନାମା ପାରାଦୀପ ବନ୍ଦରର ଦକ୍ଷତା ବୃଦ୍ଧି ସହିତ ଏମଏନଏସକୁ ଉପଯୋଗୀ କରିବ ।

## ଅପରେସନ୍ ଅଗ୍ନିରେ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେଆଇନ ବିସ୍ଫୋରକ ଜବତ: ୧୩୩ ଗିରଫ

ଭୁବନେଶ୍ୱର, ୨୯/୯ (ନି.ପ୍ର): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଓଡିଶା ପୋଲିସ ତରଫରୁ ସମଗ୍ର ଓଡ଼ିଶାରେ "ଅଗ୍ନି" ନାମକ ବିଶେଷ ଅଭିଯାନ ଚଳାଯାଇଥିଲା। ଆସନ୍ତା ପର୍ବପର୍ବାଣିକୁ ଦୃଷ୍ଟିରେ ରଖି ବେଆଇନ ବିସ୍ଫୋରକ ଭଣ୍ଡାର, ବିନା ଅନୁମତିରେ ପରିବହନ ଓ ବେଆଇନ ଆତସବାଜି ବିକ୍ରୟକୁ ରୋକିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଛି। ସମଗ୍ର ରାଜ୍ୟରେ ସର୍ବମୋଟ ୧୮୪ ଟି ମାମଲା ରୁଜୁ ହୋଇଥିବା ବେଳେ, ୧୩୩ ଜଣଙ୍କୁ ଗିରଫ ଏବଂ ୪୫ ନୋଟିସ ଜାରି କରାଯାଇଛି ।ମୋଟ ଆନୁମାନିକ ୮,୨୪,୬୦,୭୦୦ ଟଙ୍କା ମୂଲ୍ୟର ସାମଗ୍ରୀ ଜବତ କରାଯାଇଛି। "ଅଗ୍ନି" ଅଭିଯାନ ଫଳରେ ରାଜ୍ୟରେ ବେଆଇନ ଆତସବାଜି ଓ ବିସ୍ଫୋରକ ବ୍ୟବସାୟରେ ରୋକ ଲାଗି ପାରିଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେସନ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ରାଜ୍ୟ ପୋଲିସର ଏହି ପ୍ରୟାସ ପର୍ବ-ପର୍ବାଣୀ ସମୟ ରେ ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷାକୁ ସୁନିଶ୍ଚିତ କରିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଅଭିଯାନରେ ସମଗ୍ର ରାଜ୍ୟରେ ଅନୁଗୁଳ, କେନ୍ଦୁଝର, ଗଞ୍ଜାମ, ବୌଦ୍ଧ ଜିଲ୍ଲା ରେ ସର୍ବାଧିକ ପରିମାଣର ବେଆଇନ ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ବୌଦ୍ଧ ଜିଲ୍ଲାରେ ସର୍ବାଧିକ ୫ କୋଟି ଟଙ୍କା ମୂଲ୍ୟର ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ୧୦ ଟି ମାମଲା ରୁଜୁ ହୋଇଥିଲା ବେଳେ ୫ ଜଣଙ୍କୁ ଗିରଫ ଏବଂ ୫ ଜଣଙ୍କୁ ନୋଟିସ ଜାରି କରାଯାଇଛି।

## ଜିଲ୍ଲାସ୍ତରୀୟ ଦୁଇଦିନିଆ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ ଆଧାରିତ କର୍ମଶାଳା





ମୟୂରଭଞ୍ଜ, ୨୯/୯ (ନି.ପ୍ର): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ ଆନୁକୂଲ୍ୟରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣ କାର୍ମଶାଳା ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କର ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି l ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଂଜ ବିନୋଦ ସିଂ, ପ୍ରତିଷ୍ଠାନର ପୂର୍ବତନ ଅଧକ୍ଷ ଅନାଦି ଚରଣ ବିନ୍ଧାଣୀ, ପ୍ରତିଷ୍ଠାନର ଆକଳନ ସେଲର ମୁଖ୍ୟ ଅଭିମନ୍ୟୁ ବେହେରା, ସମସ୍ତ ଶିକ୍ଷକ ପ୍ରଶିକ୍ଷକ/ପ୍ରଶିକ୍ଷକା ଯୋଗଦାନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ l ଏହା ୪ ଡିସେମ୍ବର ୨୦୨୪ରେ ଅନୁଷ୍ଠିତ ହୋଇଥିବା ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣରେ ତୃତୀୟ, ଷଷ୍ଠ, ନବମ ଶ୍ରେଣୀର ଭାଷା, ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟରେ ମୟୂରଭଞ୍ଜ ଜିଲ୍ଲାର ପ୍ରଦର୍ଶନ ତଥା ଶିକ୍ଷଣ ଫଳାଫଳକୁ ବିଶ୍ଳେଷଣ କରି ଆଲୋଚନା କରାଯାଇଥିଲା l ଏହି କର୍ମଶାଳାରେ ଆଗାମୀ ଦିନରେ ହେବାକୁ ଥିବା ପରଖ ରାଷ୍ଟ୍ରୀୟ ସର୍ବେକ୍ଷଣରେ ଛାତ୍ରଛାତ୍ରୀମାନେ କିଭଳି ଉନ୍ନତ ପ୍ରଦର୍ଶନ କରିବେ ସେଥିପାଇଁ ଜିଲ୍ଲାସ୍ତରୀୟ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା l ଏହି କର୍ମଶାଳାକୁ ସାଧନକର୍ମୀ ତଥା ଶିକ୍ଷକ ପ୍ରଶିକ୍ଷକ ଆଶିଷ କୁମାର ଦାସ ମହାପାତ୍ର, ସାଗର କୁମାର ଦଳନାଏକ, ହରପ୍ରିୟା ନାୟକ, ରୂପାଲି ରଚନା ପାତ୍ର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ୨ ଜଣ ଲେଖାଏଁ ମୋଟ ୫୨ ଜଣ ଜିଲ୍ଲା ସାଧନ କର୍ମୀ ଯୋଗଦାନ କରିଥିଲେ ।

## ବିପୁଳ ପରିମାଣର ବାଣ ଜବତ: ମାଲିକ ଗିରଫ

ନୀଳଗିରି , ୨୯/୯ (ନି.ପ୍ର): ନୀଳଗିରି ଥାନା ଅନ୍ତର୍ଗତ ଈଶ୍ୱରପୁର ଫାଣ୍ଡି ମର୍ଦ୍ଦରାଜପୁର ଗ୍ରାମର ପ୍ରାଣବନ୍ଧୁ ଜେନାଙ୍କ ପୁଅ ବାଇଧର ଜେନା(୫୯)ଙ୍କ ଘରୁ ପ୍ରାୟ ଦେଢ଼ଲକ୍ଷ ଟଙ୍କାର ବିସ୍ଫୋରକ ବାଣ ଗଚ୍ଛିତ ରଖିଥିବା ବିଶେଷସୂତ୍ରରୁ ଖବରପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇ, ଏପିଆର ଫୋର୍ସ ଏବଂ ଅନ୍ୟ ପୋଲିସ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଅପରାହ୍ନ ପ୍ରାୟ ୨ଟା ସମୟରେ ବାଇଧର ଜେନାଙ୍କ ଘରେ ରେଡକରି ବିଭିନ୍ନ ପ୍ରକାରର ବାଣ ଜବତ କରିବା ସହିତ ଅଭିଯୁକ୍ତ ବାଇଧର ଜେନାଙ୍କୁ ଅଟକ ରଖିଥିବା ସୂଚନା ମିଳିଛି। ଏନେଇ ନୀଳଗିରି ଥାନାରେ ୩୮୦/ ୨୫ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଅଧିକ ତଦନ୍ତ ଜାରି ରଖିଛି।

## ଜୁମିଦ୍ ଖେରଓ୍ୱାଲ ଆଥଲେଟିକ କ୍ଲବ ଆନୁକୂଲ୍ୟରେ ୩୪ତମ ଦୁଇଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ନୀଳଗିରି, ୨୯/୯ (ନି.ପ୍ର): ନୀଳଗିରି ବ୍ଲକ ଭଉଁରିଆବାଡ଼ ପଞ୍ଚାୟତ ତେରଲଡ଼ିହି ଖେଳପଡିଆରେ ଜୁମିଦ ଖେରଓ୍ୱାଲ ଆଥଲେଟିକ ଏଣ୍ଡ କଲଚୁରାଲ କ୍ଲବ(ଜେକେଏସି)ଆନୁକୂଲ୍ୟରେ ୩୪ ତମ ଦୁଇଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୋମବାର ଉଦ୍ଘାଟନୀ ଦିବସରେ ଉକ୍ତ ଅନୁଷ୍ଠାନର ଉଦ୍ୟକ୍ତା ମାନଙ୍କ ମଧ୍ୟରୁ ସ୍ୱର୍ଗତ ନିମାଇଁ ଚରଣ ମାଝୀ, ସ୍ୱର୍ଗତ କୈଳାସ ଚନ୍ଦ୍ର ମାଝୀ,ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମାଝୀ,ସ୍ୱର୍ଗତ ବ୍ରଜକିଶୋର ମାଝୀଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଶୁଭାରମ୍ଭ କରିବାସହିତ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ l ସମ୍ମାନିତଅତିଥି ଭାବେ ରିଜର୍ଭ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ମଦନମୋହନ ମାଝୀ ଯୋଗଦେଇ ଅନୁଷ୍ଠାନର ସ୍ୱର୍ଗବାସି ଉଦ୍ୟକ୍ତା ମାନଙ୍କ ଫୋଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣକରିବା କ୍ଲବର ଏପରି କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବ୍ୟାଙ୍କଶାଖା ପରିଚାଳକ ଶରତ ଚନ୍ଦ୍ର ମାଝୀ, ଅବସରପ୍ରାପ୍ତ ଜେଲ ଡିଆଇଜି ରଘୁନାଥ ମାଝୀ, ଅବସରପ୍ରାପ୍ତ ପୋଲିସ ଏସଆଇ ଲମ୍ବୋଧର ମାଝୀ, ଅବସରପ୍ରାପ୍ତ ପୋଲିସ କର୍ମଚାରୀ ତଥା ଉକ୍ତ କ୍ଲବର ପ୍ରତିଷ୍ଠାତା ସୁବ୍ରତ କୁମାର ମାଝୀ ଉପସ୍ଥିତ ଥାଇ ନିଜନିଜର ଅଭିଭାଷଣ ରଖିଥିଲେ। ପୂର୍ବାହ୍ନ ୧୧ଘଟିକା ସମୟରେ ଖେଳ ଆରମ୍ଭ ହୋଇଥିବାବେଳେ ଭୂମିଜ ଏଣ୍ଡ ଭୂମିଜ ଟିମ ସହିତ ମହାବଳିଆ ଏଫସି, ସିଂ ବ୍ରଦର୍ସ ଏଫସି ସହିତ ବଡକାଳିଆ ଟିମ, ଇଲେଭେନ ଫାଇଟର ସହିତ ଜଙ୍ଗଲୀ ଟାଇଗର, ସୁନାମି ଏଫସି ସହିତ ଓ୍ୱେଷ୍ଟ ବେଙ୍ଗଲର ବନଲତା ଏଫସି ଦଳ ମଧ୍ୟରେ ପ୍ରଥମ ଦିବସୀୟ ଖେଳ ହୋଇଥିଲା। ବୃଷଭାନୁ ମହାପାତ୍ର ଭାଷ୍ୟକାର ଭାବେ ଖେଳର ଧାରାବିବରଣୀ ପ୍ରଦାନକରିଥିବା ବେଳେ ରତନ କୁମାର ସ୍ୱାଇଁ ଓ ଅନ୍ୟ ଛଅଜଣ ରେଫରି ଖେଳ ପରିଚାଳନାର ଗୁରୁଦାୟିତ୍ୱ ବହନ କରିଥିଲେ। ଅନୁଷ୍ଠାନର ସଭାପତି ଭରତ ଚନ୍ଦ୍ର ମାଝୀ, ସମ୍ପାଦକ ଗୋବିନ୍ଦ ମାଝୀ, ସଭ୍ୟ ପଙ୍କଜ ମାଝୀ, ଅଜୟ ମାଝୀ, ମାନସ ମାଝୀ, ଗୋସଦେଇ ମାଝୀ, ବାଇଧର ମାଝୀ, ବିଶ୍ୱନାଥ ମାଝୀ ପ୍ରମୁଖ ଖେଳ ପରିଚାଳନା ସହ ଶାନ୍ତିଶୃଙ୍ଖଳାର ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ହଜାର ହଜାର ସଂଖ୍ୟାରେ ଦର୍ଶକ ଟୁର୍ଣ୍ଣାମେଣ୍ଟକୁ ମନୋଭରି ଉପଭୋଗ କରିଥିଲେ। ଆଜି ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବ ଥିବା ବେଳେ ସନ୍ଧ୍ୟାରେ ଆଦିବାସୀ ଯାତ୍ରା ହେବାର କାର୍ଯ୍ୟକ୍ରମ ରହିଥିବା କମିଟି ତରଫରୁ ସୂଚନା ମିଳିଛି।

## ସମୁଦ୍ର ମତ୍ସ୍ୟଜିବୀ ମାନଙ୍କ ନିମନ୍ତେ ଜରୁରୀ ସୂଚନା ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି

ଖୋର୍ଦ୍ଧା , ୨୯/୯ (ନି.ପ୍ର): ବଙ୍ଗୋପସାଗର ମଧ୍ୟରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଭୀଷଣ ସାମୁଦ୍ରିକ ଝଡ଼ ରୁପନେବାର ସମ୍ଭାବନା ଅଛି । ଏହା ଦ୍ୱାରା ଅକ୍ଟୋବର ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଅଂଚଳରେ ପାଗ ମେଘୁଆ ଓ ଥଣ୍ଡା ରହିବ ଏବଂ ସମୁଦ୍ର ମଧ୍ୟରେ ୩୫ ରୁ ୪୫ କିଲୋମିଟର ଓ ସର୍ବାଧିକ ୫୫ କିଲୋମିଟର ବେଗରେ ଘଣ୍ଟା ପ୍ରତି ସାମୁନ୍ଦ୍ରିକ ଝଡ଼ ପବନ ବହିବାର ସମ୍ଭାବନା ଅଛି ବୋଲି ଭାରତୀୟ ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେଇଛି । ଏହି ସାମୁଦ୍ରିକ ଝଡ଼ ଦ୍ୱାରା ଉତ୍ତର ଓ କେନ୍ଦ୍ର ବଙ୍ଗୋପ ସାଗର ସମୁଦ୍ର ଅଶାନ୍ତ ରହିବ । ମତ୍ସ୍ୟ ଜିବୀ ମାନେ ଅକ୍ଟୋବର ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ସମୁନ୍ଦ୍ର ମଧ୍ୟକୁ ପ୍ରବେଶ ନ କରିବାକୁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ବହୁଳ ପରିମାଣର ପୋଚ ଓ ଦେଶି ରନ୍ଧା ମଦ ନଷ୍ଟ କଲା ଅବକାରୀ ବିଭାଗ



ବୈଶିଙ୍ଗା , ୨୯/୯ (ନି.ପ୍ର): ପବିତ୍ର ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜା ର ପାର୍ବଣ ଋତୁ ସମୟରେ ଚୋରା ଦେଶି ମଦ ବ୍ୟବସାୟ କୁ ଜୋରଦାର କରିବା ନିମନ୍ତେ ବହୁଳ ପରିମାଣର ମଦ ପ୍ରସ୍ତୁତ କରି ବ୍ୟବସାୟ କରିବାର ସ୍ୱପ୍ନ କୁ ଭଣ୍ଡୁର କଲା ବେତନଟୀ ଅବକାରୀ ବିଭାଗ । ବିଶେଷ ସୂତ୍ରରୁ ଖବର ପାଇ ବେତନଟୀ ଅବକାରୀ ଥାନା ଏସ ଆଇ ପ୍ରଦୀପ କୁମାର ବେହେରା ଜିଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଙ୍କ ସହ ଯୋଗାଯୋଗ କରିଥିଲେ । ସୋମବାର ସକାଳୁ ସଦଳବଳେ ଉଦଳା ଏସ ଆଇ ସଞ୍ଜୟ କୁମାର କାଣ୍ଡି, ଖୁଣ୍ଟା ଏସ ଆଇ ମମତା କୁମାରୀ ଦାଶ, ଉଦଳା ଏସ ଆଇ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ସମେତ ବିଭାଗର ଦକ୍ଷ କର୍ମଚାରୀ ମାନେ ବଡ଼ସାହି ଥାନା ଅଧୀନ ଅସ୍ତ ଝରଣ ଠାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଅତର୍କିତ ଚଢ଼ାଉ କରିଥିଲେ । କୌଣସି ସୂତ୍ରରୁ ଖବର ପାଇ ଚୋରାଦେଶି ମଦପ୍ରସ୍ତୁତକାରୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଅବକାରୀ ବିଭାଗ ଘଟଣା ସ୍ଥଳରୁ ପ୍ଲାଷ୍ଟିକ ଡ୍ରମ ଓ ଜାର ରେ ମଦ ପ୍ରସ୍ତୁତ ହେବାକୁ ଥିବା ପୋଚକୁ ଉଦ୍ଧାର କରି ଜବତ କରିବା ସହିତସାଢ଼େ ଚଉଦ ହଜାର କେଜି ପୋଚ ଓ ୮୬୦ ଲିଟର ଚୋରା ଦେଶି ରନ୍ଧା ମଦ କୁ ନଷ୍ଟ କରିଦେଇଥିଲେ । ମଦ ଓ ପୋଚ ପ୍ରସ୍ତୁତ ପାତ୍ର ଗୁଡିକୁ ଅବକାରୀ ବିଭାଗ ଜବତ କରିଛି ବୋଲି ବେତନଟୀ ଅବକାରୀ ଥାନା ଏସ ଆଇ ଶ୍ରୀ ବେହେରା ପ୍ରକାଶ କରିଛନ୍ତି ।

## ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ହେଲେ କଂଗ୍ରେସର ମୟୂରଭଂଜ (ପୂର୍ବ) ଜିଲ୍ଲା ସଭାପତି



ଉଦଳା, ୨୯/୯ (ନି.ପ୍ର): ଉଦଳା ସହରର ବାସିନ୍ଦା ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ କଂଗ୍ରେସ ଦଳର ମୟୂରଭଂଜ (ପୂର୍ବ) ଜିଲ୍ଲା ସଭାପତି ଭାବରେ ମନୋନିତ ହୋଇଥିବାର ଜଣାଯାଇଛି । ଉକ୍ତ ଖବର ପ୍ରଚାରିତ ହେବା ପରେ କପ୍ତିପଦା ଉପଖଣ୍ଡ ସମେତ ସମଗ୍ର ଜିଲ୍ଲାର କଂଗ୍ରେସ କର୍ମିଙ୍କ ମହଲରେ ନୂଆ ଉତ୍ସାହ ଖେଳି ଯାଇଛି । କଂଗ୍ରେସ ଦଳର ତୃଣମୂଳ ସ୍ତରର ସଂଗଠନକୁ ମଜଭୁତ କରିବାରେ ପୂର୍ଣ୍ଣଚନ୍ଦ୍ରଙ୍କର ବେଶ ଭଲ ଦକ୍ଷତା ରହିଛି ବୋଲି ଅନେକ ମତ ଦେଇଛନ୍ତି । ଉଦଳା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ସଭାପତି ଭାବରେ ନିର୍ବାଚିତ ହୋଇ ପୂର୍ଣ୍ଣଚନ୍ଦ୍ର ନିଜର ରାଜନୀତି କ୍ୟାରିଅର ଆରମ୍ଭ କରିଥିଲେ । ଜଣେ ଭଲ ଛାତ୍ରନେତା ଭାବରେ ଆଜିବି ତାଙ୍କର ସୁନାମ ଶୁଣିବାକୁ ମିଳେ । ପରେ କଂଗ୍ରେସ ଦଳରେ ଯୋଗଦେବା ସହ ଶୃଙ୍ଖଳିତ ସଦସ୍ୟ ଭାବରେ ନିଜର ଦାୟିତ୍ୱ ତୁଲାଉଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦ କାଉନସିଲର ଭାବରେ ନିର୍ବାଚିତ ହୋଇ କଂଗ୍ରେସର ହାତମୁଠାକୁ ଟାଣ କରିବା ସହ ବିଭିନ୍ନ ଗଠନ ମୂଳକ କାମରେ ନିଜକୁ ସାମିଲ କରିଥିଲେ । ଏହିଭଳି ଜଣେ ଦକ୍ଷ ରାଜନେତା ଜିଲ୍ଲା ସଭାପତି ଦାୟିତ୍ୱ ଗ୍ରହଣ କରିଥିବାରୁ କଂଗ୍ରେସ କର୍ମି ମାନଙ୍କ ମହଲରେ ଆନନ୍ଦର ମାହୋଲ ଦେଖିବାକୁ ମିଳିଛି । ତେବେ ଖୁବ ନିକଟରେ ଏକ ସାମ୍ବାଦିକ ସମ୍ମିଳନି ଡ଼ାକି ପୂର୍ଣ୍ଣଚନ୍ଦ୍ର ଦଳର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବେ ବୋଲି ଶୁଣିବାକୁ ମିଳୁଛି ।

## ବଢାପାଳରେ ବାଲି ଉତ୍ତୋଳନକୁ ନେଇ ପଞ୍ଚାୟତସ୍ତରୀୟ ବୈଠକ

ବାଲିଆପାଳ , ୨୯/୯ (ନି.ପ୍ର): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ବଢାପାଳ ଠାରେ ଦିନକୁଦିନ ବେଆଇନ ବାଲି ଉତ୍ତୋଳନ ବଢ଼ିବାରେ ଚାଲିଛି। ପ୍ରତ୍ୟେକ ଦିନ ବାଲି ମାଫିଆ ମାନେ ତିରିଶିରୁ ଅଧିକ ନୈକା ସାହାଯ୍ୟରେ ସୁବର୍ଣ୍ଣ ରେଖାନଦୀ ଗର୍ଭରୁ ବାଲି ଉତ୍ତୋଳନ କରି ୫୦ ରୁ ଅଧିକ ଟ୍ରାକ୍ଟରରେ ବାଲି ଚାଲାଣ କରୁଛନ୍ତି । ଅସାଧୁ ବ୍ୟବସାୟୀମାନେ ଦିନ ରାତିକୁ ଏକ କରି ବାଲି ଚୋରି କରି ମାଲେମାଲ ହେଉଛନ୍ତି। ଏମାନଙ୍କୁ ପ୍ରଶାସନର ଭୟ ନାହିଁ କିଛି ମାନୁନାହାନ୍ତି । ଖଣି ଅଧିକାରୀଙ୍କ ସହିତ ମାଫିଆ ମାନଙ୍କ ଶଲାସୁତୁରାରେ ଚାଲିଛି ଏହି କାରବାର ବୋଲି ଲୋକେ ଅଭିଯୋଗ କରିଛନ୍ତି। ଗାଁ ରାସ୍ତାରେ ଏତେ ମାତ୍ରାରେ ଟ୍ରାକ୍ଟର ଯିବା ଆସିବା କରୁଥିବାରୁ ପିଲାଙ୍କୁ ସ୍କୁଲ ଛାଡିବା ପାଇଁ ଅମଙ୍ଗ ହେଉଛନ୍ତି ଅଭିଭାବକ। ଗାଡି ଗୁଡ଼ିକ ଦ୍ରୁତଗତୀରେ ଯାତାୟାତ କରୁଥିବାରୁ ସାଧାରଣ ଲୋକ ମଧ ଯିବାଆସିବା କରିବାକୁ ନିରାପଦ ମଣୁନାହାନ୍ତି । ଏହାବ୍ୟତୀତ ଏମିତି ବାଲି ଉତ୍ତୋଳନ ଆଗକୁ ଚାଲିଲେ ନଦୀ ଗର୍ଭରେ ଗାଁ ଗୁଡ଼ିକ ଲୀନ ହେବାର ସମ୍ଭାବନା ରହିଛି । ଗ୍ରାମବାସୀ ମାନେ ଭୟଭୀତ ହୋଇ ସରପଞ୍ଚଙ୍କୁ ଏହାର ତ୍ୱରିତ ସମାଧାନ ପାଇଁ ଜଣାଇଥିଲେ। ଏନେଇ ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ରବିବାର ସନ୍ଧ୍ୟାରେ ପୂର୍ବତନ ସରପଞ୍ଚ ଶରତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅସ୍ତି ପଞ୍ଚାୟତ ଅଫିସ୍ ଠାରେ ବିଭିନ୍ନ ଗ୍ରାମର ମୁଖିଆ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରାମବାସୀମାନେ ବାଲି ଉତ୍ତୋଳନକୁ ସମ୍ପୂର୍ଣ୍ଣ ରୁପେ ବିରୋଧ କରିବା ସହିତ ବାଲି ଉତ୍ତୋଳନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଉ ବୋଲି ଦାବି କରିଥିଲେ।ତେଣୁ ସର୍ବସମ୍ମତିକ୍ରମେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚୋରା ବାଲି ଉତ୍ତୋଳନକୁ ବନ୍ଦ କରାଯାଇଛି। ଏହି ବୈଠକରେ କାର୍ତ୍ତିକ ପାତ୍ର, କମଳାକାନ୍ତ ପାତ୍ର , ଅଜୟ ଦାସ, ବଟକୃଷ୍ଣ ଜେନା,ମାନସ ଦାସ, କିଶୋର ପାତ୍ର, ରାଜୀବ ଜେନା,ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ - ଟ୍ରାକ୍ଟର ଦୁର୍ଘଟଣାରେ ବାପା, ମାଆ, ପୁଅ ଗୁରୁତର : ବାଲେଶ୍ୱର ସ୍ଥାନାନ୍ତର

ବୈଶିଙ୍ଗା , ୨୯/୯ (ନି.ପ୍ର): ଆଜି ସୋମବାର ପୂର୍ବାହ୍ନରେ ବୈଶିଙ୍ଗା - ମାଣତ୍ରୀ ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ବାପା, ମାଆ, ପୁଅ ଏକ ବାଇକରେ ମାଣତ୍ରୀ ଯାଉଥିବା ସମୟରେ ଲେବର ନେଇ ଆସୁଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେବା ଯୋଗୁଁ ତିନି ଜଣ ଯାକ ଆହତ ଅବସ୍ଥାରେ ବୈଶିଙ୍ଗା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ନିଆ ଯାଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ମାଣତ୍ରୀ ଗ୍ରାମ ର ପୂର୍ଣ୍ଣଚନ୍ଦ୍ର ମହାରଣା ଙ୍କ ପୁତ୍ର ଦୈତାରୀ ମହାରଣା (୪୫) ନିଜ ସ୍ତ୍ରୀ ଗୀତାଞ୍ଜଳୀ ମହାରଣା (୪୦) ଓ ପୁତ୍ର ଈଶାନ ସ୍ୱରୂପ (୨୦) ଙ୍କୁ ନେଇ ନିଜ ଶ୍ୱଶୁର ଘର ଜୁଗୁପୁରା ରୁ ସକାଳ ୮ ଘଟିକା ସମୟରେ ମାଣତ୍ରୀ ଯାଉଥିବା ସମୟରେ ଭଲଡିହ ପେଟ୍ରୋଲ ପମ୍ପ ନିକଟରେ ଟ୍ରାକ୍ଟର ଟି ଧକ୍କା ଦେଇ ପଳାଇ ଯାଇଥିଲା । ସଙ୍ଗେ ସଙ୍ଗେ ପାଖ ଲୋକ ଙ୍କ ଜରିଆରେ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ । ତିନି ଜଣଙ୍କର ଗୋଡ ଭାଙ୍ଗି ଯାଇଥିବାର ଜଣା ଯାଇଥିଲା । ଡାକ୍ତର ସମସ୍ତ ଙ୍କର ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ରେଫର କରି ଦେଇଥିବା ଜଣାଯାଇଛି ।

## ଆରବିଆଇ ଡେପୁଟି ଗଭର୍ଣ୍ଣର ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ପ୍ରଭାତୀ ପରିଡାଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୨୯/୯ (ନି.ପ୍ର): ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆରବିଆଇର ଡେପୁଟି ଗଭର୍ଣ୍ଣର ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ତାଙ୍କ ନିଯୁକ୍ତି ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସରେ ଶ୍ରୀମତୀ ପରିଡା ଲେଖିଛନ୍ତି ଆମ ଓଡ଼ିଶା ମାଟିର ପୁଅ ଶ୍ରୀ ଗିରୀଶ ଚନ୍ଦ୍ର ମୁର୍ମୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଡେପୁଟି ଗଭର୍ଣ୍ଣର ଭାବରେ ନିଯୁକ୍ତି ପାଇଥିବାରୁ ତାଙ୍କୁ ଅଶେଷ ଅଭିନନ୍ଦନ ଜଣାଉଛି । ଶ୍ରୀ ମୁର୍ମୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida